279

# ଝିଆଗଢ଼

17 JUL 1959



ଅନନ୍ତ ନାରାୟଣ ପଟ୍ଟନାୟକ

# ଭଙ୍ଗାଗଢ଼ା

ଅନନ୍ତ ନାରାୟଣ ପଟ୍ଟନାୟକ

ସଂଘ ଲାଇବ୍ରେରୀ
ନଂ
ତା 17 JUL 1959
ରାଉରକେଲା

ପ୍ରକାଶକ
ଜନ-ସାହିତ୍ୟ ପ୍ରକାଶନ
କଟକ—୧

ନୂତନ ସଂସ୍କରଣ
୧୯୫୮

ମୂଲ୍ୟ—ଏକଟଙ୍କା

ମୁଦ୍ରକ
କୃଷକ ପ୍ରେସ
କଟକ—୧

ନଂ 227
ତା 17 JUL 1959
ରାଉରକେଲା

ରାତି ଅଧରୁ ଅଧିକ ହେଲାଣି । ତେବେ ବି ଝଡ଼ ଥମିନି । ଚଡ଼ ଚଡ଼ ଘଡ଼ ଘଡ଼ ସହ ପ୍ରବଳ ବର୍ଷା ଆଉ ବତାସ । ପୃଥିବୀ ଗଭୀର ନିଦ୍ରାମଗ୍ନ ।

ଅମଳ ଚଦରକୁ ଗୁଡ଼ି ଉପରକୁ ଟାଣି ଆଣିଲା । ଶୀତ ବେଶ ଅନୁଭୂତ ହେଉଛି । ପୁଣି ଶୋଇବାକୁ ଉପକ୍ରମ କଲା ସେ ।

ହଠାତ୍ ତା' କାନରେ ବାଜିଲା ଗୋଟିଏ ଶିଶୁର କ୍ରନ୍ଦନ ସ୍ୱର । ଖୁବ୍ ନିକଟରେ ଯେମିତି ଗୋଟିଏ ଶିଶୁ ବ୍ୟାକୁଳ ହୋଇ କାନ୍ଦୁଚି । ନିଦ୍ରାଳୁ ମନର ଭ୍ରମ ଭାବି ସେ ପୁଣି ଶୋଇବାକୁ ଚେଷ୍ଟା କଲା । କିନ୍ତୁ ଶୋଇ ପାରିଲା ନାହିଁ । କାନ୍ଦର ମାତ୍ରା ବଢ଼ିଲା ।

ଆଶ୍ଚର୍ଯ୍ୟ ହେଲା ସେ । ଠିକ୍ କରି ପାରିଲା ନାହିଁ କେଉଁଠାରୁ ଏଇ ସ୍ୱର ଆସୁଛି । ସେଥିରେ ପୁଣି ଏତେ ରାତିରେ ଏଇ ଝଡ଼ ତୋଫାନରେ ?

ଉଠିପଡ଼ି ଲାଇଟ ଅନ୍ କଲା ଅମଳ ।

ଝରକା ଖୋଲି ବାହାରକୁ ଚାହିଁଲା । ବର୍ଷା ସେମିତି ଆଗପରି ଲାଗିଛି । ବିଜୁଳି ଚମକରେ ସେ ଦେଖି ପାରିଲା ତଳେ ବାରଣ୍ଡାକୁ ଆଉଜି ଯୁବତୀଟିଏ ଗୋଟିଏ ଶିଶୁକୁ କୋଳାଗ୍ରତ କରି ଛିଡ଼ା ହୋଇଛି । ଶିଶୁର କାନ୍ଦରେ ଯୁବତୀଟି ବି ଭୟରେ ଥରି ଉଠୁଛି । ସେ ଚେଷ୍ଟା କରୁଛି ଶିଶୁକୁ ବୋଧ ଦେବାକୁ, କିନ୍ତୁ ସେଥିରେ ସେ ସଫଳ ହୋଇ ପାରୁନି । ଥଣ୍ଡାରେ ଶିଶୁଟି ଆହୁରି ବ୍ୟାକୁଳ ହୋଇ କାନ୍ଦୁଛି । କବାଟ ଖୋଲି ପାଟିକରି ସେ ଚାକରକୁ ଡାକିଲା, ଶାନ୍ତନୁ!

ଦୁଇ ତିନ ଡାକରେ ବୁଢ଼ା ଚାକର ଶାନ୍ତନୁ ନିଦରୁ ଉଠି ଆଖି ମଳି ମଳି ଆସି ଛିଡ଼ା ହେଲା ଆଗରେ ।

ଦେଖିଲ, ତଳ ବାରଣ୍ଡାରେ କିଏ ଜଣେ ଛୁଆଁକୁ ଧରି ଛିଡ଼ା ହେଇଛି । ଥଣ୍ଡାରେ ପିଲାଟି କାନ୍ଦୁଛି । ତା'କୁ ବାହାର ଘରେ ରହିବାକୁ ଦେ । ବିଚାରୀ ବର୍ଷାରେ ତିନ୍ତୁଛି ।...

କିଏ ଜଣେ ଭିକାରୁଣୀଟେ ହୋଇଥିବ ଆଜ୍ଞା । ତା'କୁ କଣ ଘରେ ପୂରାଇବା ?...ଶାନ୍ତନୁ ପ୍ରକୃତିସ୍ଥ ହୋଇ ସାରିଥିଲା ସେତେବେଳକୁ ।

ଭିକାରୁଣୀ ହେଲେ କଣ ହେଲା ? ସେ ବି ତ ମଣିଷ । ଯା ଶାନ୍ତନୁ, ତା'କୁ ଘର ଭିତରକୁ ନେଇଆ । ଆଉ କିଛି ସମୟ ଏମିତି ବର୍ଷା ତୋଫାନରେ ରହିଲେ ପିଲାଟି ବଞ୍ଚିବ ? ଯା ଶୀଘ୍ର ! ଆଉ କିଛି କହିବାକୁ ସାହସ ନକରି ଶାନ୍ତନୁ ତଳ ମହଲାକୁ ଚାଲି ଆସିଲା ।

ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ଲାଇଟ୍ ଅଫ କରି ପୁଣି ଶୋଇବାକୁ ଚେଷ୍ଟା କଲା ଅମଳ । କିଛି ସମୟ ଏ ପାଖ ସେ ପାଖ ହୋଇ ଆରାମରେ ଶୋଇପଡ଼ିଲା ।

ଆକାଶ ନିର୍ମଳ ହୋଇ ଯାଇଛି । ପୂର୍ବପଟେ ସିନ୍ଦୁରା ଫାଟି-ଲାଣି । ଆଉ ବର୍ଷାର ଆଶଙ୍କା ନାହିଁ । ମେଘ ଉଭେଇ ଯାଇଛି ।

ଜୀବନର ଆଉ ଗୋଟିଏ ରାତି ବିତି ଗଲା । ଅମଳ ଆଖି ଖୋଲି ଦେଖିଲା ସୂର୍ଯ୍ୟରଥ ଆଗେଇ ଚାଲିଛି । ଆଠଟା ବାଜିଲାଣି । ପଲଙ୍କ ଉପରୁ ଉଠି ଆସିଲା ସେ । ଥରେ ଚାରିଆଡ଼କୁ ଦୃଷ୍ଟି ଫେରାଇ ଆଣିଲା । ବାହାରେ ଅପେକ୍ଷା କରିଛି ଶାନ୍ତନୁ, ତା'ର ବିଶ୍ୱସ୍ତ ବୁଢ଼ା ଚାକର ! କବାଟ ଖୋଲି ବାହାରକୁ ଆସିଲା ଅମଳ । ମୁହଁ ହାତ ଧୋଇ ସୋଫା ଉପରେ ବସି ସେଇ ଦିନର ଖବର କାଗଜଟି ଓଲଟାଇ ପଢ଼ିବାକୁ ଲାଗିଲା ସେ ।

ନଂ... ତା 17 JUL

ଶାନ୍ତନୁ ଯ୍ୟା ଭିତରେ ଚା' ଜଳଖିଆ ତା' ସାମନାରେ ରଖି ଅପେକ୍ଷା କରିଛି । ସହସା ଅମଲର ମନେ ପଡ଼ିଲା ଗତ ରାତିର ସେଇ ଯୁବତୀ ଏବଂ ତା' ଶିଶୁଟିର କଥା । ସେଇ ଝିଅଟି ଚାଲି ଗଲାଣି ଶାନ୍ତନୁ ? ···ପଚାରିଲା ସେ ଶାନ୍ତନୁ ମୁହଁକୁ ଚାହିଁ । ଶାନ୍ତନୁ ପ୍ରଥମେ ତା'ର ପ୍ରଶ୍ନ ବୁଝି ନପାରି ପଚାରିଲା ଆଖିରେ ଚାହିଁଲା ତା'କୁ ।

—ସେଇ ଝିଅଟି, କାଲି ରାତିରେ ଝଡ଼ ବର୍ଷାରେ ଯିଏ···

—ନାଇଁ ଆଜ୍ଞା । ସେ ଯାଇନି । ତା'ର ପିଲାଟି ଦେହ ଭଲ ନାହିଁ ।

ଏ ଖବରରେ ବ୍ୟସ୍ତ ହୋଇ ଉଠିଲା ଅମଲ । ଆମ୍ଲେଟ୍‌ରୁ କିଛି ଅଂଶ ପାଟି ପାଖକୁ ନେଇ ମଧ୍ୟ ସେ ଖାଇ ପାରିଲାନି । ସେଗୁଡ଼ିକ ପ୍ଲେଟ ଉପରେ ରଖିଦେଇ ପଚାରିଲା, କଣ ହୋଇଛି ତା'ର ? କେଉଁଠି ଅଛି ସେ ?

—ମୋ ଘରେ ତା'କୁ ରଖିଛି ଆଜ୍ଞା । ଝିଅଟିର ଅବସ୍ଥା ଦେଖିଲେ ମନରେ ଦୟା ଆସୁଛି । ସେ ଭିକାରଣୀ ନୁହେଁ ଆଜ୍ଞା ! ଅବସ୍ଥା ତା'କୁ ଭିକାରୁଣୀ କରିଛି ।···ଶାନ୍ତନୁର କଥାରେ ଦୟା ଏବଂ କରୁଣା ଫୁଟି ଉଠୁଥିଲା ।

—ତୁ ଯାଇ ଡାକ୍ତରଙ୍କୁ ଡାକି ଆଣି ଦେଖା । ଯଦି ପିଲାଟିର ଆଉ କିଛି ହୋଇ ଯାଏ··· କହି ପାରିଲା ନାହିଁ ଅମଲ । ମନେ ମନେ ସେ କେତେ କଣ ଭାବିବାକୁ ଲାଗିଲା । ପର ମୁହୂର୍ତ୍ତରେ ସେ ଉଠି ଠିଆ ହେଲା ।

ଶାନ୍ତନୁ ଡାକ୍ତରକୁ ଡାକିବାକୁ ଚାଲି ଯିବାପରେ ସେ ଶାନ୍ତନୁ ରହୁଥିବା କୋଠରୀ ଆଡ଼କୁ ଆସ୍ତେ ଆସ୍ତେ ଆଗେଇଲା ।

ପିଲାଟି ଶୋଇଛି—ତାର ମୁଣ୍ଡ ପାଖରେ ବସିଛି ସେ ଯୁବତୀଟି । ବୟସ ବେଶୀ କିଛି ନୁହେଁ । ସତର ଅଠର ବରଷର ଝିଅଟିଏ । ପତଳା ଗଢ଼ଣ । ଏ ଦୁର୍ଦ୍ଦଶାରେ ମଧ୍ୟ ତା'ର ରୂପ ଲାବଣ୍ୟ ଫୁଟି

ଉଠୁଥିଲା ଗୋଟଏ ସଜ ରକ୍ତଗୋଲାପ ପରି । ସେ ପିନ୍ଧିଥାଏ ଗୋଟଏ ଅତି ସାଧାରଣ ଧଳା ଶାଢ଼ି ଆଉ ଠିକ୍ ସେଇ ଶାଢ଼ିକୁ ଖାପ ଖାଇଲାପରି ତା'ର ଉନ୍ମୁଖ ଯୌବନକୁ ଘୋଡ଼ାଇ ରଖିଥିଲା ଗୋଟିଏ ଧଳା ବ୍ଲାଉଜ୍ ।

ଅମଳ ଦ୍ୱାର ମୁହଁରେ ଛିଡ଼ାହୋଇ କିଛି ସମୟ ଚାହିଁ ରହିଲା ସେଇ ଝିଅଟିକୁ । ଝିଅଟିର ସର୍ବାଙ୍ଗରେ ଥରେ ଦୃଷ୍ଟି ବୁଲାଇ ଆଣୁ ଆଣୁ ପିଲାଟି ଉପରେ ଦୃଷ୍ଟି ଅଟକିଗଲା । ଯୁବତୀଟି ପିଲାର ମୁଣ୍ଡ ଉପରେ ହାତ ଥୋଇ ବସି ରହିଛି । ଦୁଇ ଆଖିରୁ ଦୁଇ ଧାର ଲୁହ ଖସିଆସି ଗାଲ ଉପରେ ଶୁଖିଯାଇଛି । ଅମଳ ତା' ନିକଟକୁ ଯାଇ ନୀରବରେ ଛିଡ଼ା ହେଲା ।

ପାଦଶବ୍ଦରେ ଯୁବତୀଟି ଚମକି ଉଠି ପଛକୁ ଚାହିଁ ଦେଖିଲା ଅମଳକୁ । ଅପ୍ରସ୍ତୁତ ହୋଇ ସେ ଉଠି ଛିଡ଼ା ହେଲା ଅମଳଠାରୁ କିଛି ଦୂରରେ ।

ଅମଳ ପ୍ରଥମେ କଣ କହିବ କିଛି ଠିକ୍ କରି ପାରିଲା ନାହିଁ । କିଛି ସମୟର ନୀରବତା ପରେ ତା' ମୁହଁରୁ ବାହାରି ଆସିଲା ଆପେ ଆପେ—ମୁଁ···ମୁଁ ପିଲାଟାକୁ ଦେଖିବାକୁ ଆସିଥିଲି । ଶାନ୍ତନୁ କହୁଥିଲା ତା' ଦେହ କଣ ହେଉଛି···କଣ ହେଇଛି ? କହି ସାରି ଅମଳ ଦେଖିଲା ଝିଅଟି ଅମଳକୁ ଗୋଟିଏ ଲୟରେ ଚାହିଁ ରହିଛି । ସେ ଜାଣି ପାରୁନଥିଲା ହୁଏତ ଏଇ ଯୁବକଟି କିଏ ଆଉ କାହିଁକି ତା ପାଖକୁ ଏମିତି ବ୍ୟସ୍ତ ହୋଇ ଧାଇଁଆସିଛି । ସେ ଦେଖୁଥିଲା ଅପଲକ ଦୃଷ୍ଟିରେ ଏବଂ ଭାବୁଥିଲା କେତେ କ'ଣ ! ତା' ମନରେ ହଠାତ୍ ଝଡ଼ ଉଠିଲା । ପୁଣି ଥମିଗଲା । ସେ ଯେପରି କିଛି ଗୋଟାଏ ମନେ ପକାଇବାକୁ ଚେଷ୍ଟାକରି ସଫଳ ହୋଇ ପାରୁନି । ଅମଳ ପିଲାଟିକୁ ଚାହିଁରହିଛି ମୁହଁ ତଳକୁକରି ।

ଡାକ୍ତର ଆସିଲେ ।

ପ୍ରକୃତିସ୍ଥ ହେଲେ ଅମାଳ ଆଉ ସେଇ ଯୁବତୀଟି । ଡାକ୍ତର ପିଲାଟାକୁ ପରୀକ୍ଷା କରିବା ପରେ ଅମାଳକୁ ଇଂରେଜୀରେ କ'ଣ କହିଲେ । ପୁଣି ପରୀକ୍ଷାକରି ଗୋଟିଏ ଇଂଜେକ୍ସନ ଦେଇ ଚାଲି-ଗଲେ । ଅମାଳ ନୀରବରେ ଫେରି ଆସିଲା ତା' ରୁମକୁ । ପଲଙ୍କ ଉପରେ ଶୋଇରହି ପୁଣି କେତେ କଣ ଭାବି ଚାଲିଲା । ବିଗତ ଜୀବନର ସୁଖ ଦୁଃଖ ବିଜଡ଼ିତ କେତୋଟି ଘଟଣା ତା ଦୃଷ୍ଟି-ପଟରେ ଝଲସି ଉଠିଲା ।

ତାର ମଧ୍ୟ ଏମିତି ଗୋଟିଏ ପିଲା ହୋଇଥାନ୍ତା । ସେ ଆଜିଥିଲେ ଠିକ୍ ଏଇ ପିଲାଟିର ବୟସ ହୋଇଥାନ୍ତା ତାକୁ । କେତେ ଆଦର କରୁଥାନ୍ତା ସେ ନିଜର ସନ୍ତାନକୁ । ଚମକି ଉଠିଲା ସେ । ସାମାନ୍ୟ ଉତ୍ତେଜନାର ବଶବର୍ତ୍ତୀ ହୋଇ ସେ ଆଜି ସମସ୍ତଙ୍କୁ ହରାଇ ବସିଛି । କେହି ନାହାଁନ୍ତି ତା'ର ଏଇ ଦୁନିଆରେ । ଯିଏ ତା'ର ସଂସାରକୁ ଆସିଥିଲା ସେ ଚାଲିଯାଇଛି ବହୁ ଦୂରକୁ । ସେ ଆଉ ଫେରିବନି । ଅଭିମାନ କରି ସେ ତାକୁ ଚିରଦିନ ପାଇଁ ଛାଡ଼ିଗଲା ।

ଓଦାହୋଇ ଆସିଲା ତା'ର ଆଖି ଦିଓଟି । ଲୁହ କେଇଟୋପା ଝରି ପଡ଼ିଲା । ତକିଆ ଉପରେ ମୁହଁକୁ ଗୁଞ୍ଜି ସେ ପିଲାଙ୍କପରି କାଇଁ କାଇଁ ହେଇ କାନ୍ଦି ଉଠିଲା ।

ସହସା ତା'ର ଭାବନାରେ ଭଙ୍ଗା ପଡ଼ିଲା । ଆଖିର ଲୁହକୁ ପୋଛି ନେଇ ନିଜକୁ ସଂଯତ କଲା । ତାପରେ ସେ ବାହାରକୁ ଚାଲି ଆସିଲା ।

ସଡ଼କ ଲମ୍ବି ଯାଇଛି ଆଗକୁ । ଦୂର, ଅନେକ ଦୂରକୁ । ସେ ଚାଲିଛି । ବହୁ ଦୂରକୁ ସେ ଆସି ଯାଇଛି । ଗତି ବନ୍ଦ ହେଉନି । ପାଦ ଦୁଇଟି ଆଗକୁ ବଢ଼ିଚାଲିଛି ।

ସହରଠାରୁ ଅନେକ ଦୂର, ସହରଠାରୁ ବିଚ୍ଛିନ୍ନ ଗୋଟିଏ ଖୋଲା ପଡ଼ିଆ ପାଖକୁ ଆସିଗଲା ସେ । ସେ ପଡ଼ିଆ ମଝିରେ ଗୋଟିଏ ସୁନ୍ଦର ଏକ ମହଲା କୋଠାଘର । କୋଠା ଚାରିପାଖରେ ଘେରି ରହିଛି ଗୋଟିଏ ସୁନ୍ଦର ବଗିଚା ।

ଫାଟକ ଖୋଲି ଭିତରକୁ ପଶିଗଲା ସେ । ବଗିଚା ମଝିରେ ଛିଡ଼ା ହୋଇ ସେ କିଛି ସମୟ କୋଠାକୁ ଚାହିଁରହିଲା । ତାପରେ ତାଲା ଖୋଲି ଘର ଭିତରକୁ ଗଲା ନୀରବରେ ।

ଭିତରର ସାଜସଜ୍ଜାରେ କୌଣସି ଅଭାବ ନ ଥିଲା । ସୁନ୍ଦର ଏବଂ ଲୋଭନୀୟ ଭାବରେ ପରିପୂର୍ଣ୍ଣ ଘରଟି । ସୁନ୍ଦର ଏବଂ ମନ-ମୋହନ ଆଡ଼ମ୍ବରରେ ଘରଟି ଯେମିତି ତାକୁ ସ୍ୱାଗତ ଜଣାଉଥିଲା । କିନ୍ତୁ ସେଇ ଜନଶୂନ୍ୟ ଘରଟି ଯେମିତି କେଉଁ ଯୁଗରୁ କାନ୍ଦି କାନ୍ଦି ଅସ୍ଥିର ହୋଇ ଉଠିଛି ତା କୋଳରେ କାହାକୁ ରହିବାକୁ ଦେଇ ନ ପାରି ।

ସେ ଦୁଇ ତିନୋଟି ବଖରା ପାର ହୋଇ ଗୋଟିଏ ବଖରା ନିକଟରେ ଠିଆ ହୋଇ ଦେଖିଲା ବନ୍ଦ ଦ୍ୱାରକୁ । ତା'ପରେ ପକେଟରୁ ଚାବି ବାହାର କରି ଦ୍ୱାରର ତାଲା ଖୋଲି ଭିତରକୁ ପଶିଗଲା । ଭିତରପଟୁ କବାଟ ବନ୍ଦ କରିଦେଲା ସାଙ୍ଗେ ସାଙ୍ଗେ । ଘର ଭିତରଟି ନିରାଡ଼ମ୍ବର ସାଜସଜ୍ଜାରେ ମଧ୍ୟ ମହକି ଉଠୁଥିଲା ଗୋଟିଏ ଅଲୌକିକ ସୁଗନ୍ଧରେ । ସେ ଛିଡ଼ା ହେଲା ଆସି ଗୋଟିଏ ଫଟୋ ଆଗରେ । ଫଟୋଟି ଟଙ୍ଗା ହୋଇଥାଏ ଗୋଟିଏ କଳା ପର୍ଦ୍ଦାର ଆଢ଼ୁଆଳରେ । ନୀରବରେ ପର୍ଦ୍ଦାଟିକୁ ଟାଣି ଆଣିଲା ସେ । ଫଟୋଟି ଗୋଟିଏ ସୁନ୍ଦରୀ ନାରୀର । ମୁହଁଟି ଅପରୂପ ସୌନ୍ଦରେ ଝଲସି ଉଠିଛି । ଛୋଟ ଛୋଟ ଦୁଇଟି ଆଖି ଉପରେ ସରୁ ଭ୍ରୂଲତା, ମୁଣ୍ଡରେ ଓଢ଼ଣା । ଦୁଇ ଭ୍ରୂଲତା ମଝିରେ ଗୋଟିଏ ନାଲି ସିନ୍ଦୂର

ଠୋପା । ସରଳ ରେଖାପରି ଅତି ସରୁ ଓଠ ଦିଓଟି ମଝିରେ ଗୋଟିଏ ଚିର ହସ । ଛୋଟ ସୁଗୋଲ ମୁହଁ ।

ସେ ଗୋଟିଏ ଲୟରେ ଚାହିଁ ରହିଲା ଫଟଟିକୁ । ଆଖି ଓଦା ହୋଇ ଆସିଲା ତାର ସ୍ମୃତିରେ । ମୁଣ୍ଡ ତଳକୁ ନଇଁଗଲା ନମ୍ରତାରେ । ତନ୍ଦ୍ରା ଛୁଟିଲା । ଫଟଟିକୁ ଜାବୁଡ଼ି ଧରି ସେ କାନ୍ଦି ଉଠିଲା ।

ସେ ସଞ୍ଜୁ । ତାର ଧର୍ମପତ୍ନୀ । ଅଭିମାନ କରି ସେ ତାକୁ ଛାଡ଼ି ଯାଇଛି ଆଉ କେବେ ଫେରି ଆସିବା ମଧ୍ୟ ସମ୍ଭବ ନୁହେଁ ।

ସେ ସବୁଦିନ ପାଇଁ ତାକୁ ହରାଇ ବସିଛି ତା'ର ନିଜ ଭୁଲରୁ । ସାମାନ୍ୟ ଭ୍ରମରେ ପଡ଼ି ସେ ସଞ୍ଜୁକୁ ତଡ଼ି ଦେଇଛି ତା' ପାଖରୁ । ସଞ୍ଜୁ ଆଜି ନାହିଁ । କିନ୍ତୁ ସଞ୍ଜୁର ସ୍ମୃତି ଆଜି ତାକୁ ପାଗଳ କରି ତୋଳିଛି । ସେ ଆଜି ସଞ୍ଜୁ ପାଇଁ ଉଦ୍‌ଭାନ୍ତ ।

ଭାବନା ଭାଙ୍ଗିଲା । ସେ ନୀରବରେ ସଞ୍ଜୁର ନିର୍ଜୀବ ଛବିକୁ ଚାହିଁରହିଲା । ଆଜି ବି ସଞ୍ଜୁର ମୁହଁରେ ହସ ଲାଖି ରହିଛି । ସେମିତି ସବୁଦିନ ରହିଥିବ ସେଇ ହସଟି । ପର୍ଦ୍ଦାଟି ଟାଣି ଆଣିଲା । ସଞ୍ଜୁ ପୁଣି ଲୁଚିଗଲା ପର୍ଦ୍ଦା ଭିତରେ । ଫେରି ଆସିଲା ସେ ସ୍ମୃତି ଆଉ ମନକୁ ଭାରାକ୍ରାନ୍ତ କରି ।

ଶାନ୍ତନୁ ଚାହିଁ ରହିଛି ତାକୁ । ସେ ବୁଝୁଛି ଅମଳର ଦୁଃଖ, ତାର ବେଦନା । କିନ୍ତୁ ଏଇ ଦୁଃଖ କଷ୍ଟକୁ ଦୂର କରିବାକୁ କଣ ସେ କରିପାରିବ ? ସେ ଜାଣେ, ଯାହା କଲେ ବି ଅମଳର ମନରୁ ସଞ୍ଜୁର ସ୍ମୃତି ଲିଭିବନାହିଁ ।

ଦିନ ଯେତିକି ଗଡ଼ି ଚାଲିଛି ଅମଳର ବ୍ୟସ୍ତତା ବଢ଼ି ଚାଲିଛି ସେତିକି । ସେ ଆଜି କିଛି ଚାହେନ । ସେ ଚାହେ କେବଳ ତା' ପ୍ରାଣର ସଞ୍ଜୁକୁ ।

ଚଉଦଟି ଦିନ ବିତିଯାଇଛି ଏଥି ଭିତରେ । ଶେଯ ଗୃହିଣୀ ସେ ଏବେବେଳ ଯାଏ । ଖବର ଉପରକୁ ଉଠି ଆସିଛି । ଶାନ୍ତନୁ ପଲଙ୍କ ନିକଟରେ ଛିଡ଼ା ହୋଇ ଅପେକ୍ଷା କରିଛି ଅମଳ ପାଇଁ ।

ନିଦ ଭାଙ୍ଗିଲା । ଅମଳ ଆଖି ଖୋଲି ଘଣ୍ଟାକୁ ଦେଖିଲା । ଆଠଟା ବାଜିଗଲାଣି ।

—ସେ ଆଜି ଚାଲିଯିବ ବୋଲି କହୁଛି ଆଜ୍ଞା ।···ଶାନ୍ତନୁ କହିଲା ଧୀରେ ।

—କିଏ ?···ପଚାରିଲା ଅମଳ ।

—ମାଳା । ସେଇ ଝିଅଟି ଆଜ୍ଞା । ତାର ପିଲାଟି ଭଲ ହୋଇ ଗଲା । ତାର ଏଠି ରହିବା ଆଉ··· ।

—ହୁଁ । ଯିବତ ଯାଉ । ତାକୁ କିଛି ଟଙ୍କା ଦେଇ ଦେ ।··· କହି ଅମଳ କିଛି ଟଙ୍କା ଦେଲା । ନୀରବରେ ସେଇ ଟଙ୍କା ନେଇ ଶାନ୍ତନୁ ସେଠାରୁ ଚାଲିଗଲା ।

ଅମଳ ପୁଣି ପଲଙ୍କ ଉପରେ ଶୋଇ ରହି କଣ ଭାବିବାକୁ ଲାଗିଲା । ଦୁଇ ତିନି ମିନିଟ ପରେ ସେ ଉଠି ବସିଲା । ପାଦରେ ଚପଲ ଗଳାଇ ସେ ତଳ ମହଲାକୁ ଆସିଲା ।

—ଶାନ୍ତନୁ··· !

—ଆଜ୍ଞା ! ଶାନ୍ତନୁ ଆସି ଅମଳ ନିକଟରେ ଛିଡ଼ା ହେଲା ।

—ସେ ଚାଲିଗଲାଣି ଶାନ୍ତନୁ ?···ଉଦ୍‌ବେଗରେ ପଚାରିଲା ଅମଳ ।

—ଯାଇନି ଆଜ୍ଞା ! ମୁଁ ତାକୁ ଅଟକାଇଛି । କିଛି ଖାଇସାରି ସେ ଚାଲିଯିବ··· । ଅପରାଧୀଟି ପରି ଉତ୍ତର ଦେଲା ଶାନ୍ତନୁ ।

—ନା, ସେ ଆଉ ଯାଇ ପାରିବନି ଏଠୁ । ସେ ଏଠି ରହୁ ଶାନ୍ତନୁ । କୋଳରେ ଛୋଟ ପିଲାକୁ ଧରି କୁଆଡ଼େ ଯିବ ସେ ?

…କହିଲା ଅମୀଳ ଶାନ୍ତ ସ୍ୱରରେ । ପୁଣି ହଠାତ ପଚାରିଲା, ତା'ର କଣ କେହି ନାହାନ୍ତି ?

—ନା ଆଜ୍ଞା । ତା'ର କେହି ନାହାନ୍ତି ସଂସାରରେ । ଏଇ ପିଲାଟିହିଁ ତା'ର ଭରସା । …ଶାନ୍ତନୁର ଗଳା ବଳିଗଲା ଦୁଃଖରେ ।

—ସେ ଏଠି ରହୁ ଶାନ୍ତନୁ । ଏଠି ରହିଲେ ତାର କିଛି ଅସୁବିଧା ହେବନି । …କହିଲା ଅମୀଳ ।

—ସାନ ବାବୁ ! …ଆନନ୍ଦରେ ଶାନ୍ତନୁ ବିଭୋର ହୋଇଗଲା । ସେ ଯାହା ମନେ ମନେ ଭାବୁଥିଲା ତାହାହିଁ ହେଲା । ସେ ଚାହୁଁଥିଲା ମାଳାକୁ ତା ପାଖରେ ରଖିବାକୁ । ମାଳାକୁ ଦେଖିବା ଦିନରୁ ତା ପ୍ରତି ତାର ଗୋଟିଏ ଲୁପ୍ତ କାମନା ଜାଗିଉଠିଛି । ପିତୃସ୍ନେହରେ ହୃଦୟ ତାର ନାଚି ଉଠିଲା । ତାର ଏ ସଂସାରରେ କେହି ନାହିଁ । ବୁଢ଼ା ହୋଇ ଆସିଲାଣି । ସାରା ଜୀବନ ସେ ଏଇ ଘରେ କଟାଇ ଦେଇଛି । ଯାହାକୁ ସେ ବିବାହ କରିଥିଲା ଦୁଇଟି ବର୍ଷ ତା ଘର ଉଜ୍ଜ୍ୱଳ କରି ପୁଣି ଅନ୍ଧାର କରି ଚାଲିଗଲା ସେ । ସେଇ ଦିନରୁ ଶାନ୍ତନୁ ଏକାକୀ ଏଇ ସଂସାରରେ । ସ୍ନେହ ମମତାର ପୂଜାରୀ ସେ । ସନ୍ତାନ ବାତ୍ସଲ୍ୟ ପାଇଁ ତା'ପ୍ରାଣ କାନ୍ଦି ଉଠେ ସମସ୍ତ ସମୟରେ । ସେ ଚାହେଁ ସନ୍ତାନ, ଯାହାକୁ ସେ ପିତୃସ୍ନେହ ଯୋଗାଇ ପାରିବ । ନିଜର ସମସ୍ତ ଦୁଃଖକୁ ଘୋଡ଼ାଇ ରଖି ପାରିବ ସନ୍ତାନର ହସ ହସ ମୁହଁକୁ ଦେଖି । ଯାହାର ସୁଖ ପାଇଁ ସେ ନିଜର ସମସ୍ତ ପ୍ରୀତି ମମତାକୁ ଅଜାଡ଼ି ପାରିବ ।

ମାଳାକୁ ସେ ପାଇଛି । ମାଳାକୁ ପାଇ ସମସ୍ତ ଦୁଃଖକୁ ଭୁଲି ଯାଇଛି ସେ । ଗୋଟିଏ ଦିନରେ ମାଳା ତାକୁ ନିଜର କରି ପାରିଛି ।

ମାଳା ତାର । ତାର ସନ୍ତାନ । ତାର ଝିଅ । ବନ୍ଧୁ ଭିନର ଆକାଂକ୍ଷା ଆଜ ତାର ପୂର୍ଣ୍ଣ ହୋଇଛି । ସେ ଆଜ ସୁଖୀ ।

ଅନେକ ଦିନ ପରେ ଆଜ ଶାନ୍ତନୁ ମୁହଁରୁ 'ସାନବାବୁ' ଡାକ ଶୁଣି ଅମଳର ଭାବନା ଗୋଳମାଳ ହୋଇଗଲା । ଦିନେ ସେ ଏଇ ଘରର ସାନବାବୁ ଥିଲା । ସଞ୍ଜର ବାପା ଥିଲେ ଏଇ ଘରର ବଡ଼ବାବୁ ।

ଅମଳର ମନରେ ପୂର୍ବ ସ୍ମୃତି ପୁଣି ଚେଇଁ ଉଠିଲା ।

ସେ ଅନେକ ଦିନ ତଳର କଥା । ସେ ଦିନ ଆଜ ଆଉ ନାହିଁ । ସଞ୍ଜବ ନାହିଁ ।

ସମସ୍ତେ ତାକୁ ଛାଡ଼ି ଚାଲି ଯାଇଛନ୍ତି । ସେଇ କେବଳ ରହି ଯାଇଛି । ଏମିତି ସେ ରହିବ ସମସ୍ତଙ୍କର ସ୍ମୃତିକୁ ମନରେ ଗୁନ୍ଥି । ଉପର ମହଲାକୁ ଉଠି ଆସିଲା ସେ ।

ଆଉ କେତେ ଦିନ ବିତି ଯାଇଛି । ମାଳା ଏଇ ଘର ସାଙ୍ଗେ ନିଜକୁ ମିଶାଇ ନେଇଛି । ଯେପରି ଏ ଘର ସହିତ ଖୁବ ଆଗରୁ ସେ ପରିଚିତା । ଅମଳ ସକାଳୁ ଉଠି ଦେଖେ, ମାଳା ତା'ପାଇଁ ଚା' ଜଳଖିଆ ଧରି ଅପେକ୍ଷା କରିଛି । ସକାଳୁ ସଞ୍ଜଯାଏଁ ମାଳା ତା' ସେବାରେ ବ୍ୟସ୍ତ ।

ଅମଳର ମନେ ପଡ଼େ ସଞ୍ଜ କଥା । ସଞ୍ଜ ବି ଏମିତି ତା'ରି ସେବାରେ ଦିନସାରା ବ୍ୟସ୍ତ ରହୁଥିଲା । ତା'ପାଇଁ ସଞ୍ଜ ସବୁ ଜଳାଞ୍ଜଳି ଦେଇଥିଲା । ସେ ଭାବେ, ବାସ୍ତବିକ ନାରୀ ମମତାମୟୀ । ସେ ନିଜେ ସବୁ ଦୁଃଖ କଷ୍ଟକୁ ବରଣ କରେ । ଅନ୍ୟର କଷ୍ଟ ତା' ନିକଟରେ ଅସହ୍ୟ ହୋଇ ଉଠେ । ଆଉ ନାରୀର ଏଇ ମମତା

ପାଇଁ ସେ ମହୀୟସୀରୂପେ ଦୁନିଆରେ ପରିଚିତ । ସେ ଅନୁଭବ କରେ, ନାରୀହିଁ ପୁରୁଷର ଶକ୍ତି । ନାରୀହିଁ ପୁରୁଷର ଚେତନା, ନାରୀହିଁ ପୁରୁଷର ଜାଗୃତି, ସ୍ଫୁର୍ତ୍ତି ଏବଂ ସଫଳତା ପ୍ରାପ୍ତିର ଅଭୂତପୂର୍ବ ପ୍ରେରଣା ।

ସତୀ ମଧ୍ୟ ଦିନେ ଥିଲା ତା'ର ଶକ୍ତି । ସେ ଶକ୍ତି ଆଜି ନାହିଁ । ଫଳରେ ସେ ଆଜି ଦୁର୍ବଳ ହୋଇଯାଇଛି । ତା ସ୍ମୃତି ଚେଇଁ ଉଠିଲେ ମନ ତା'ର ହାହାକାର କରି ଉଠେ । ସତୀ ତା'ଠାରୁ ଦୂରେଇ ଯିବାର ଗୋଟିଏ ବର୍ଷ ଅତୀତ ହେଇଗଲାଣି । ଏଇ ବର୍ଷ ଭିତରେ ସେ କିଛି କରିପାରିନି । ସତୀର ସ୍ମୃତିକୁ ଧରି ପଡ଼ି ରହିଛି ସେ ।

ଧନେଶବାବୁ ବ୍ୟାଙ୍କରେ ଅନେକ ଟଙ୍କା ରଖି ଯାଇଛନ୍ତି । ସହରରେ ଦୁଇ ତିନିଟି କୋଠା ଭଡ଼ା ଦିଆଯାଇଛି । ଜମିରୁ ଧାନ, ରବି ଫସଲ ଆଦି ମଧ୍ୟ ଆସେ ।

ସବୁ ସମ୍ପତ୍ତିର ମାଲିକ ଅମାଳ । ଯେତିକି ଅଛି ତା' ନିଜ ପାଇଁ ଯଥେଷ୍ଟ । ଏ ଦୁନିଆରେ ସେ ନିଃସଙ୍ଗ । ଆଉ କେହି ନାହିଁ ଏ ସମ୍ପତ୍ତି ଭୋଗ କରିବାକୁ । ତେବେ ସେ ଆଉ କାହିଁକି ରୋଜଗାର କରିବ ? କାହାପାଇଁ ବା କରିବ ?

ସତୀ ଥିଲା । ସନ୍ତାନର ଆଶା ଥିଲା । ସନ୍ତାନର ଭବିଷ୍ୟତ ପାଇଁ ହୁଏତ ତାକୁ ଅନେକ କିଛି କଷ୍ଟ ସହ୍ୟ କରିବାକୁ ହୋଇଥାନ୍ତା । ସେ ହୁଏତ ଆଉ କିଛି ରୋଜଗାର କରି ତା'ର ସନ୍ତାନର ଭବିଷ୍ୟତ ଉଜ୍ଜ୍ୱଳ ଆଉ ସୁଖମୟ କରିବାକୁ ଚେଷ୍ଟା କରିଥାନ୍ତା । ସତୀ ନାହିଁ । ସନ୍ତାନର ଆଶା ବି ନାହିଁ । ନିରାଶାର ଘନ ଅନ୍ଧକାର

ଭିତରେ ବୁଢ଼ି ରହି ସେ ଅସ୍ଥିର ହୋଇ ଉଠିଛି । ଯାହା ଅଛି ସେତିକ ସୁଖର ଉପାଦାନ ପାଇଁ ଯଥେଷ୍ଟ । ଆଉ ଦୁଃଖ କଣ ?

ବେଳେବେଳେ ତାର ଇଚ୍ଛା ହୁଏ ସଞ୍ଚାର ସ୍ମୃତିକୁ ମନରୁ ପୋଛି ଦେଇ ନୂଆ ସଂସାର ଗଢ଼ିବାକୁ । କିନ୍ତୁ ନିବୃତ୍ତ ହୁଏ ସେ ସେଥିରୁ । ସଞ୍ଚାର ସ୍ମୃତି ତାର ପ୍ରତିବନ୍ଧକ ହୁଏ । ହୁଏତ ସଞ୍ଚାକୁ ସେ ଭୁଲି ପାରିବ ନାହିଁ ।

ମାଳା ନୀରବରେ ଅମଳ ପାଇଁ ସବୁ କରିଯାଏ । ସେ ଲକ୍ଷ୍ୟ କରେ ତାର ବିଷଣ୍ଣତା । ଅମଳ ମଧ୍ୟ ଲକ୍ଷ୍ୟ ରଖେ ଝିଅଟି । ପ୍ରତି କାଏ ଏ ? ତା ତତ୍ତ୍ୱ ନେବାରେ ସଜାଗ କାହିଁକି ଏ ଝିଅଟି । ଅମଳର ଏ ବ୍ୟସ୍ତତା ମାଳା ବୁଝେ । ସେ ମନପ୍ରାଣ ଦେଇ ଚେଷ୍ଟାକରେ ଅମଳର ମନକୁ ସରସ କରିବା ପାଇଁ । କିନ୍ତୁ ଅମଳର ନୀରସ ମନ କେବେ ସରସ ହୁଏନା । ମାଳାର ସେବାଯତ୍ନ ସେ ଗ୍ରହଣ କରେ; କିନ୍ତୁ ତା ମନରେ ଏ ସବୁର ପ୍ରଭାବ କିଛି ପଡ଼େନା । ସଞ୍ଚାର ଅଭାବ ମାଳା କେବେ ପୂରଣ କରି ପାରିବ ନାହିଁ ।

ରାତିରେ ସୀତାରର ସ୍ୱର ଝଂକୃତ ହୋଇ ଉଠିଲା । ସ୍ୱର କ୍ରମଶଃ କରୁଣରୁ କରୁଣତର ହେଲା । ଶେଷରେ ନୀରବ ହୋଇଗଲା ଦରଦୀ ପ୍ରାଣର ଏକ ଦୀର୍ଘଶ୍ୱାସ ଭଳି । ପୁଣି ସ୍ୱର ବଦଳିଲା, ଆନନ୍ଦର ଲହରୀ ଛୁଟିଲା । ହଠାତ୍ ପୁଣି ବନ୍ଦ ହୋଇଗଲା ସୀତାରର ମୂର୍ଚ୍ଛନା । ନୀରବତା ଖେଳିଗଲା ପ୍ରକୋଷ୍ଠଟିରେ ।

ମାଳା ଦୁଧ ଗିଲାସଟା ଧରି ଛିଡ଼ା ହୋଇଥିଲା ଦ୍ୱାର ନିକଟରେ । ଶୁଣୁଥିଲା ସେଇ କରୁଣ ମୂର୍ଚ୍ଛନା । ତାର ଆଖି ଓଦା-ହୋଇ ଆସିଲା । ନୀରବରେ କେଇବିନ୍ଦୁ ଅଶ୍ରୁ ଗଣ୍ଡ ଧୋଇଦେଲା । ସ୍ୱର ଶେଷରେ ଅମଳ ମଧ୍ୟ ସୀତାର ଉପରେ ମୁହଁ ରଖି କାନ୍ଦି ଉଠିଲା । ସଞ୍ଚାର ସ୍ମୃତି ତା ମନରେ ସଜାଗ ହୋଇ ଉଠିଲା ।

ସଞ୍ଜୀ ଏମିତି ସୀତାରରେ ମୂର୍ଚ୍ଛନା ତୋଳୁଥିଲା । ସେ ପଲଙ୍କରେ ଅଧା ଶୋଇରହି ସଞ୍ଜୀର ସୀତାରର ଆଳାପ ଶୁଣୁଥିଲା ମନପ୍ରାଣ ଦେଇ ।

ରାତ୍ର ଗାଢ଼ ହୁଏ । ଆଖିରେ ନିଦ ମାଡ଼ି ଆସେ । ସଞ୍ଜୀ ସୀତାରଟିକୁ ରଖିଦେଇ ତା'ପାଖକୁ ଆସେ । ତା' ଦେହରେ ଶୃଙ୍ଖଳ ଘୋଡ଼େଇ ଦେଇ ନିକଟ ଶଯ୍ୟାରେ ଶୋଇଯାଏ ଭବିଷ୍ୟତର ସୁନେଲି କଳ୍ପନାରେ ବିଭୋର ହୋଇ । ଅମଳର ଯେତେବେଳେ ନିଦ ଭାଙ୍ଗେ; ପାଖରେ ସଞ୍ଜୀକୁ ନ ଦେଖି ବିରକ୍ତ ହୁଏ । ଉଠିଯାଏ ସଞ୍ଜୀ ପାଖକୁ । ମଧୁର ଆଳାପ ବେଶି ଜମେ ରାତ୍ରି ଅଧରେ । ଆଳାପ ବନ୍ଦ ହୁଏ । ଯେତେବେଳେ ଆଖିପତା ମୁଦ୍ଧ ହୋଇ ଆସେ ଶେଷ ପ୍ରହରର ସ୍ନିଗ୍ଧ ଓ ଶୀତଳ ହାଓ୍ୱାରେ ମିଶିଯାଏ ଦୁଇଟି ଯୌବନ-ଉଚ୍ଛୁଳା ପ୍ରାଣ ।

ଭାବନା ଭାଙ୍ଗିଗଲା ଅମଳର । ସୀତାରକୁ ଥୋଇ ସେ ଉଠି ଆସିଲା ପଲଙ୍କ ଉପରକୁ । କିନ୍ତୁ ମାଳାକୁ ଦ୍ୱାର ନିକଟରେ ଦେଖି ଚମକି ଉଠିଲା ସେ । କେତେବେଳୁ ମାଳା ଛିଡ଼ା ହୋଇଛି ଦ୍ୱାର ନିକଟରେ ଦୁଧ ଗିଲାସକୁ ଧରି ।

—ମାଳା···ଡାକିଲା ଅମଳ ।

ମାଳାର ଚେତନା ଫେରିଲା । ସେ ସଂଯତ ହୋଇ ଅମଳ ନିକଟକୁ ଯାଇ ଦୁଧ ଗିଲାସକୁ ବଢ଼ାଇ ଦେଲା । ଦୁଧ ପିଇସାରି ମାଳାକୁ ଦେଖିଲା ସେ । ମାଳାର ଦୃଷ୍ଟି ସୀତାର ଉପରେ ନିବଦ୍ଧ ।

—ମାଳା···ଧୀରେ ଡାକିଲା ଅମଳ ।

ସୀତାର ଉପରୁ ଦୃଷ୍ଟି ଫେରାଇ ଆଣିଲା ମାଳା । ଅମଳ ପିଇ ସାରିଥିବା ଖାଲି ଦୁଧ ଗିଲାସକୁ ଧରି ସେ ଫେରି ଆସିଲା ସେଠାରୁ । ଲାଇଟ ଅଫ୍ କରି ଶୋଇବାକୁ ଚେଷ୍ଟା କଲା ଅମଳ ।

ସେ ପ୍ରଥମେ ଅନୁଯୋଗ କରିଥିଲା–ସଖି କୁଳଟା, ଅସତୀ, ବ୍ୟଭିଚାରିଣୀ । କିନ୍ତୁ ଦୁନିଆ କହୁଥିଲା, ସଖି ପୂଜ୍ୟା, ସାଧ୍ୱୀ, ଗୁଣବତୀ ଦୁନିଆକୁ ସେ ମାନି ନଥିଲା । ସଂସାରର ବିଚାରକୁ ସେ ଅବିଚାର କରିଥିଲା । ବାସ୍ତବରେ କିନ୍ତୁ ସେ ସତୀ ଥିଲା । ସ୍ୱାମୀହିଁ ଥିଲା ତା'ର ଦେବତା । କିନ୍ତୁ ଅମଳ ଅନ୍ଧହୋଇ ଯାଇଥିଲା ସଖିର ସାମାନ୍ୟ ତ୍ରୁଟିରେ । ଯାହାଯୋଗୁ ସେ ସଖିକୁ ହଜାଇ ବସିଲା । ଅଭିମାନ କରି ସଖି ସବୁଦିନ ପାଇଁ ତା'କୁ ଛାଡ଼ି ଯାଇଛି । ସଖିର ଅଭିମାନ ଭାଙ୍ଗିବାକୁ ତାକୁ ସୁଯୋଗ ମିଳିବନି ଆଉ । ଆଜି ସେ ଅନୁତପ୍ତ । ସଖିକୁ ହରାଇ ସେ ଅକିଂଚନ ।

ସଖି ପାଇଁ ସେ ଦୁନିଆକୁ ପର କରିଥିଲା । ସମାଜକୁ ହରାଇ ଥିଲା । ବାପା, ମା' ଭଉଣୀଙ୍କଠୁ ଦୂରେଇ ଆସିଥିଲା । ସଖିର ଅନାବିଲ ପ୍ରେମ ପାଇଁ ସେ ସବୁ ବଳି ଦେଇଥିଲା ।

ସଖିର ପ୍ରେମ ଥିଲା ସତ୍ୟ । ଟିକେହେଲେ ଘୃଣିତ ବାସନା ନଥିଲା ସେଥିରେ । ହୃଦୟରେ ପୂର୍ଣ୍ଣ ଭଲପାଇବା ନେଇ ତା ଜୀବନକୁ ସେ ସୁନ୍ଦର କରିଥିଲା । ସେ ପାଗଳ ହୋଇଥିଲା ସଖିକୁ ପାଇ । ହୁଏତ ଏତେ ଆନନ୍ଦ ବିଧାତା ସହି ପାରିଲାନି । ସେଥିପାଇଁ ସଖିକୁ ତାଠୁ ଦୂରେଇ ନେଲା ।

ଅମଳ ଏବେବି ଗତ ଦିନର ସ୍ୱପ୍ନ ଦେଖେ । ପୁରୁଣା କଥାକୁ ଓଲଟ ପାଲଟ କରେ । ସେଥିରେ ସେ ସୁଖ ପାଏ ।

ଅନିତା ଅମଳର ଶ୍ରେଷ୍ଠ ଭଉଣୀ । ଚଉଦ ପନ୍ଦର ବରଷର ସୁନ୍ଦରୀ ଝିଅଟିଏ । ଅମଳ ଆଉ ଅନିତା, ଦୁଇଟି ସନ୍ତାନ ଆଡ୍‌ଭୋକେଟ ପ୍ରବୋଧ ଦାସଙ୍କର । ପୁରୁଣା ଯୁଗର ଲୋକ

ଆଡଭୋକେଟ୍ ପ୍ରବୋଧ ଦାସ । ତାଙ୍କର ସ୍ତ୍ରୀ ନିରୁପମା ଦେବୀ ନିପଟ ମଫସଲ ନହେଲେବି ସହରିଆ ନୁହନ୍ତି । ପାଠ ଦି' ଅକ୍ଷର ପଢ଼ିଛନ୍ତି । ସ୍ୱାମୀଙ୍କ ପରି ସେବି ପୁରୁଣା କାଳର । ଆଧୁନିକ ଯୁଗକୁ ସ୍ୱାମୀ ସ୍ତ୍ରୀ ଭୟ କରୁଥିଲେ । ନବ୍ୟ ସଭ୍ୟତାକୁ ସେମାନେ ଘୃଣା କରୁଥିଲେ । ତେବେବି ଆଡ୍‌ଭୋକେଟ ଦାସ ପୁଅଝିଅଙ୍କୁ ସମସ୍ତ ପ୍ରକାର ସ୍ୱାତନ୍ତ୍ର୍ୟ ଦେଇଥିଲେ । ବାପାଙ୍କ ପରି ଅମଳ ବି ପଢ଼ିଥିଲା ଏମ୍. ଏ., ଏଲ୍‌ଏଲ୍‌ବି । ଅନିତା ମାଟ୍ରିକ ପାସ କରିଛି । କିନ୍ତୁ ଝିଅର କଲେଜ ଯିବା ସପକ୍ଷରେ ନଥିଲେ ମିଷ୍ଟର ଏଣ୍ଡ୍ ମିସେସ୍ ଦାସ । ଅନିତାର କଲେଜରେ ପଢିବାକୁ ଇଛାଥିଲେ ବି ବାପାମାଙ୍କ ଇଛା ବିରୁଦ୍ଧରେ ଯିବାକୁ ସେ ସାହସ କରି ପାରି ନଥିଲା । ଅମଳର ପ୍ରବଳ ଇଛା ଥିଲା ଭଉଣୀକୁ କଲେଜରେ ପଢ଼ାଇବ । ଆଧୁନିକ ବିଜ୍ଞାନ ଯୁଗର ଶ୍ରେଷ୍ଠ ନାରୀରୂପେ ଗଢ଼ି ତୋଳିବ ତାକୁ, କିନ୍ତୁ ତା ସେ ପାରିଲାନି । ସେ ଦିନ କଥା ଅନିଲର ଏବେ ବି ସ୍ପଷ୍ଟ ମନେ ଅଛି ।

ସେ ଏଲ.ଏଲ.ବି । ଫାଇନାଲ ପରୀକ୍ଷା ଦେଇ ଘରକୁ ଫେରୁଥାଏ । ପୁରୀ ଏକ୍‌ସପ୍ରେସ୍ ହାବଡ଼ା ଷ୍ଟେସନ ଛାଡ଼ି ନଥାଏ । ସେ ଗୋଟିଏ ଫାଷ୍ଟକ୍ଲାସ କମ୍ପାର୍ଟମେଣ୍ଟରେ ଉଠିଲା । ତା' ପାଇଁ ରିଜର୍ଭ ହୋଇଥିବା ବାର୍ଥରେ ସେ ବେଡ଼ିଂକୁ ବିଛାଇ ଦେଲା । ସୁଟ୍‌କେସ୍ ଏବଂ ବେଗ୍‌କୁ ଯଥାସ୍ଥାନରେ ରଖି ସେ ଗାଡ଼ିରୁ ଓହ୍ଲାଇ ଆସିଲା ।

—ସବୁ ଠିକ୍ ରଖିଦେଲୁ ଅମଳ ?···ଅମଳର କଲେଜ ବନ୍ଧୁ ସୁଜିତ୍ ଅନ୍ୟ କମ୍ପାର୍ଟମେଣ୍ଟଗୁଡ଼ିକ ଦେଖି ଆସି ପଚାରିଲା ।

—ହଁ !···କୁଲିକୁ ପଇସା ଦେଇ କହିଲା ଅମଳ ।

—କହ, ଫେରି କେବେ ଦେଖା ହେବ ?···ପଚାରିଲା ସୁଜିତ୍ ।

—ତୁ ଯେବେ ସୁଖିବୁ··· ।···ହସି କହିଲା ଅମଳ ।

—ତୁ ଯାହା କହ ଅମଳ, ତୋତେ ଘରକୁ ଛାଡ଼ିବାକୁ ମୋର ମୋଟେ ଇଚ୍ଛା ନାହିଁ । ମୁଁ ଆଉ କଣ କରିବି, ଯେତେ କହିଲେ ବି ତୁ ତ ମୋଟେ ମାନୁନୁ । ଆଚ୍ଛା, ଆଉ କିଛି ଦିନ ରହି ଯାଇଥିଲେ ତଣ କ୍ଷତିଟା ହୋଇଥାନ୍ତା କହିଲୁ ?···ସୁଜିତ ଦୁଃଖିତ ହୋଇଥିଲା ।

—କ୍ଷତି ତ କିଛି ହୁଅନ୍ତା ନାହିଁ । ତେବେ ଲାଭ ବି କଣ ହୁଅନ୍ତା ମୁଁ କିଛି ବୁଝି ପାରୁନ । ଆଉ ତୁ ତ ଜାଣୁ ମା' କଣ ଚିଠି ଦେଇଛି । ପୁଅକୁ ଦୁଇମାସ ହେଲା ଦେଖିନ ବୋଲି ସେ ପାଗଳ ହୋଇଯାଇଛି । ଆଉ ଅନତା କଥା ତ ଛାଡ଼ । ତା'ର ସବୁ ଚିଠିରେ ସେଇ ଗୋଟିଏ ଧାଡ଼ି—ଭାଇ, ତମେ ଘରକୁ କେବେ ଆସୁଛ ? ମୁଁ ଆଉ କଣ କରିବି କହ । ସମସ୍ତଙ୍କ ଆଖି ସ୍ଥିର ମୋ ଉପରେ ପଡ଼ିଛି ।···ଅମଳ ସୁଜିତ୍‌ର କାନ୍ଧ ଉପରେ ହାତ ରଖି କହିଲା ।

—ସେ ଯାହାହେଉ ଅମଳ, ତୁ ଫେରି କଲିକତା ଆସିବାକୁ ଚେଷ୍ଟାକର । ତୋତେ ନ ଦେଖିଲେ ମିସେସ୍ ମୁଖାର୍ଜୀ ପାଗଳ ହୋଇଯିବେ । ଆଉ ତା' ସାଙ୍ଗେ ସାଙ୍ଗେ ମୋତେ ବି ପାଗଳ କରି ଦେବେ ।

—ମୁଁ କିଛି ବୁଝି ପାରୁନ ସୁଜିତ୍, ଝିପ୍ରିଦେବୀ କାହିଁକି ପାଗଳ ହୋଇଯିବେ ମୋତେ ନ ଦେଖିଲେ ଆଉ ତୁ ବି କାହିଁକି ପାଗଳ ହୋଇଯିବୁ ତାଙ୍କ ସାଙ୍ଗରେ ?···ବିସ୍ମିତ ହେଲା ଅମଳ ।

—ଆରେ ଭାଇ, ତୁ ସେ କଥା କୁଆଡ଼ୁ ବୁଝିବୁ ? ସେ ସବୁ ମୋର କର୍ମଦୋଷ । ତା' ନ ହେଲେ ମିସେସ୍ ମୁଖାର୍ଜୀଙ୍କ ସାଙ୍ଗେ ତୋତେ 'ଇଣ୍ଟ୍ରଡ୍ୟୁସ୍' କରି ମୁଁ ହଇରାଣରେ ପଡ଼ି ନ ଥାନ୍ତି । ଟିକିଏ

ବୁଝିବାକୁ ଚେଷ୍ଟାକର କଥାଟାକୁ । ସବୁବେଳେ 'ଇନୋସେଣ୍ଟ' ହେଲେ ଚଳିବ ?···ଅଭିନୟ ଭଙ୍ଗୀରେ କହିଲା ସୁଜିତ୍ ।

—ତୋର ସବୁବେଳେ ସେଇ ପାଗଳାମି ସୁଜିତ୍ । ଜଣେ ବିବାହିତା ଭଦ୍ର ମହିଳାଙ୍କ ସାଙ୍ଗେ ପରିଚୟ କରାଇ ତୁ କଣ ଭୁଲ୍ କରିଛୁ କହିତ ? ତୋର ଏଥିରେ ହଇରାଣ ହେବାର କଣ ଅଛି ମୁଁ କିଛି ବୁଝି ପାରୁନି ।···

ଆଶ୍ଚର୍ଯ୍ୟ ହୋଇଗଲା ସୁଜିତ୍ ମହାନ୍ତି, ଆଡ଼ଭୋକେଟ୍ ପ୍ରବୋଧ ଦାସଙ୍କ ଏକମାତ୍ର ମେଧାବୀ ପୁତ୍ର ଅମଳ ଦାସ ଏମ୍. ଏ.,ର ନିରୀହ ଭାବ ଦେଖି । ସେ କିଛି ସମୟ ନିରୀକ୍ଷଣ କରି ଦେଖିଲା ଅମଳକୁ ।

ଅମଳ ସୁଜିତ୍‌ର ଏପରି ଅଦ୍‌ଭୁତ ଅଭିନୟକୁ ଦେଖି ହସି ଉଠିଲା । କିଛି ସମୟ ପରେ ହସକୁ ଚାପିରଖି କହିଲା, ମୁଁ ଜାଣେ ତୁ ଦିନେ ଏମିତି ହୋଇ ପାଗଳ ହୋଇଯିବୁ । ଆଚ୍ଛା ଛାଡ଼ ସେ କଥା । ମୁଁ ଫେରି ଆସିବାକୁ ଚେଷ୍ଟା କରିବି । କିନ୍ତୁ ତୁ 'ପ୍ରମିସ୍' କର, ଥରେ ମୋ ଘରକୁ ଆସିବୁ ।···

ସେଇଟା ମୋର କର୍ମଦୋଷ ଭାଇ, କାହାକୁ ଆଉ କହିବି ।··· ହଁ, ଥରେ ଯିବି ତୋ ଘରକୁ । କିନ୍ତୁ ଏବେ ନୁହେଁ । ତୁ ପ୍ରଥମେ ମୋତେ ଲେଖି ଜଣା, କେଉଁଠି 'ପ୍ରାକ୍ଟିସ' କରିବାକୁ ଠିକ କରୁଛୁ । ତା'ପରେ ମୁଁ ଯିବି ।···

—ଏଇ ସପ୍ତାହ ଭିତରେ ତୋତେ ଜଣାଇ ଦେବି । ଯେତେଦୂର ସମ୍ଭବ ପୁରୀରେ ରହି ପ୍ରାକ୍ଟିସ୍ କରିବି ।

—ଗାଡ଼ି ଛାଡ଼ିବାର ଶେଷ ଘଣ୍ଟି ହେଲା । ଏଇ ସମୟରେ ସୁଜିତ ପାଖ ଦେଇ ଅମଳର କମ୍ପାର୍ଟମେଣ୍ଟରେ ଉଠିଲେ ଦୁଇ ଜଣ ଯାତ୍ରୀ । ଜଣେ ପ୍ରୌଢ଼ ଆଉ ଜଣେ ଯୁବତୀ ।

ସୁଜିତ୍ ଚମକି ଉଠି ଚାହିଁଲା ସେ ଦୁହିଁଙ୍କୁ । ତା'ପରେ ଅମାଳର କାନ ପାଖରେ ଚୁପ୍ କରି କହିଲା—ଯାତ୍ରାଟି ବେଶ ସରସ ହେବ । ଖୋରାକ ତ ମିଳିଗଲା । କିନ୍ତୁ ବନ୍ଧୁ ସାବଧାନ । ନିଜକୁ ଯେପରି ହଜେଇ ନଦେଉ...

—ଦେଖ ସୁଜିତ୍, ସବୁବେଳେ ତୋର ଏପ୍ରକାର ଟିପ୍ପଣୀ ଭଲ ଲାଗେନା—ଆଚ୍ଛା ଯା...ଗାଡ଼ି ଛାଡ଼ିବା ଉପରେ...କହି ଅମାଳ ବିଦାୟ ନେବାକୁ ବସିଲା ।

ଗାଡ଼ି ଛାଡ଼ୁ...ଏମିତି କାହିଁକି ହଉଛୁ...ତୁ ତ କାଲି ପର୍ଯ୍ୟନ୍ତ ଉପଭୋଗ କରିବୁ...ଥରେ ମାତ୍ର କଟାକ୍ଷ ପାତ କରିବାକୁ ମତେ ଦେ...କହି ହସିଲା ସୁଜିତ । ଅମାଳ ମଧ୍ୟ ହସିଲା । ସୁଜିତଟା ସବୁବେଳେ ଫାଜିଲ । ନାରୀମାନଙ୍କୁ ସୌଜନ୍ୟ ଦେଖାଇବା ତା ଜାତକରେ ନାହିଁ । ଗାର୍ଡ଼ ହୁଇସିଲ୍ ଦେଲା । ଗାଡ଼ି ଚାଲିବାକୁ ଆରମ୍ଭ କଲା ।

ଗୁଡ଼ବାଏ ସୁଜିତ ! ଅମାଳ ହାତ ଉଠାଇ ବିଦାୟ ଜଣାଇଲା ।

—ଆଚ୍ଛା...ତାପରେ ଦରଜା ବନ୍ଦ କରିଦେଲା । ସୁଜିତ କଣ୍ଠରୁ ଅସ୍ପଷ୍ଟ ସ୍ୱର ଶୁଭୁଥିଲା...ବାଏ ବାଏ...

ଅମାଳ ଦ୍ୱାରବନ୍ଦ କରି ନିଜ ବାର୍ଥ ପାଖକୁ ଆସିଲା । ତା' ବାର୍ଥର ଠିକ୍ ସାମନା ବାର୍ଥ ରିଜର୍ଭ କରିଥିଲେ ସେଇ ପ୍ରୌଢ଼ ଭଦ୍ରଲୋକ ଆଉ ସେ ଯୁବତୀ । ଯୁବତୀଟି ବେଶ ସୁନ୍ଦରୀ । ପାତଳ ଦେହ...ବେଶ୍ ତୋଫା ଗୋରା ବର୍ଣ୍ଣ ଦେହର ରଙ୍ଗ । ମୁହଁଟି ବେଶ୍ ସୁଗୋଲ । ଓଠ, ନାକ ଆଖି ଯେପରି ମାପ ଅନୁଯାୟୀ ତିଆରି । ଲମ୍ବ କଳା ବେଣୀଟି ଲମ୍ବି ଯାଇଛି ଅଣ୍ଟା ତଳକୁ । ସାଧାରଣ ଧଳା ଶାଢ଼ୀ, ଧଳା ବ୍ଲାଉଜଟି ବେଶ୍ ମାନୁଥିଲା ତା' ରୂପକୁ ।

ଯୁବତୀଟିକୁ ଭଲ ଭାବରେ ଦେଖିନେଲା ପରେ ଅମଳର ଦୃଷ୍ଟି ପ୍ରୌଢ଼ଙ୍କ ଉପରେ ପଡ଼ିଲା । ସେତେବେଳେ ଯାଇଁ ତାର ଧାରଣା ହେଲା ହୁଏତ ଯୁବତୀଟି ତାଙ୍କର କନ୍ୟା ।

ଭଦ୍ରଲୋକ ନଜେ ବଡ଼ ଅଡୁଆରେ ପଡ଼ିଯାଇଥିଲେ । ବର୍ଥ ରିଜର୍ଭ ହୋଇଥିଲା ଆଶ୍ଚର୍ଯ୍ୟ ଭଙ୍ଗୀରେ । ଉପର ତଳ ମିଶି ଦୁଇଟି ବର୍ଥ । ସେ ଉପର ବର୍ଥକୁ ଯିବେ କି ତଳ ବର୍ଥରେ ରହିବେ କିଛି ଠିକ୍ କରି ପାରୁନଥିଲେ ।

—ଆପଣ ତଳ ବର୍ଥରେ ଶୁଅନ୍ତୁ ବାପା, ମୁଁ ଉପରକୁ ଚାଲିଯିବି···ସରୁ ଗଳାରେ କହିଲା ଯୁବତୀଟି ।

—ତୁ ଉପର ବର୍ଥରେ ଶୋଇବୁ ମା' ? କିନ୍ତୁ···କଣ ଭାବି ବସିଲେ ପ୍ରୌଢ଼ ।

—କଣ ଭାବୁଛନ୍ତି ବାପା ? ଆଉତ କିଛି ଉପାୟ ନାହିଁ ।··· ଯୁବତୀଟି ସ୍ୱରକୁ ଆହୁରି କୋମଳ କରି କହିଲା ।

—ଉଁ, ହଁ ଆଉତ କିଛି ଉପାୟ ନାହିଁ···ଉପାୟହୀନ ହୋଇ ସେ ଉତ୍ତର ଦେଲେ ।

ଅମଳ ଶୁଣୁଥିଲା ଦୁହିଁଙ୍କର ଆଳାପ । ଉଠି ବସି ସେ ପୌଢ଼ଙ୍କୁ ଚାହିଁ କହିଲା, ଆପଣ ଯଦି ମୋତେ ଅନୁମତି ଦିଅନ୍ତି ତେବେ ମୁଁ ଉପରକୁ ଚାଲିଯିବି ଅଜ୍ଞା ।···ମୋ ବର୍ଥରେ ଆପଣ ଶୁଅନ୍ତୁ ।···ଦ୍ୱିତୀୟ ବାକ୍ୟଟି ସେ ଯୁବତୀକୁ ଲକ୍ଷ୍ୟକରି କହିଲା ।

ଅମଳର ଓଡ଼ିଆ କଥା କହିବା ଶୁଣି ପ୍ରୌଢ଼ଟି ସାମାନ୍ୟ ଆଶ୍ଚର୍ଯ୍ୟ ହେଲେ । ଆନନ୍ଦରେ ସାଙ୍ଗେ ସାଙ୍ଗେ କହିଲେ, ଧନ୍ୟବାଦ ବାବୁ ।

—ଧନ୍ୟବାଦର କିଛି ଆବଶ୍ୟକତା ନାହିଁ । ଆପଣ ଶୁଅନ୍ତୁ ।···କହିଦେଇ ଅମଳ ତାର ବେଡ଼ିଙ୍ଗ ଉଠାଇ ଉପର ବର୍ଥରେ

ବସ୍ତୁଇ ଦେଲା । ତା' ସ୍ଥାନରେ ଯୁବତୀଟି ବିଛେଇ ଦେଲା ନିଜର ବେଡ଼ିଙ୍ଗକୁ । ନୀରବରେ ଅମଳ ଉଠିଗଲା ଉପର ବର୍ଥକୁ ।

ସେ କମ୍ପାର୍ଟମେଣ୍ଟରେ ଥିଲା ମୋଟେ ତିନଟା ବର୍ଥ । ତିନିଜଣ ତିନଟା ରିଜର୍ଭ କରି ନେଇଥିଲେ । ତେଣୁ ଆଉ କାହାରି ସେ କମ୍ପାର୍ଟମେଣ୍ଟକୁ ଆସିବାର ଆଶଙ୍କା ନ ଥିଲା । ଟ୍ରେନ ଦ୍ରୁତଗତିରେ ଚାଲିଛି । ଗୋଟିକ ପରେ ଗୋଟିଏ ଷ୍ଟେସନ ପଛରେ ରହିଯାଉଛି । ଅମଳ ଉପରେ ଶୋଇ ଶୋଇ ପର୍ଲବକ୍‌ଙ୍କ "Come my be-loved" ଉପନ୍ୟାସଟି ପଢ଼ୁଥିଲା ଏକ ଲୟରେ । ଶୋଇବାକୁ ଚେଷ୍ଟାକରି ଶୋଇ ପାରିନି । ପଢୁ ପଢୁ ହୁଏତ ଆପେ ଆପେ ଆଖି ମୁଦି ହୋଇଯିବ, ଏଇ ଆଶାରେ ଅମଳ ପଢ଼ା ଆରମ୍ଭ କରିଥିଲା । କିନ୍ତୁ ଫଳ ଠିକ୍ ଓଲଟା ହେଲା । ଉପନ୍ୟାସଟି ଏତେ ସୁନ୍ଦର ହୋଇଛି ଯେ ସେ ଶୋଇବା ପରିବର୍ତ୍ତେ ଉପନ୍ୟାସ ଭିତରେ ନିଜକୁ ହଜେଇ ଦେଲା । ଶେଷ ନ କରି ଶୋଇବନି ବୋଲି ମନେ ମନେ ଠିକ କରିଥିଲା । ଗାଡ଼ି ଗତି କମି ଆସିଲା । ଆଗରେ ଖଡ଼ଗପୁର ଷ୍ଟେସନ । ରାତି ଏଗାରଟା ।

ଚା' ପାନ ଉଦ୍ଦେଶ୍ୟରେ ସେ ପ୍ଲାଟଫର୍ମରେ ଥିବା ରେଷ୍ଟୁରାଣ୍ଟକୁ ଆସିଲା ।

ପ୍ରୌଢ଼ ଶୋଇ ଯାଇଥିଲେ । ଯୁବତୀଟି ଶୋଇ ନଥିଲା । ସେ ମଧ୍ୟ ସୋମରସେଟ୍ ମମ୍‌ଙ୍କ Razor's Edge ଉପନ୍ୟାସଟିରେ ମନୋନିବେଶ କରିଥିଲା । ଅମଳ ଟ୍ରେନରୁ ଓହ୍ଲାଇବା ଜାଣିପାରି ସେ ଉପନ୍ୟାସ ଉପରୁ ଦୃଷ୍ଟି ଫେରାଇ ଚାହିଁଲା । ହାତ ଘଡ଼ିକୁ ଚାହିଁ ଦେଖିଲା ଏଗାରଟା ବାଜିଛି । ଉପନ୍ୟାସଟିକୁ ରଖି ଦେଇ ସେ ଉଠି ଆସିଲା ପ୍ରୌଢ଼ଙ୍କ ପାଖକୁ । ପ୍ରୌଢ଼ଙ୍କ ଦେହରେ ହାତ ଦେଇ ଧୀରେ ଡାକିଲା – ବାପା !

ରାଉରକେଲା

ଭଦ୍ରଲୋକ ଆଖି ଖୋଲିଲେ... କିଏ ମା' ?

—ଉଠନ୍ତୁ । ଔଷଧ ଖାଇବା ସମୟ ହେଲାଣି...କହିଲା ଯୁବତୀଟି ।

ପ୍ରୌଢ଼ ସାମାନ୍ୟ ହସିଲେ । ହସ ମୁହଁରେ କହିଲେ, ନହାତ ତେବେ ଖାଇବାକୁ ହେବ, ନୁହେଁ ? ତୁ ତେବେ ଶୋଇଲୁ ? ଘୁମାଇ ଯାଇଚୁ ? କହି ହସିଲେ ସେ । ଅନିଲ ଆସି କଂପାର୍ଟମେଣ୍ଟ ଦୁଆର ମୁହଁରେ ଛିଡ଼ା ହେଲା ।

ବହି ପଢୁଥିଲି, ନିଦ୍ ହେଲାନି । କିନ୍ତୁ ଔଷଧ ନଖାଇଲେ ଦେହ କେମିତି ଭଲହେବ ବାପା ? ଉଠନ୍ତୁ...।...ଯୁବତୀଟି ଶିଶୁସୁଲଭ ଗଳାରେ କହିଲା ।

—ହଉ ଦେ ମା' କଣ ଦେଉଚୁ ଦେ ! ନଖାଇଲେ ତୁ କଣ ସହଜେ ଛାଡ଼ିବୁ । ପ୍ରୌଢ଼ ଉଠି ବସିଲେ ।

ଯୁବତୀଟି ଔଷଧ ବାହାରକରି ଦେଲା ବାପାଙ୍କୁ । ଗୋଟିଏ ଢୋକରେ ସେତକ ପିଇଦେଇ ମୁହଁକୁ ବିକୃତ କରିଦେଲେ ସେ ।

—ନିଅନ୍ତୁ, ବଟିକାଟି ମଧ୍ୟ ଖାଇ ଦିଅନ୍ତୁ ।...ଗୋଟିଏ ବଟିକା ବାହାର କରି ଦେଲା ଯୁବତୀଟି ।

—ଓହୋ, ଆହୁରି ଅଛି ନା ଖାଇବାକୁ ?...ପ୍ରୌଢ଼, କହି ବଟିକାକୁ ପାଟିରେ ପକାଇ ଦେଲେ । ସ୍ମିତ ହସି ଯୁବତୀଟି ପାଣି ବଢ଼ାଇ ଦେଲା ।

—ଏକଣ ! ଏ' ମଧ୍ୟ କଣ ଆଉ ଗୋଟିଏ ଔଷଧ ?...ପ୍ରୌଢ଼ ବିସ୍ମୟରେ ପଚାରିଲେ ।

ଖିଲ ଖିଲ ହସି ଉଠିଲା ଯୁବତୀଟି । ଶେଷରେ କହିଲା, ନାହିଁ ବାପା, ଏଇଟା ଔଷଧ ନୁହେଁ, ପାଣି । ବଟିକା ଖାଇବାପରେ ପାଣି ପିଅନ୍ତିନି ? ଏଇ ନିଅନ୍ତୁ, ପାଣିତକ ପିଇ ଦିଅନ୍ତୁ ।

ଭଦ୍ରଲୋକ ପାଣି ପିଇସାରି ପୁଣି ଶୋଇବାର ଉପକ୍ରମ କରୁଥିଲାବେଳେ ପଚାରିଲେ—ସେ ବାବୁ ଜଣକ ଶୋଇ ଗଲେଣି ମା' ? ···

—ନାଇଁ ବାପା ! ସେ ପ୍ଲାଟଫର୍ମକୁ ଯାଇଛନ୍ତି ।···ଯୁବତୀଟିର କଥା ଶେଷ ନ ହେଉଣୁ ଅମଳ ପାଖକୁ ଆସି କହିଲା—

—ମତେ ଖୋଜୁଥିଲେ ଆଜ୍ଞା ? ··· ନମ୍ର ସ୍ୱରରେ ପଚାରିଲା ଅମଳ ।

—ନାଇଁ ବାବୁ, ବୁଝୁଥିଲି । ଆପଣ ଶୋଇଛନ୍ତି କି ଚେଇଁଛନ୍ତି ବୋଲି ।···

—ନାଇ ଆଜ୍ଞା, ନିଦ ନ ହେବାରୁ ବସି ପଢ଼ୁଥିଲି ।

—ଆପଣ କୁଆଡ଼େ ଯାଉଛନ୍ତି ?···ପଚାରିଲେ ଅମଳକୁ ।

—ଆଜ୍ଞା, ମୁଁ ପୁରୀ ଯାଉଛି ।···ଉତ୍ତର ଦେଲା ଅମଳ ।

—ଆଚ୍ଛା ! ଆମେବି ତ ପୁରୀ ଯାଉଛୁ । ବେଶ୍ ହେଲା ତେବେ ।···ଆନନ୍ଦରେ ହସିଲେ ଭଦ୍ରଲୋକ । ଟିକକ ପରେ ପୁଣି ପଚାରିଲେ—କଲିକତାରେ କଣ କିଛି କାମ ଥିଲା ?

—କଲିକତାରେ ପଢୁଥିଲି । ଏଲ୍. ଏଲ୍. ବି ଫାଇନାଲ୍ ପରୀକ୍ଷା ଦେଇ ଘରକୁ ଫେରୁଛି ।···ଅମଳ ଧୀର ସ୍ୱରରେ ଉତ୍ତର ଦେଲା ।

—ତେବେ ଆପଣ ଜଣେ 'ଲ' ଷ୍ଟୁଡେଣ୍ଟ । ଆପଣଙ୍କ ଘର କଣ ପୁରୀ ?···

—ଆଜ୍ଞା ।···

—କୋଉ ସାହିରେ କହିଲେ ? ବାପାଙ୍କ ନାଁ ?

—ଆଡ଼ଭୋକେଟ ପ୍ରବୋଧ କୁମାର ଦାସ ।

—ଓ ଆଇସି ! ଆଡ଼ଭୋକେଟ୍ ଦାସଙ୍କ ପୁଅ ତୁମେ ? ବିପିନ୍ ସିଂ ହତ୍ୟା ମୋକଦ୍ଦମାରେ ସରକାରଙ୍କ ତରଫରୁ ସେ ଖୁବ୍ ଦକ୍ଷତାର ସହିତ ଲଢ଼ିଥିଲେ । ମୁଁ ତାଙ୍କୁ ଜାଣେ ଯଦିଓ ତାଙ୍କ ସାଙ୍ଗେ ମୋର ଘନିଷ୍ଠ ପରିଚୟ ହୋଇନି, ତେବେ ବି ସେଇ ମୋକଦ୍ଦମା ପରେ ତାଙ୍କର ପରିଚୟ ପାଇବା ସୌଭାଗ୍ୟ ଦିନେ ମୋର ହୋଇଥିଲା ।··· ଭଦ୍ରଲୋକ ଆନନ୍ଦ ପ୍ରକାଶ କରି କହିଲେ ।

ଅମୋଳ ତାଙ୍କ କଥା ନୀରବରେ ଶୁଣିବା ପରେ କହିଲା—ଆପଣଙ୍କର ପରିଚୟ ମୁଁ ଜାଣିପାରେ କି ଆଜ୍ଞା ?

—ନିଶ୍ଚୟ, ନିଶ୍ଚୟ । ତୁମର ବେଶ୍ ଅଧିକାର ଅଛି ମୋର ପରିଚୟ ଜାଣିବାକୁ ।···ମୋ ନାଆଁ ଘନେଶ୍ ଚନ୍ଦ୍ର ପଟ୍ଟନାୟକ । ଭାରତ ସରକାରଙ୍କ ଜଣେ 'ରିଟାଏର୍ଡ଼୍ ଅଫିସର' । ଆଉ ଇଏ ମୋର କନ୍ୟା ସୁମନ୍ତି । ବେଥୁନ୍ କଲେଜରୁ ଏଇ ବର୍ଷ ବି· ଏ· ପରୀକ୍ଷା ଦେଇଛି । ଏଇ ମୋର ଗୋଟିଏ ମାତ୍ର ସନ୍ତାନ । ଏଇ ମୋର ଜୀବନ ।···ପ୍ରୌଢ଼ କହିଲେ ଭାବ ବିହ୍ୱଳ ହୋଇ ସୁମନ୍ତିକୁ ଚାହିଁ । ଅମୋଳ ସୁମନ୍ତିକୁ ଚାହିଁ ନମସ୍କାର କଲା । ସୁମନ୍ତି ବି ତା'ର ଶ୍ୱେତ ପାପୁଲି ଦୁଇଟିକୁ ଯୋଡ଼ି ଉତ୍ତର ଦେଲା ନମସ୍କାରର ।

—ତୁମ ନା କଣ ବାପା ?···ଘନେଶବାବୁ ଅମୋଳକୁ ପଚାରିଲେ ।

—ଅମୋଳ··· ।

—ବାପାଙ୍କ ପରି ଲ ପ୍ରାକ୍ଟିସ୍ କରିବ ?

—ମୁଁ କିଛି ଠିକ୍ କରିନି ଏ ଯାଏ···ଭାବୁଛି ଲ ପ୍ରାକ୍ଟିସ୍ କରିବି···ଉତ୍ତର ଦେଇସାରି ପଚାରିଲା, ଆପଣ କଣ ପୁରୀରେ କିଛିଦିନ ରହିବେ ?

—ହଁ ପୁରୀରେ କିଛିଦିନ ରହିବି । ସୁମନ୍ତିର ପରୀକ୍ଷାପରେ ଥରେ ପୁରୀ ବୁଲି ଆସିବାକୁ ଇଚ୍ଛାହେଲା । ପୁରୀରେ ମୋର ଗୋଟିଏ

ଘର ଅଛି ସମୁଦ୍ର କୂଳରେ । ମଝିରେ ମଝିରେ ଏମିତି ବୁଲିଆସି ପୁଣି କଲିକତା ଫେରିଯାଏ । ଚାକିରି ସମୟ ମଧ୍ୟରେ କଲିକତାକୁ ନିଜର କରି ନେଇଛି । ଦୀର୍ଘ କୋଡ଼ିଏବର୍ଷ ହେଲା ମୁଁ କଲିକତାରେ ରହୁଛି । ସେତେବେଳେ ସୁମନ୍ତ ଜନ୍ମ ହୋଇ ନଥାଏ । ସାରା ଭାରତବର୍ଷ ବୁଲିବାପରେ କଲିକତାରେ ସ୍ଥାୟୀଭାବରେ ରହିବାକୁ ହେଲା । ଅଠରଟି ବର୍ଷ ଯେଉଁ ଭୂମି ମୋତେ କୋଳରେ ଧରିଛି ତା'କୁ ମୁଁ କେମିତି ଛାଡ଼ି ପାରିବି ? ସୁମନ୍ତ ସେଠି ଜନ୍ମ ହୋଇଛି । ସେଠି ବଢ଼ିଛି । ସେ ଅବଶ୍ୟ ଦିନେ ଦିନେ ମୋତେ କହେ ଜନ୍ମଭୂମି ଓଡ଼ିଶାରେ ଆସି ରହିବାପାଇଁ । ସେ ବାୟୁଣୀଟା ବାବୁ, ସେ ବୁଝିପାରେନି, ଆମେ ବଙ୍ଗଳାରେ ରହିଲେ ଯାହା ଓଡ଼ିଶାରେ ରହିଲେ ବି ସେଇଯା । ଯାହାକୁ ଆମେ ନିଜର କରି ପାରିବା ସେ ଆଜୀବନ ଆମର ହୋଇ ରହିବ ।······ସୁମନ୍ତ କହେ, ଆମେ ଯଦି ଓଡ଼ିଶାକୁ ଭୁଲି ବଙ୍ଗଳାରେ ରହୁ ତେବେ ଆମେ ଆସ୍ତେ ଆସ୍ତେ ବଙ୍ଗାଳି ପାଲଟି ଯିବା । ଆମେ ଓଡ଼ିଶାର ସଂସ୍କୃତିକୁ ଭୁଲିଯିବା । ସେ ଭୁଲ ବୁଝୁଛି ବାପା । ସାରା ଭାରତର ସଂସ୍କୃତି ଗୋଟିଏ, ଏଠି ଓଡ଼ିଶା, ବଙ୍ଗଳା, ମାନ୍ଦ୍ରାଜର ତଫାତ୍ ନାହିଁ । ଆମେ ଆମର ସଂସ୍କୃତିକୁ ଭାଗି ଦେଇଛୁ । ସଂକୀର୍ଣ୍ଣ ହୋଇ ଯାଇଛି ଆମର ମନ । ସଂକୀର୍ଣ୍ଣମନା ହୋଇ ଆମେ ପରସ୍ପରର ବିରୋଧ କରୁଛୁ । ପରସ୍ପରକୁ ଘୃଣା କରୁଛୁ । ଭାରତ ବାହାରକୁ ଗଲେ ଆମେ ପରିଚୟ ଦେଉଁ ଆମେ ଭାରତୀୟ । କିନ୍ତୁ ନିଜ ଦେଶ ଭିତରେ ଆମେ ଟେଣାଓଟରା ହୋଇ ମରୁଛୁ । ଏଠି ଆମେ ଚିତ୍କାର କରୁଛୁ, ଆମର ଓଡ଼ିଶା, ଆମର ବଙ୍ଗଳା, ଆମର ମାନ୍ଦ୍ରାଜ । ଏଠି ଆମେ କାହିଁକି କହୁନୁ– ଆମେ ଭାରତୀୟ । ଭାରତର ଗୋଟିଏ ପରିବାରର ସନ୍ତାନ ଆମେ । ······ଦୁଃଖ ଲାଗୁଛି ଅମଳ, ଆମେ ଯେତିକି ସଭ୍ୟ ହେଉଛୁ

ସେତିକି ସଂକୀର୍ଣ୍ଣ ହୋଇ ଯାଉଛି ଆମର ମନ, ଆମର ଏଇ ଶିକ୍ଷା, ସଭ୍ୟତା ମୂଲ୍ୟହୀନ ହୋଇ ଯାଉଛି ।······କହି ତୁନି ରହିଲେ ଘନେଶ ବାବୁ ।

ନୀରବରେ ତନ୍ମୟ ହୋଇ ଶୁଣୁଥିଲେ ଅମଳ ଆଉ ସୁମନ୍ତ । ଦୁଇ ମିନିଟର ନୀରବତାପରେ ସୁମନ୍ତ ଉଠି ଆସି କହିଲା, ଔଷଧ ଖାଇବା ସମୟ ହେଲାଣି ବାପା । ହସିଲେ ଘନେଶ ବାବୁ ଅମଳକୁ ଚାହିଁ । କହିଲେ, ବୁଝିଲ ଅମଳ, ମୋର ଏଇ ବୁଢ଼ୀ ମାଆଟି ଆଉ ରଖି ଦେବନି । ସବୁବେଳେ ଖାଲି ଔଷଧ ଖୁଆଇବାରେ ବ୍ୟସ୍ତ ।

ଲାଜରେ ଝାଉଁଳିଗଲା ସୁମନ୍ତ । ଲାଜକୁଳି ଲତାଟି ପରି ସଂକୁଚିତ ହୋଇଗଲା ସେ । ଅମଳ ହସିଲା ସୁମନ୍ତକୁ ଦେଖି । ନୀରବ ହସ ଭିତରେ ନିରେଖି ଚାହିଁଲା ସେ ସୁମନ୍ତକୁ । ସୁମନ୍ତ ଚୁପ୍‌କରି ଘନେଶବାବୁଙ୍କୁ ଔଷଧ ଖୁଆଇ ଦେଲା ।

ଔଷଧ ଖାଇସାରି ଘନେଶବାବୁ କହିଲେ, ରାତି ଅନେକ ହେଲାଣି ବାପା, ଯାଅ ଟିକେ ବିଶ୍ରାମ ନିଅ । ତୁ ବି ଯା ମା, ଟିକେ ଶୋଇପଡ଼ ।

ସୁମନ୍ତ ଉପରକୁ ଯାଇ ଶୋଇବାକୁ ଚେଷ୍ଟାକଲା । ଅମଳ ବି ଶୋଇପଡ଼ିଲା, କିନ୍ତୁ କାହାରିକୁ ନିଦ ହେଲାନି । ମନେ ମନେ ଦୁହେଁ କେତେ କଣ ଭାବି ଚାଲିଥାନ୍ତି । ଅମଳ କଣେଇ ଚାହିଁଲା ତଳକୁ । ସୁମନ୍ତ ତା'କୁ ଚାହିଁ ରହିଛି । କିନ୍ତୁ ଅମଳର ଦୃଷ୍ଟି ସହିତ ଦୃଷ୍ଟି ମିଳିଯିବାପରେ ସୁମନ୍ତ ଚମକି ଉଠି ଆଖିବୁଜି ଦେଲା । ତାପରେ ଶୋଇବାକୁ ଚେଷ୍ଟାକଲା । ମନେ ମନେ ହସି ଅମଳ ମଧ୍ୟ କଡ଼ ଲେଉଟାଇ ଶୋଇଲା ।

ଏହା ଭିତରେ ଘନେଶବାବୁ ଶୋଇ ଯାଇଥିଲେ ନିଘୋଡ଼ ନିଦରେ ।

ପଲଙ୍କ ନିକଟରେ ଛିଡ଼ାହୋଇ ମାଳା ଅପେକ୍ଷା କରିଛି ।
ଅମଳ ମୁହଁ ହାତ ଧୋଇ ଜଳଖିଆ ଖାଇ ବସିଲା । ମାଳା ନୀରବରେ ଛିଡ଼ାହୋଇ ଅମଳକୁ ଦେଖୁଥିଲା ।

ଅମଳ ଜଳଖିଆ ଶେଷକରି ଖବର କାଗଜ ଉପରେ ମନଦେଲା । ମାଳା କପ୍ ପ୍ଲେଟ୍ ନେଇ ସେଠାରୁ ଯିବାକୁ ଉଦ୍ୟତ ହେଲା ।

ଅମଳ କାଗଜ ଉପରୁ ଦୃଷ୍ଟି ଉଠାଇ ଡାକିଲା, ମାଳା !

—ଆଜ୍ଞା ।···ମାଳା ଛିଡ଼ାହେଲା ଦୁଆର ମୁହଁରେ ।

— ବାବୁଲି କଣ କରୁଛି ?···ପଚାରିଲା ଅମଳ ।

—ତଳଘରେ ଖେଳୁଛି ।···ଉତ୍ତର ଦେଲା ମାଳା ।

—ତାକୁ ଏଠାକୁ ନେଇ ଆସ ମାଳା । ଏଠି ସେ ଖେଳୁ ।
···ଅମଳ କହିଲା । ମାଳା ଚାଲିଗଲା । ଅମଳର ମନ ପଛ ଦିନକୁ ଫେରିଯାଇଛି ।

ସେ ସଞ୍ଜକୁ ହରାଇ ତା'ର ସନ୍ତାନକୁ ମଧ୍ୟ ହରାଇଛି । ସେ ଥିଲେ ଆଜ ତା ସଂସାର ହସି ଉଠୁଥାନ୍ତା । ଏତିକିବେଳେ ବାବୁଲିକୁ ଆଣି ମାଳା ଆସି ଅମଳ ପାଖରେ ପହଞ୍ଚିଲା । ମାଳା କୋଳରେ ଶିଶୁଟିକୁ ଦେଖି ଅମଳ କର ପ୍ରସାରଣ କଲା ଶିଶୁଟିକୁ ନେବା ପାଇଁ । ତା ଆଖି ଆଗରେ ନାଚିଉଠିଲା ସଞ୍ଜର ରୂପ । ସଞ୍ଜ କୋଳରେ ସନ୍ତାନ ! ଅମଳର ସନ୍ତାନ । ତାରି ରକ୍ତରେ ଗଢ଼ା ।

ମାଳା ମଧ୍ୟ ସନ୍ତାନ କାଙ୍ଗାଳ ଅମଳକୁ ଚାହିଁ ରହିଛି ଭାବାବେଶରେ ।

—ତାକୁ ଦିଅ ମତେ ମାଳା ! ଅମଳ କହିବା ଶୁଣାଗଲା ।

—ଯାକୁ ନେବେ ? ଅପରିଷ୍କାର ହେଇଛି । ମାଳା ଲକ୍ଷ୍ୟ କଲା ଅମଳର ଭାବ ।

ବାବୁଲ ଗୃହିଁ ରହିଛି ଅମାଳକୁ । ହସୁଛି । ଅମାଳର କୋଳକୁ ଯିବାକୁ ବୋଧେ ସେ ଗୃହେଁ ।

—-ଅପରିଷ୍କାର ହେଲେ କଣ ହେଲା ? ନିଜ ପିଲାକୁ ମଇଳା ହେଲେ କଣ କେହି ଘୃଣା କରନ୍ତି ?  ତମ ପିଲା ବୋଲି ଘୃଣାତ ମତେ ଅସନା ଲାଗିବ ? ଦିଅ ମାଳା ! କହି ଅମାଳ ଏକପ୍ରକାର ବାବୁଲକୁ ଛଡ଼ାଇ ଆଣିଲା ମାଳା କୋଳରୁ । ମାଳା ସ୍ତବ୍‌ଧ ହୋଇ ଗୃହିଁ ରହିଲା । ଅମାଳ ବାବୁଲକୁ କୋଳରେ ଧରି ପଲଙ୍କ ଉପରେ ବସିଲା । କେତେ ଗେଲ କଲା ।

ଦେଢ଼ ବର୍ଷର ଶିଶୁ ବାବୁଲ । ସଂସାର ବିଷୟରେ ସେ କିଛି ଜାଣେନି । ହସ ଖୁସିରେହିଁ ତା’ ମନ ସୀମିତ । ସେ ଅମାଳର ମନକଥା କୁଆଡ଼ୁ ବୁଝିବ । ଅମାଳ କୋଳରେ କେତେବେଳଯାକେ ରହି ତାକୁ ଦେଖିଲା ଓ ମାଳାକୁ ଗୃହିଁଲା । ମାଳାର ସ୍ତବ୍‌ଧତା ଲକ୍ଷ୍ୟକରି ସେ କାନ୍ଦି ଉଠିଲା ମାଳା କୋଳକୁ ଆସିବା ପାଇଁ ।

ଅମାଳ ଗେଲ କଲା, ଚୁମା ଖାଇଲା, କିନ୍ତୁ ସ୍ଥିର ହେଲାନି ସେ ।

ମୋତେ ଦିଅନ୍ତୁ ବାବୁ ।···ମାଳା ନେଇ ଆସିଲା ବାବୁଲକୁ । ବାବୁଲ ଚୁପ ହୋଇଗଲା । ଅମାଳକୁ ଗୃହିଁ ମୁରୁକି ହସିଲା ।

—ବଡ଼ ବଦମାସ୍‌ଟାଏ । ଏବେ କାନ୍ଦୁଥିଲା । ଶୁଣି ହସୁଛି···। ···ହସି କହିଲା ଅମାଳ କୃତ୍ରିମ ରାଗ ଦେଖାଇ ।

ହସ ଫୁଟି ଆସିଲା ମାଳା ଓଠରେ ମଧ୍ୟ ।

ସମୟ ବିତିଯାଏ । ରାତି ହୁଏ । ନିଦ୍ରାଳୁ ମନ ଭିତରକୁ ପୁଣି ସ୍ୱପ୍ନ ଲେଉଟି ଆସେ । ପୁରୁଣା କଥା ଖେଳିଯାଏ ସ୍ୱପ୍ନରେ । ଶୋଇ-ରହି ସେ ଦେଖେ ସଖୀକୁ ।

ସଖୀ ବସିଛି ତା' ପାଖରେ । ସଖୀର କୋଳରେ ମୁଣ୍ଡଗୁଞ୍ଜି ଶୋଇଛି ସେ । ସଖୀ ଗୀତ ଗାଉଛି । ସୁଲଳିତ କଣ୍ଠରୁ ତା'ର ଝରି ପଡ଼ୁଛି ସଂଗୀତର ମୂର୍ଚ୍ଛନା । ଗୀତ ବନ୍ଦହୁଏ । ଚମକି ଉଠେ ଅମୀଳ । କାହିଁ ସଖୀ ? ହୁଏତ ଏଇଠି ଥିଲା । କୁଆଡ଼େ ଗଲା ସେ ? ମୁଣ୍ଡ ଗୋଳମାଳ ହୋଇଯାଏ । ସ୍ମୃତି ପର୍ଦାରେ ଭାସି ଉଠିଲା ଗଲା ଦିନର ଅଭୁଲା କାହାଣୀ ।

ପୁରୀ ଷ୍ଟେସନରେ ଏକ୍ସପ୍ରେସ ପହଞ୍ଚି ଯାଇଛି । ଅନିତା ଆସିଛି ତା'କୁ ପାଛୋଟି ନେବା ପାଇଁ । ଗାଡ଼ିରୁ ଅମୀଳ ଓହ୍ଲାଇ ଆସିଲା ।

—ଭାଇ !···ଅନିତା ଦୌଡ଼ିଯାଇ ଆନନ୍ଦାତିଶଯ୍ୟରେ ଅମୀଳକୁ କୁଣ୍ଢାଇ ଧରିଲା । ଅମୀଳ ମଧ୍ୟ ଅନିତା ପିଠି ଥାପୁଡ଼େଇ ଗେଲ କଲା ।

—ଆଉ କିଏ ଆସିଛନ୍ତି ଅନି ?···ପଚାରିଲା ଅମୀଳ ।

—ଆଉ କିଏ ଆସିବ ଭାଇ । ନୂଆବୋଉ ତ ନାହାନ୍ତି, ନହେଲେ ସେ ଆସିଥାନ୍ତେ ମୋ ଭାଇଙ୍କୁ ପାଛୋଟି ନେବାକୁ । ···ଦୁଷ୍ଟାମି କରି କହିଲା ଅନିତା ।

—ଦୁଷ୍ଟା ! ତୋର ଦୁଷ୍ଟାମି ଆହୁରି ଯାଇନି ? ହଉ ଘରକୁ ଚାଲ ତୋତେ ଦେଖୁଛି ।···ଅନିତାର ନାକକୁ ଚିମୁଟିଦେଇ କହିଲା ଅମୀଳ । ମୁରୁକି ହସିଲା ଅନିତା ଭାଇର କୃତ୍ରିମ ରାଗ ଦେଖି, ଗାଡ଼ିରୁ ଓହ୍ଲାଇନି ସୁମିତ୍ର । ଭାଇ ଭଉଣୀର ମିଳନକୁ ଉପଭୋଗ କରୁଥିଲା ସେ । ଅମୀଳ କୁଲି ଡାକି ଜିନିଷପତ୍ର ବାହାର କରି ଆଣିଲା ।

—ଆରେ ହଁ ଅନି, ଦେଖ୍ ମୁଁ ଭୁଲିଯାଇଛି ତୋ ସାଙ୍ଗେ ପରିଚୟ କରାଇ ଦେବାକୁ ।···କହି ଅମୀଳ ସୁମତିକୁ ଚାହିଁ କହିଲା —ଓହ୍ଲାନ୍ତୁ !

ସୁମତି ଓହ୍ଲାଇ ଆସିଲା ।

—ଏ ହେଉଛନ୍ତି ସୁମତି ଦେବୀ । ଏ ବର୍ଷ ବି. ଏ. ପରୀକ୍ଷା ଦେଇଛନ୍ତି । ରାୟବାହାଦୁର ଦିନେଶ ଚନ୍ଦ୍ର ପଟ୍ଟନାୟକଙ୍କ କନ୍ୟା ।

ଗାଡ଼ି ଭିତରେ ରହି ଦିନେଶବାବୁ ଜିନିଷପତ୍ରକୁ ତନଖୁଥିଲେ । ଅମୀଳ ତାଙ୍କ ଆଡ଼େ ହାତ ଦେଖାଇ କହିଲା ଅନିତାକୁ ।

—ଆଉ ଏ ମୋର ଶ୍ରେଷ୍ଠ ଭଉଣୀ ଅନିତା । ଭାରି ଦୁଷ୍ଟ କହି ସୁମତି ମୁହଁକୁ ଅନେଇ ସାମାନ୍ୟ ହସିଲା ଅମୀଳ ।

ଅନିତା ଭାଇ ଉପରେ ଚିଡ଼ି ଉଠିଲା । ସେ ସମସ୍ତଙ୍କୁ ସେମିତି କହନ୍ତି । ସତରେ କଣ ସେ ଦୁଷ୍ଟ ? ସେ ଭାବେ । ନା, ଭାଇ ଥଟ୍ଟାରେ କହନ୍ତି ତା'କୁ ଚିଡ଼େଇବାକୁ । ତା'ର ଭାଇହିଁ ଦୁଷ୍ଟ । ହସିଲା ସେ ।

ସୁମତି ଏବଂ ଅନିତା ପରସ୍ପରକୁ ନମସ୍କାର କଲେ । ଦିନେଶ ବାବୁ ଓହ୍ଲାଇ ଆସିବାରୁ ଅନିତା ତାଙ୍କୁ ନମସ୍କାର କଲା । ପ୍ରତି ନମସ୍କାର କରି ଦିନେଶବାବୁ ବିସ୍ମିତ ହୋଇ ପଚାରିଲେ—ଆରେ, ଏ ପୁଣି କିଏ ?

—ମୋର ଶ୍ରେଷ୍ଠ ଭଉଣୀ ଅନିତା ଆଜ୍ଞା ।···କହିଲା ଅମୀଳ ।

—ଓଃ, ଆଡ଼ଭୋକେଟ ଦାସଙ୍କ କନ୍ୟା ! ବେଶ୍ ବେଶ୍ ।··· ଆନନ୍ଦରେ ଦିନେଶବାବୁ ଅନିତାର ପିଠିରେ ହାତମାରି କହିଲେ ।

—ଆଚ୍ଛା ଅମୀଳ, ବର୍ତ୍ତମାନ ଯିବା ବାହାରକୁ ?

—ଚାଲନ୍ତୁ ଆଜ୍ଞା ।···ଅମୀଳ କୁଲିଙ୍କୁ ଜିନିଷଗୁଡ଼ିକ ଧରିବାକୁ ଆଦେଶ ଦେଲା ।

ଆଗରେ ଧୀନେଶ ବାବୁ ଏବଂ ଅମୀଳ, ପଛରେ ଅନୀତା ଏବଂ ସୁମନ୍ତ ଚାଲିଲେ । ଆଡ୍‌ଭୋକେଟ ଦାସଙ୍କର ପ୍ଲାଇମାଉଥ୍ କାର୍‌ଟି ବାହାରେ ଅପେକ୍ଷା କରିଥିଲା ଏମାନଙ୍କ ପାଇଁ । କୁଲି ଆଉ ଡ୍ରାଇଭର ମିଶି କାର୍‌ରେ ଜିନିଷଗୁଡ଼ିକ ସଜାଇ ରଖିଲେ ।

—କିନ୍ତୁ ଆମର ଗୋଟିଏ ରିକ୍‌ସା ହେଲେ ଚାଲିଯିବ ଅମୀଳ୍...କହିଲେ ଧୀନେଶବାବୁ ।

—ନାଇଁ ଆଜ୍ଞା, ରିକ୍‌ସା କଣ ହେବ ? ଚାଲନ୍ତୁନା କାର୍‌ରେ ଚାଲିଯିବା ।...ଅମୀଳ ଅନୁରୋଧ କଲା ।

—ଆମେ ଯେ ସମୁଦ୍ର କୂଳକୁ ଯିବୁ ।...ଧୀନେଶବାବୁ କହିଲେ

—ଆମ ଘରବି ସେଇ ସମୁଦ୍ର କୂଳରେ ।...କହିଲା ଅମୀଳ ନମ୍ର ଗଳାରେ । ଧୀନେଶବାବୁ ଅମୀଳର ଉତ୍ସାହରେ ପ୍ରତିବାଦ ନକରି କାର୍‌ରେ ବସିଲେ । କାର୍‌ଟି ଗଭର୍ଣ୍ଣମେଣ୍ଟ ହାଉସ୍ ପାଖରେ ପହଞ୍ଚିଲା-ବେଳେ ଧୀନେଶ ବାବୁ କହିଲେ—ଏଇଠି ଆମକୁ ଓହ୍ଲାଇ ଦିଅ ଅମୀଳ !

କାର୍ ଅଟକି ଗଲା 'ସ୍ୱର୍ଣ୍ଣଲତା ଭବନ'ର ଟିକିଏ ପରେ 'ସାଗରମୁଖୀ' ସାମନାରେ । କାର୍‌ରୁ ଓହ୍ଲାଇ ଆସିଲେ ଚାରିଜଣ । ଧୀନେଶବାବୁଙ୍କୁ ଦେଖି ମାଳି ଦୌଡ଼ି ଆସି ତାଙ୍କ ପାଦ ତଳେ ଲୋଟିଗଲା । ମାଳିକୁ ତଳୁ ଉଠାଇ ଧୀନେଶବାବୁ ତାଙ୍କର ଜିନିଷ-ଗୁଡ଼ିକ କାର୍‌ରୁ ବାହାର କରିବାକୁ କହିଲେ ।

—ଆଚ୍ଛା ଅମୀଳ । ଆମେ ଯାଉଛୁ ତୁମ ଘରେ ମଧ୍ୟ ବାପା ମା' ତୁମକୁ ଚାହିଁ ରହିଥିବେ । ତୁମେ ଯାଅ । କିନ୍ତୁ ଆମ ଘରଆଡ଼େ ଆସିବାକୁ ଯେପରି ଭୁଲିବନି...ଅବଶ୍ୟ ବାପାଙ୍କ ସହିତ ଦେଖା ହେବାପାଇଁ ତମ ଘରଆଡ଼େ ମୁଁ ଯିବି...ଆଚ୍ଛା ଚାଲ ମା' !

ଧୀନେଶ ବାବୁ ଫେରିଲାବେଳେ ଭାଇ ଭଉଣୀ ନମସ୍କାର ହେଲେ ସେ ଦୁହିଁଙ୍କୁ । କାର୍‌ଟି ଦ୍ରୁତଗତିରେ ଚାଲିଲା ସ୍ୱର୍ଗଦ୍ୱାର ନିକଟବର୍ତ୍ତୀ 'ସ୍ୱର୍ଗପୁରୀ' ଆଡ଼କୁ ।

ଦିନଗୁଡ଼ିକ ସୁଅପରି ବହିଚାଲିଛି । ଏହା ଭିତରେ ଆଠ ଦିନ ବିତିଗଲା । ମନ ହେଉଥିଲେ ବି ସୁଯୋଗ ପାଉ ନଥିଲା ଅମଳ 'ସାଗରମୁଖୀ'କୁ ଥରେ ଯାଇ ସୁମନ୍ତକୁ ଦେଖି ଆସିବାକୁ ।

ଦିନେ ସେ ଠିକ୍ କଲା, ସେ ଯିବ 'ସାଗରମୁଖୀକୁ ।

—ଆଜି କଣ 'ପ୍ରୋଗ୍ରାମ୍' କରିଛ ଭାଇ ?···କପ୍‌ରେ ଚିନି ଦେଉ ଦେଉ ପଚାରିଲା ଅନିତା ।

ଅମଳ ଚିଠି ଲେଖା ବନ୍ଦକରି ଚାହିଁଲା ଅନିତାକୁ । କିଛି ସମୟ ଚାହିଁ ପୁଣି ଚିଠି ଲେଖାରେ ମନଦେଲା···

—ମୋ ପ୍ରୋଗ୍ରାମରେ ତୋର କଣ ସମ୍ବନ୍ଧ ଅଛି ?

—ହୁଁ, 'ପ୍ରୋଗ୍ରାମ'ଟା କହିଲେ କ'ଣ ମୁଁ ଖାଇଯିବି ! ···ଅଭିମାନ କଲା ଅନିତା । ଲଫାଫା ଭିତରେ ଚିଠିକୁ ପୂରାଇ ହସିଲା ଅମଳ ।

—ତୋତେ ବିଶ୍ୱାସ କଣ ? ତୁ ଯଦି ଖାଇଯାଉ···!··· କହିଲା ଅମଳ ।

ଚା' କପ୍‌ଟି ଅମଳଆଡ଼େ ବଢ଼ାଇ ଦେଇ କହିଲା ଅନିତା— ଆଉ ନୁହେଁ କଣ ? ମୁଁ ତ ଖାଲି ତୁମ 'ପ୍ରୋଗ୍ରାମ'କୁ ଖାଇବାକୁ ବସିଛି, ନ କହିଲେ ନାହିଁ ।

ଅନିତାକୁ ଟାଣିଧରି ଅମୀଲ ହସି କହିଲା—ରାଗୁଛୁ ଅନି ? ଆଚ୍ଛା କହିଲୁ , ଆଜ 'ସାଗରମୁଖୀ'କୁ ଗଲେ କେମିତି ହୁଅନ୍ତା ? ଗଣେଶବାବୁ ସେଦିନ କହିଥିଲେ ଥରେ ତାଙ୍କ ଘରକୁ ଯିବାକୁ । ଆଠଦିନ ହେଲାଣି···

—ମୁଁ କୁମାରୀ ସୁମତିଙ୍କୁ ନଦେଖି ପାଗଳ ହୋଇଗଲିଣି । ଏଇଆତ ?···ଖିଲ ଖିଲ ହସି ଉଠିଲା ଅନିତା ।

—ଫାଜିଲ ! ଭାଇ ସଙ୍ଗେ ଥଟ୍ଟା କରୁଛୁ ! ରହ ଆଜି ତୋତେ ଦେଖୁଛି ।···କହି ଅନୀଲ ଅନିତାକୁ ଧରିବାକୁ ଗଲାବେଳେ ଅନିତା ତାଠାରୁ ଦୌଡ଼ି ଖସି ପଳାଇଲା । ଅନୀଲ ବି ତା' ପଛେ ପଛେ ଦୌଡ଼ିଲା ।

—ଦେଖ ମା', ଭାଇ କେମିତି ମୋତେ ମାରିବାକୁ ଆସୁଛନ୍ତି । ···ଅନିତା ନିରୁପମା ଦେବୀଙ୍କ ପଛପଟେ ଆଶ୍ରୟ ନେଇ ଅଭିଯୋଗ କଲା ଅନୀଲ ବିରୁଦ୍ଧରେ ।

—ଦେଖିଲୁ ମା, ଏତେଟିଏ ହେଲାଣି ଆସି ମୋ ସାଙ୍ଗରେ କେମିତି ଥଟ୍ଟା ଖେଳୁଛି ? କହି ଅନୀଲ ଅନିତାର କାନକୁ ଧରି ନିରୂପମା ଦେବୀଙ୍କ ପଛରୁ ଟାଣିଆଣିଲା ।

—କଣ ଏସବୁ ହେଉଛି ?···ମା କୃତ୍ରିମ ବିରକ୍ତ ହୋଇ କହିଲେ ।

—ଉଃ, ମୋ କାନ ଛାଡ଼ ଭାଇ ! ତୁମ ପାଦ ତଳେ ପଡ଼ୁଛି । ଆଉ କେବେ ସେମିତି କହିବିନି !···

—ହୁଁ !···ଅନୀଲ ଅନିତାର କାନକୁ ଛାଡ଼ ତାର ହାତ ଧରି ଟାଣି ଆଣିଲା ପୁଣି ଉପର ମହଲାକୁ ।

ନିରୂପମା ଦେବୀ ହସି ହସି କହିଲେ—କେହି କାହାକୁ କମ୍ ନୁହଁ·····

ଉପର ମହଲାକୁ ଆସିବା ପରେ ଅନୀଲ ପୁଣି ପଚାରିଲା—କହ ଅନି, ଆଜ ତାଙ୍କ ଘରୁ ଆଜ୍ଞେ ଯିବା ?

—ତୁମ ସାଙ୍ଗରେ ମୁଁ କାହିଁକି ଯିବି ମ ? ମୁଁ ଯଦି ଯାଏଁ ତେବେ ସୁମଣ୍ଟ ଦେଖ॰॰॰। ॰॰॰ଅନୀଲ ପାଖରୁ ଦୂରେଇ ଯାଇ ହାତଯୋଡ଼ି ଠିଆ ହେଲା ଅନିତା ମୁହଁରେ ହସ ଖେଳାଇ।

ଅନୀଲ ପୁଣି ତାକୁ ମାରିବାକୁ ଉଠିଲାବେଳେ ସେ ବିନୟୀ ହୋଇ କହିଲା, ଆଉ କହିବନି ଭାଇ।

ଅନୀଲ ବସି ପଡ଼ି କହିଲା—ଏଥର ପାଗଳାମି ବନ୍ଦ କର। କହ, ତାଙ୍କ ଘରକୁ ଯିବା କିନା ?

—କିନ୍ତୁ ମୋତେ କାହିଁକି ତୁମେ ଜବରଦସ୍ତ ତାଙ୍କ ଘରକୁ ଟାଣି ନେଉଛ ମୁଁ କିଛି ବୁଝି ପାରୁନି ?॰॰॰

ଅନୀଲ ଏଇ ପ୍ରଶ୍ନର କଣ ଉତ୍ତର ଦେବ ହଠାତ୍ କିଛି ଭାବି ପାରିଲା ନାହିଁ। ଏଇ ସମୟରେ ତଳ ମହଲାରୁ ଆଡ଼ଭୋକେଟ୍ ଦାସଙ୍କର ଡାକ ଶୁଣାଗଲା।

—ଭାଇ, ବାପା କୋର୍ଟରୁ ଫେରିଲେଣି। ଚାଲ ତୁମକୁ କାହିଁକି ଡାକୁଛନ୍ତି। ॰॰॰ଅନିତା କହିଲା ବାପାଙ୍କ ଡ଼ାକ ଶୁଣି।

ଅନୀଲ କିନ୍ତୁ ମନେ ମନେ ଚିଡ଼ି ଉଠିଲା। ଆଜି ପୁଣି ବାପା ଆଉ କେଉଁ ଭଦ୍ରଲୋକଙ୍କୁ ଧରି ଆଣିଥିବେ କୋର୍ଟରୁ ଫେରିଲା-ବେଳେ। ସାଙ୍ଗରେ ସେଇ ଭଦ୍ରଲୋକଙ୍କୁ ପରିଚିତ କରାଇ କହିବେ, ଏଇ ମୋର ପୁଅ, କଲିକତାରୁ ଏମ୍. ଏ. ଏଲ ଏଲ. ବି ହୋଇ ଫେରିଛି। ତା'ପରେ ଖୁଲିବ ଗୁଣ ଗାନ। ସେ କେମିତି ତାଙ୍କ ପରି ଜଣେ ସୁଦକ୍ଷ ଆଡ଼ଭୋକେଟ୍ ହେବ। ସାରା ଦେଶରେ କେମିତି ତାର ସୁନାମ ରଟିବ। ଏଣୁ ତେଣୁ ଅନେକ କଥା। ତାଙ୍କଠୁ

ଅବ୍ୟାହତି ପାଇବା ଗୋଟିଏ ବଡ଼ ସମସ୍ୟା । ସେଇ ସମସ୍ୟାର ଗୋଟିଏ କେମିତି ସୁସମାଧାନ ହେବ ଭାବି ଭାବି ଅନୀଲ ତଳ-ମହଲାକୁ ଆସିଲା । ତା' ପଛେ ପଛେ ଅନିତା ବି ଆସିଲା ଭାଇର ପ୍ରଶସ୍ତି ଶୁଣିବା ପାଇଁ । କିନ୍ତୁ ତଳ ମହଲାର ଡ୍ରଇଂରୁମରେ ପହଞ୍ଚି ସେ ଯାହା ଦେଖିଲା ସେଥିରେ ସେ ସ୍ତବ୍‌ଧ ହୋଇଗଲା । ଅନିତା ବି କମ ଆଶ୍ଚର୍ଯ୍ୟ ହୋଇ ନ ଥିଲା ।

ଡ୍ରଇଂରୁମରେ ଠିଆ ହୋଇଥିଲେ ରାୟବାହାଦୁର ଧନେଶ ପଟ୍ଟନାୟକ ଏବଂ ତାଙ୍କର କନ୍ୟା ସୁମିତ୍ରା । ଆଉ ଆଡ଼ଭୋକେଟ୍ ଦାସ ଡ୍ରଇଂରୁମର ସାଜ ସଜ୍ଜାକୁ ଦେଖାଇ କଣ ବୁଝାଉଥିଲେ ସେ ଦୁହିଁଙ୍କୁ । ଅନୀଲ ଆଉ ଅନିତା ପହଞ୍ଚି ନମସ୍କାର କଲେ ଧନେଶ ବାବୁ ଆଉ ସୁମିତ୍ରାଙ୍କୁ ।

—ଅନୀଲ ଆଣ୍ଡ ଅନିତା ! କହୋ ଅନୀଲ, ସେଦିନ ଆମକୁ ଛାଡ଼ି ଦେଇ ଏ ଆଡେ ରହିଲ ନା ? ତୁମେ ନ ଯିବାରୁ ଆମେ ଚାଲି ଆସିଲୁ, ଯେତେହେଲେ ପୁରୁଣା ବନ୍ଧୁ ମି: ଦାସ··· ଧନେଶବାବୁ ରହସ୍ୟ କରି କହିଲେ ।

—ଆଜ୍ଞା ମୁଁ··· । ···ଅନୀଲର ଜିଭ ଲେଉଟିଲା ନାହିଁ କୌଣସି ମିଥ୍ୟା କୈଫିୟତ ଦେବାକୁ ।

—ମୋତେ ତ କହିନୁ ଅନୀଲ, ଧନେଶ ବାବୁ ପୁଣି ଆସିଛନ୍ତି ବୋଲି ?···ଆଡ୍‌ଭୋକେଟ୍ ଦାସ ପଚାରିଲେ ।

—ଭୁଲି ଯାଇଥିଲି···ଅନୀଲ କୈଫିୟତ ଦେଲା ।

—ହଉ ଯା । ଦୈବାତ୍ ମୁଁ କୋର୍ଟରୁ ଫେରିଲାବେଳେ ତାଙ୍କ ସହିତ ଦେଖା ହେଲା । ଅନିତା, ନେଇ ଯା ମା ସୁମିତ୍ରାକୁ ।··· ଆଡଭୋକେଟ ଦାସ ଅନିତାକୁ କହିଲେ ।

ପ୍ରବୋଧବାବୁ ଏବଂ ଗଣେଶବାବୁ ସୋଫା ଉପରେ ବସିଲେ । ଅନୀଲ ସେଠି ରହିବ କି ନାହିଁ ଭାବି କିଛି ସମୟ ଛିଡ଼ାହୋଇ ରହିଲା । ତା' ପରେ ଉପର ମହଲାକୁ ସେ ଚାଲି ଆସିଲା ।

ତା' ରୁମ୍‌ରେ ସେତେବେଳକୁ ଅନିତା ଆଉ ସୁମନ୍ତି ଆଳାପରେ ବ୍ୟସ୍ତ ଥିଲେ । ତା ଉପସ୍ଥିତିରେ ହଠାତ୍ ସେ ଦୁହିଁଙ୍କର ଆଳାପ ବନ୍ଦ ହୋଇଗଲା । ସୁମନ୍ତି ପଲଙ୍କ ଉପରେ ସଜାଡ଼ି ହୋଇ ବସିଲା ।

ଅନିତା ସାଙ୍ଗେ ସାଙ୍ଗେ କହିଲା—ଦେଖୁଛ ଭାଇ, ସୁମନ୍ତି ଦେବୀ ଆମ ବିରୁଦ୍ଧରେ କେମିତି ଅଭିଯୋଗ କରୁଛନ୍ତି । ଏଇ ଭିତରେ ଆମେ କୁଆଡ଼େ ତାଙ୍କୁ ଭୁଲି ଗଲୁଣି ।

—ଆଜି ସେଇ ଭୁଲ ପାଇଁ ଆମେ ଆପଣଙ୍କୁ କ୍ଷମା ମାଗୁଛୁ ସୁମନ୍ତି ଦେବୀ । ସୁମନ୍ତି ଉଦ୍ଦେଶ୍ୟରେ କହିଲା ଅନୀଲ ।

ସୁମନ୍ତି ବ୍ୟସ୍ତ ହୋଇ କହିଲା—ଏ ଆପଣ କଣ କହୁଛନ୍ତି ? ଅନିତା ଯାହା କହିଲେ ତାହା ସତ ବୋଲି ଧରି ନେଲେ ଆପଣ ?

—ଅନିତା ସତ କହିଥାଉ ବା ମିଛ କହୁ, ଆମେ ଯେ ଭୁଲ କରିଛୁଁ ଏଥିରେ ସନ୍ଦେହ ନାହିଁ । କିନ୍ତୁ ସୁମନ୍ତି ଦେବି, ଏଇ ଭୁଲପାଇଁ ମୁଖ୍ୟତଃ ଦାୟୀ ଅନିତା ।···ହସି କହିଲା ଅନୀଲ ।

—ଆରେ ବାଃ, ମୁଁ କାହିଁକି ଦାୟୀ ହେବି ମ ? ତୁମେ ଏକେଲା ତାଙ୍କ ଘରକୁ ଯିବାକୁ ଲାଜ କରିବ ବୋଲି କଣ ମୁଁ ଦାୟୀ ହେବି ? ଦେଖନ୍ତୁ ନା, ଭାଇ କେମିତି କହୁଛନ୍ତି ?···ଅନିତା ଅନୀଲକୁ କଣେଇ ଚାହିଁ କହିଲା ।

—ପୁଣି ବାହାରିଲା ଫାଜିଲାମି···? ଆଚ୍ଛା ସୁମନ୍ତି ଦେବୀ ଯାନ୍ତୁ:—କପଟ କ୍ରୋଧରେ କହିଲା ଅନୀଲ ।

ଭାଇ ଭଉଣୀଙ୍କ କଥାବାର୍ତ୍ତାକୁ ଶୁଣି ଯାଉଥିଲା ସୁମନ୍ତ । କିଛି ସମୟ ପରେ ଆଳାପର ଧାରା ବଦଳିଗଲା । ଆଳାପ ପରେ ସୁମନ୍ତ ବିଦାୟ ନେଇ ଧନେଶବାବୁଙ୍କ ସାଙ୍ଗରେ ଫେରି ଆସିଲା 'ସାଗରମୁଖୀ'କୁ ।

ପ୍ରଥମ ସୋପାନରୁ ଦ୍ୱିତୀୟ ସୋପାନକୁ ଉନ୍ନୀତ ହୋଇଛି ଅନୀଲ ଆଜି ସୁମନ୍ତର ବନ୍ଧୁତା । ପାରିବାରିକ ସମ୍ବନ୍ଧ ନିକଟ ହୋଇ ଆସିଛି । ଘନିଷ୍ଠତା ବଢ଼ିଛି ।

ସୁଜିତ ଚିଠି ଦେଇଛି । ମିସେସ୍ ମୁଖାର୍ଜୀ ଅନୀଲକୁ ଅନେକ-ଦିନ ହେଲା ନ ଦେଖି ବ୍ୟସ୍ତ ହୋଇ ଉଠିଛନ୍ତି । ସେ ତାକୁ ନ ଦେଖି ବାତୁଳ ହୋଇ ଗଲେଣି । ସୁଜିତ୍ ତାଙ୍କୁ ଆଶ୍ୱାସନା ଦେଇଛି, ଅନୀଲ ପୁଣି ଆସିବ ।

ତୁ ପୁଣି କେବେ କଲିକତା ଆସୁଛୁ । ସୁଜିତ ଲେଖିଛି, ଚେଷ୍ଟାକରି ଥରେ ଆସିବୁ । ମିସେସ୍ ମୁଖାର୍ଜୀ ତୋତେ ଦେଖିବାକୁ ଚାହାନ୍ତି । ଆଉ କିଛିଦିନ ଯଦି ସେ ତୋତେ ନ ଦେଖନ୍ତି ତେବେ ସେ ପାଗଳ ହୋଇଯିବେ । ଥଟ୍ଟା କରୁନି ମୁଁ । ବାସ୍ତବିକ କଥା । ମୋତେ ଯେଉଁଠି ଦେଖିଲେ ବି ତୋ କଥା ପଚାରନ୍ତି । ଏମିତି ଆହୁରି କେତେକଣ ଲେଖିଛି ସୁଜିତ ।

ଅନୀଲ ଚିଠିଟି ପଢ଼ି ହସିଲା । ସୁଜିତ ଗୋଟିଏ ପ୍ରଥମ ଶ୍ରେଣୀର 'ଇଡ଼ିଏଟ୍' ।

—କିଏ ଚିଠି ଦେଇଛି ଭାଇ ?···ଅନିତା ପଚାରିଲା ।

—ସୁଜିତ ।···ଲଫାପା ଭିତରେ ଚିଠିକୁ ଭର୍ତ୍ତିକରି କହିଲା ଅନୀଲ ।

—ଭାଇ, ସୁମନ୍ତ ଦେବୀ ଆଜ ନିମନ୍ତ୍ରଣ କରିଛନ୍ତି । ଆଜ ତାଙ୍କର ଜନ୍ମଦିନ ।···କହିଲା ଅନିତା ।

—ନିମନ୍ତ୍ରଣ କରିଛନ୍ତି ତ ଚାଲି ଯା' । ମୋତେ କହି ଲାଭ କଣ ? କହିଲା ଅନୀଲ ଅନିତାକୁ ଚାହିଁ ।

—ଆରେ ବାଃ, ନିମନ୍ତ୍ରଣ ହୋଇଛି ତୁମକୁ ଆଉ ଯିବି ମୁଁ ? ···ମୁରୁକି ହସିଲା ଅନିତା ।

—ତୁ ସୁମନ୍ତ ଦେବୀଙ୍କର ଏଜେଣ୍ଟ ହୋଇଛୁ ନା କଣ ? ତୋ ଦ୍ୱାରା ମୋତେ ନିମନ୍ତ୍ରଣ କରିବା ମତଲବ ?

—ତାଙ୍କର ଏଜେଣ୍ଟ ହେବାକୁ ମୁଁ କୁଣ୍ଠାବୋଧ କରୁନି ଯେ କିନ୍ତୁ ସତରେ ସେ ତୁମକୁ କହିବାକୁ ଆସିଥିଲେ । ସେ ଆସିଲାବେଳେ ତୁମେ ନ ଥିଲ, ଆଉ କହନ୍ତେ କେମିତି ?···

—ହୁଁ···। ମୋ ଅନୁପସ୍ଥିତିରେ ସେ ସବୁବେଳେ ଆସିବାକୁ ଚାହାନ୍ତି । ଆଜ ବି ଆସିଲେ !···ଅନିତା ହସିଲା ।

—ହସୁଛୁ କାହିଁକି ? ମାଡ଼ ଚାହୁଁଛୁ ନା କଣ ?···ଅନୀଲ ମଧ ହସିଲା ।

—ଭାଇ, ଗୋଟିଏ କଥା କହିବି ରାଗିବନି ତ ?···

—ତୋର ସବୁ କଥାରେ ରାଗହୁଏ । ଏଥିରେ ବି ରାଗିବି ।···

—ଅଚ୍ଛାନୁହେଁ ଭାଇ, ସୁମନ୍ତ ଦେବୀ ସତରେ ତୁମକୁ ଖୁବ୍ ଭଲ ପାଆନ୍ତି । ସେ ଯେତେବେଳେ ଏଠାକୁ ଆସନ୍ତି, ତୁମର ଗୁଣଗାନ କରିବାରେ ଲାଗି ଯାଆନ୍ତି । ସବୁବେଳେ ଖାଲି ତୁମକଥା ପଚାରନ୍ତି । ତୁମପ୍ରତି ତାଙ୍କର ଏତେ ସହାନୁଭୂତି ଆଉ ମମତା କାହିଁକି ମୁଁ ବୁଝି ପାରୁନି, ତୁମପ୍ରତି···।

—ତୁଣ୍ଟି ଫାଜଲାମି ବାହାର କରୁଛୁ···?

—ମିଛ ନୁହେଁ ଭାଇ ! ସେ ତୁମକୁ ଖୁବ୍ ଚାହାନ୍ତି ।... ମୁରୁକି ହସିଲା ଅନିତା ।

—ଆଚ୍ଛା ରହ ।...ତରେ ଏଥରକ ଠିକ୍ ନ କଲେ... ଅନୀଲ କୃତ୍ରିମ ରାଗ ପ୍ରକାଶ କରି କହିଲା ଗମ୍ଭୀର ହୋଇ ।

ସେ ହସି ଉଠିଲା । —ମୁଁ କଣ ମିଛ କହିଲି ଭାଇ ?

—ନା ତୁ ସତ କହୁଛୁ ! ପାଗଳ୍ । ଇଡ଼ିଏଟ୍ ।...

—ଆଚ୍ଛା ଥାଉ ସେ କଥା । ଏବେ କୁହ ତାଙ୍କ ଘରକୁ ଯିବା କି ନାହିଁ ।...ପଚାରିଲା ଅନିତା ।

—ଅନୀଲ କିଛି ସମୟ ଭାବି ଶେଷରେ କହିଲା—ଯିବା ଯେ କିନ୍ତୁ ଖାଲି ହାତରେ ଯିବା କଣ ଉଚିତ ହେବ ଅନି ? କିଛି ଗୋଟିଏ ଉପହାର ଧରି ଯିବାକୁ ହେବ ତ ।...

—ମୁଁ ଯାହା ଦେବି ଠିକ୍‌କରି ସାରିଛି । ତୁମେ କଣ ଦେବ ତୁମେହିଁ ଠିକ୍ କର ।

—ତୁ କଣ ଦେଉଛୁ ଅନି ?

—ସେମିତି କିଛି ମୂଲ୍ୟବାନ ଉପହାର ନୁହେଁ । ଖାଲି ଗୋଟିଏ ପଦ ଭାଷା ।...

—କଣ ସେ ?...

—ବର୍ତ୍ତମାନ କହିବିନି । ସେଠି କହିବି । ତୁମେ କୁହ କଣ ଦେବ ?...

—ମୁଁ ବି ସେଠି କହିବି ।...

—ଆଚ୍ଛା ତେବେ ଯିବା ଚାଲ । ଛଅଟା ବାଜିଲାଣି ଯେ ।

—ମା ଆଉ ବାପା ଯିବେନି ଅନି ?...

—ନା, ବାପାଙ୍କର କଣ କାମ ଅଛି ଆଉ ମା ତ କେବେ କୁଆଡ଼େ ଯିବାକୁ ଭଲ ପାଏନି । ଆମ ଦୁହିଁଙ୍କୁ ଯିବାକୁ କହିଦେଲେ ।...

—ହଉ ତେବେ ଯିବା ଚାଲ୍ ।···

'ପ୍ଲାଇମାଉଥ୍' କାର୍‌ଟି ଛୁଟିଲା 'ସାଗରମୁଖୀ' ଅଭିମୁଖେ ।

'ସାଗରମୁଖୀ'ରେ ସେମିତି କିଛି ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ହୋଇନଥିଲା । ଗୋଟିଏ ଛୋଟିଆ ଭଦ୍ର ପରିବାରର ମିଳନ । ସବୁ-ଦିନିଆ ଆୟୋଜନ ପରି ସାଧାରଣ । ଅନିତା ଏବଂ ଅମଳକୁ ଦେଖି ଧନେଶ ବାବୁ ଖୁବ୍ ଖୁସି ହେଲେ । ପଚାରିଲେ—ବାପା ବୋଉ ଆସିଲେ ନା ଯେ···ଆସ ବସ ! କାର୍ଯ୍ୟବ୍ୟସ୍ତ ରହି କହିଲେ ସେ ।

ନିମନ୍ତ୍ରିତ ବ୍ୟକ୍ତିମାନେ ସୁମନ୍ତର ଶୁଭ କାମନା କଲେ । ସମସ୍ତେ ତା ଜନ୍ମଦିନରେ ଉପହାର ଦେଲେ କିଛି ନା କିଛି । ସବୁ ଉପହାରଗୁଡ଼ିକର ଆଭିଜାତ୍ୟ ଥିଲା । ଥିଲା ବଡ଼ଲୋକର ବଡ଼ିମା ।

ଅନିତା ସମସ୍ତଙ୍କ ଶେଷରେ ସୁମନ୍ତ ପାଖକୁ ଯାଇ ତା'କୁ କୁଣ୍ଢାଇ ଧରି କହିଲା, ମୁଁ କିଛି ଉପହାର ଜିନିଷ ଆଣିନି ଦେବାକୁ କିନ୍ତୁ ଯାହା ଆଣିଛି ତା ଗ୍ରହଣ ନକଲେ ଦୁଃଖିତ ହେବି···

ଆଗ୍ରହରେ ଚାହିଁଲା ଅମଳ ଅନିତାର ପାଗଳାମି ଦେଖି ।

ସୁମନ୍ତ ଆଗ୍ରହ ସହକାରେ କହିଲା—ତୁମେ ଦେବ ମୁଁ ଗ୍ରହଣ କରିବିନି । ଦେଖାଅ କଣ ଆଣିଛ !

—ଦେଖାଇବା ଜିନିଷ ନୁହେଁ, ତାହା ଶୁଣିବା କଥା—ଶୁଣିବ ଆମ ଭାଇଙ୍କ ମନ କଥା ନୂଆବୋଉ !

ଚମକି ପଡ଼ିଲା ସୁମନ୍ତ । ବିସ୍ମିତ ହେଲା ଅମଳ ଏ ସମ୍ବୋଧନରେ । ଅନିତା କିନ୍ତୁ ଏତିକରେ ବନ୍ଦ ହେଲାନି । ନୂଆବୋଉ ଡାକି ସେ ସୁମନ୍ତର ଦୁଇ ଗାଲରେ ଦୁଇଟି ସରୁ ଚୁମ୍ବନ ଆଙ୍କିଦେଲା ଆନନ୍ଦ ଓ ଖୁସିରେ । ଅନିତାର ହସରୁ ଜଣା ଯାଉଥିଲା ସେ ସୁମନ୍ତକୁ କହୁଛି, ଏଇ ଡାକଟିହିଁ ତୁମ ଜନ୍ମଦିନରେ ମୋର ଉପହାର ସୁମନ୍ତ

ଦେବ ! ଅମଳ ଆଶାକରିନଥିଲା ଅନିତା ଏ ପ୍ରକାର ପରିସ୍ଥିତି ସୃଷ୍ଟି କରିବ ବୋଲି । ସେ ନିଜକୁ ଖାପଛଡ଼ା ମନେ କରୁଥିଲା ।

ସୁମନ୍ତ ବୁଝୁଥିଲା ଅନିତା ମୁହଁର ନୀରବ ଭାଷା । ଆଶା ଏବଂ ନିରାଶା ମଝିରେ ଦୋହଲୁ ଥିଲା ତା'ର ମନ । ଯୌବନ ରସାଣିତ ତନୁରେ ଏକ ରୋମାଞ୍ଚର ଶିହରଣ ଅନୁଭବ କଲା ସେ । ଏତିକିବେଳେ ଅମଳ ସୁମନ୍ତକୁ ବଢ଼ାଇ ଦେଲା ଗୋଟିଏ ରକ୍ତ ଗୋଲାପ । ସୁମନ୍ତ ନୀରବରେ ଦୃଷ୍ଟିର ଇଙ୍ଗିତ ଢ଼ାଳି ଗ୍ରହଣ କଲା ସେ ଉପହାର । ଯେପରି ଏହା ତାର ଆକାଂକ୍ଷିତ ।

ସେମାନେ ତଳ ମାହାଲକୁ ଆସି ଦେଖିଲେ ଅତିଥିମାନେ ବିଦାୟ ନେଇ ଚାଲିଗଲେଣି । ସତ୍କାର ସରିବାପରେ ଅମଳ ଆଉ ଅନିତା ମଧ୍ୟ ଚାଲିଗଲେ ।

ସୁମନ୍ତର ମନ ଏକ ଅପୂର୍ବ ଆନନ୍ଦରେ କୁରୁଳି ଉଠିଲା ।

କେଇଟି ଦିନ ପରେ···

ବସନ୍ତ ଋତୁର ଏକ ସୁମଧୁର ସନ୍ଧ୍ୟା । ଅନୀଲର ପାଦ ଅଟକିଗଲା ସାଗରମୁଖୀ ସାମନାରେ । କିଛି ସମୟରେ କିଣ ଭାବି ଶେଷରେ ସିଦ୍ଧାନ୍ତରେ ପହଞ୍ଚିବ । ସେ ସାଗରମୁଖୀ ଭିତରକୁ ଗଲା । ବାରଣ୍ଡାରେ ଛିଡ଼ାହୋଇ ଡାକିଲା ଚାକରକୁ ।

ଚାକର ବଦଳରେ ଆସିଲା ସୁମନ୍ତ । ଅପ୍ରତିଭ ହୋଇଗଲେ ଦୁହେଁ ।

—ଆସନ୍ତୁ !···କହିଲା ସୁମନ୍ତ ସଲ୍ଲଜ ନମସ୍କାର ଜଣାଇ ।

—ବାପା ନାହାନ୍ତି ?···ପଚାରିଲା ଅନୀଲ । ନିରର୍ଥକ ପ୍ରଶ୍ନ । ସେମିତି ପ୍ରଶ୍ନର କିଛି ଆବଶ୍ୟକତା ନଥିଲା ।

—ନାହାନ୍ତି ।···

ଭିତରକୁ ପଶି ଆସିଥିଲେ ଦହେଁ ।

—ତୁମେ ଖାଇନା··· ? ମାନେ, ଆପଣ ଯାଇ ନାହାନ୍ତି ଯେ··· ?

ଗୋଟିଏ ଶ୍ଳେଷ ହସ ଉଙ୍କି ମାରିଲା ସୁମନ୍ତ ଓଠରେ ।

—କଥା ବଦଳାଇବା କଳାରେ ଆପଣ ଖୁବ୍ ସିଦ୍ଧ ହସ୍ତ, ନୁହେଁ ?···

ହତପ୍ରଭ ହୋଇଗଲା ଅମଳ ।

—ଆରେ ବସନ୍ତୁନା । ଛିଡ଼ା ହୋଇ ରହିଲେ ଯେ···।··· ସୋଫାକୁ ଦେଖାଇ କହିଲା ସୁମନ୍ତ । ବସିଲା ଅମଳ ।

—ଆପଣ ବି ବସନ୍ତୁ ।···ଅମଳ କହିଲା ବସୁ ବସୁ ।

—ଆପଣ ନୁହେଁ ତୁମେ··· ଏଥରକ ଯେପରି ଭୁଲ ନ ହୁଏ ବୁଝିଲେ, ବସନ୍ତୁ । ଆପଣଙ୍କ ପାଇଁ କିଛି ଜଳଖିଆ ଆଣେ ।

—ମୁଁ ବର୍ତ୍ତମାନ ଖାଇ ଆସିଛି, ଏଥିରୁ ନିଷ୍କୃତି ଦେଲେ କୃତକୃତ୍ୟ ହୁଅନ୍ତି !

—ବେଶ, ଅଳ୍ପ କିଛି ଖାଇବେ । ଆପଣଙ୍କ ଘରକୁ ଗଲେ ଅନିତା ମୋତେ ନଖୁଆଇ ଛାଡ଼େନି, ଆଜି ମୁଁ କେମିତି ଆପଣଙ୍କୁ ଛାଡ଼ିଦେବି ?···

—ଆଚ୍ଛା କଥା ତ, ଅନିତା ତୁମକୁ ନଖୁଆଇ ଛାଡ଼େନି ବୋଲି ତା' ବଦଳରେ ମୋ ଉପରେ ପ୍ରତିଶୋଧ ନେବ ନା କଣ ?

ପ୍ରତିଶୋଧ ନ ନେଲେ ଯେ ମୁଁ ହାଇରାଣରେ ପଡ଼ୁଛି । ଭାଇ ହୁଅନ୍ତୁ ବା ଭଉଣୀ ହୁଅନ୍ତୁ, ଜଣଙ୍କ ଉପରେ ପ୍ରତିଶୋଧ ନେଲେ ଆଉ ଜଣେ ଠିକ୍ ହୋଇଯିବେ ।···କହିଦେଇ ହସି ହସି ସୁମନ୍ତ ଭିତରକୁ ଚାଲିଗଲା ।

ମନେ ମନେ ହସି ଅମୀଳ ବସି ରହିଲା ।

ଦୁଇ ମିନିଟ ପରେ ଫେରି ଆସି ସୁମନ୍ତ ଅମୀଳ ଆଗ ସୋଫାରେ ବସିଲା ।

—ବି. ଏ. ପରେ କ'ଣ କରିବାକୁ ଠିକ୍ କରିଛ ?···ମୀରବତା ଭାଙ୍ଗି ପଚାରିଲା ଅମୀଳ ।

ଆଜି ପ୍ରଥମ ସୁଯୋଗ ପାଇଛନ୍ତି ଦିହେଁ ମନ ଖୋଲି ଆଳାପ କରିବା ପାଇଁ ।

—କିଛି ଠିକ୍ କରିନି, ବାପା ଯାହା କହିବେ କରିବି ।···ଉତ୍ତର ଦେଲା ସୁମନ୍ତ ।

—ଆଉ କେତେଦିନ ଏଠି ରହିବ ?···

—ବାପାଙ୍କର ଦେହ ଭଲ ହେବା ଯାଏଁ ଏଠି ରହିବାକୁ ହେବ । ଡାକ୍ତର ପରାମର୍ଶ ଦେଇଛନ୍ତି, କିଛିଦିନ ସମୁଦ୍ର କୂଳରେ ରହି ବିଶ୍ରାମ ନେବାକୁ ।···

ଆଳାପ ବନ୍ଦ ହୋଇଗଲା । ବିଷୟବସ୍ତୁ ଅଭାବରୁ କିଏ କଣ କହିବ କିଛି ଠିକ୍ କରି ପାରୁନଥିଲେ । ହଠାତ୍ ସୁମନ୍ତ ଆରମ୍ଭ କଲା—

—ଅନିତା ଆଜି ଆସିନି ଆପଣଙ୍କ ସଙ୍ଗରେ ?

—ସେ ଆଜି ତା'ର ଜଣେ ସାଙ୍ଗ ଘରକୁ ଚାଲି ଯାଇଛି ।···କହିଲା ଅମୀଳ । କିଛି ସମୟ ଚୁପ୍ ରହିବା ପରେ ପୁଣି କହିଲା —ଗୋଟିଏ କଥା ପଚାରିବି, କହିବ ସୁମନ୍ତ ?

—କଣ ?···ଆଗ୍ରହରେ ଚାହିଁଲା ସୁମନ୍ତ ଅମୀଳକୁ । ଅମୀଳର ଚିନ୍ତାର ଜୁଆର ଉଠିଥାଏ । ସେ ଦୃଷ୍ଟି ତଳକୁ କରିଥାଏ କିନ୍ତୁ ଏଣେ ସୁମନ୍ତର ଧୈର୍ଯ୍ୟବନ୍ଧ ଭାଙ୍ଗିବା ଉପରେ ।

—ସେ ଦିନ ଅନନ୍ତାର ଉପହାରକୁ ତୁମେ କଣ ଗ୍ରହଣ କରିଛ ?···ଅମଳ ପଚାରିଲା । ଅମଳର ପ୍ରଶ୍ନରେ ଅପ୍ରସ୍ତୁତ ହୋଇଗଲା ସୁମନ୍ତ । ସାଙ୍ଗେ ସାଙ୍ଗେ ସେ ଉଠିଯାଇ ପଳାଇଲା ଭିତରକୁ ।

ମନ ତା'ର ଗୋଳମାଳ ହୋଇଗଲା । ହୃଦୟରେ ଆଲୋଡ଼ନ ସୃଷ୍ଟି ହେଲା । ହଠାତ୍ ସୁମନ୍ତର ଏ ପ୍ରକାର ପ୍ରସ୍ଥାନରେ ଅମଳ ହତବାକ୍ ହୋଇଗଲା । କଣ କରିବ ସେ କିଛି ସ୍ଥିର କରି ପାରିଲା ନାହିଁ । ନୀରବରେ ଆଉ କିଛି ସମୟ ଅପେକ୍ଷା କଲା ସେ ।

ଚାକର ଜଳଖିଆ ଆଣି ତା ଆଗରେ ରଖିଲା । କିନ୍ତୁ ସେଥିପ୍ରତି ଦୃଷ୍ଟି ନଦେଇ ଅମଳ ଉଠି ପଡ଼ିଲା । ସୁମନ୍ତ ଉଦ୍ଦେଶ୍ୟରେ ଉପର ମହଲକୁ ଆସି ଦେଖିଲା, ସୁମନ୍ତ ପଲଙ୍କ ଉପରେ ମୁହଁ ଗୁଂଜି କାନ୍ଦୁଛି ! ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଅମଳର । ସୁମନ୍ତ ତାକୁ ଛାଡ଼ି ଆସି ଏଠି କାନ୍ଦୁଛି କାହିଁକି ?

ସେ ସୁମନ୍ତ ନିକଟକୁ ଯାଇ ତା' ପିଠି ଉପରେ ହାତଦେଇ ସ୍ନେହରେ ଡାକିଲା—ସୁମନ୍ତ ! ସୁମନ୍ତ ସାଙ୍ଗେ ସାଙ୍ଗେ ଉଠି ଆଖି ପୋଛି ନେଲା କିନ୍ତୁ ହୃଦୟର କୋହକୁ ଚାପି ପାରୁନଥିଲା ସେ । ମୁହଁରେ ହସ ଆଣିବାକୁ ଚେଷ୍ଟା କରି ସେ ଛିଡ଼ା ହେଲା ।

—ସୁମନ୍ତ !···ପୁଣି ଡାକିଲା ଅମଳ ।

—ଉଁ···ଆରେ ହଁ, ଆପଣ ଜଳଖିଆ ନକରି ଉଠି ଆସିଲେ ! ଆସନ୍ତୁ !···ହସ ଫୁଟାଇ କହିଲା ସୁମନ୍ତ ।

—ଆଗେ ମୋ କଥା ଶୁଣ ସୁମନ୍ତ !···ଅମଳ କଣ୍ଠରେ ମିନତିଭରା ପ୍ରାର୍ଥନା ।

—କ-ଅ-ଣ ? ଥରି ଉଠିଲା ସୁମନ୍ତର ଗଳା ।

ଅମଳ କିଛି ସମୟ ଧରି ସୁମନ୍ତର ବିବର୍ଣ୍ଣ ମୁହଁକୁ ଚାହିଁ ରହିଲା । ତାପରେ ତାର ଦୁଇ ହାତକୁ ଧରି ପଚାରିଲା—ତୁମେ କାନ୍ଦୁଥିଲ କାହିଁକି ?

ଅମଳର ମୁହଁକୁ ଚାହିଁ ପାରିଲା ନାହିଁ ସୁମନ୍ତ । ମୁହଁ ତଳକୁ କରି ସେ ଛିଡ଼ାହୋଇ ରହିଲା ଅମଳ ପାଖରେ ।

—କହିବନି ସୁମନ୍ତ ?···

—କଣ ଆପଣଙ୍କୁ କହିବ ? ଯାହା କହିବାକୁ ହେବ ତା'କୁ କହିଲା ଭଳି ମୋର ସାହସ ନାହିଁ ଅମଳବାବୁ ! ଅମଳ ବିସ୍ମୟରେ ଚାହିଁଲା ସୁମନ୍ତକୁ । ସୁମନ୍ତ କଣ କହିଥାନ୍ତା, ଆଉ କାହିଁକି ସେ କହି ପାରୁନି, ବୁଝି ପାରିଲା ନାହିଁ ସେ ।

—ବାସ୍ତବିକ ମୁଁ ଏଠାକୁ ଆସି ଭୁଲ କରିଛି ସୁମନ୍ତ··· କିଛି ସମୟ ପରେ କହିଲା ସେ ।

—ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ? ଆପଣଙ୍କର ତ କିଛି ଭୁଲ ହୋଇନି ।···

—ମୋ ଯୋଗୁ ଯଦି ତୁମ ମନରେ କଷ୍ଟ ହୋଇଥାଏ ତେବେ ମୋତେ କ୍ଷମା ଦେବ ସୁମନ୍ତ । ମୁଁ ଯାଉଛି ।···ଏତିକି କହି ଦ୍ରୁତ ଗତିରେ ଚାଲି ଆସିଲା ଅମଳ । ପଛକୁ ଥରେ ସେ ଫେରି ଚାହିଁଲା ନାହିଁ ସୁମନ୍ତ ମନର ପ୍ରତିକ୍ରିୟାକୁ ବୁଝିବା ପାଇଁ । ଉଠି ଆସୁଥିବା କୁଆରକୁ ରୋକି ପାରିଲା ନାହିଁ ସୁମନ୍ତ । ଅମଳ ଚାଲି ଯାଇଛି । ଅମଳକୁ ଅଟକାଇବା ଭଳି ଶକ୍ତି ତା'ର ନାହିଁ । ସେ ଆଜି ଖୁବ୍ ଦୁର୍ବଳ । ତକିଆରେ ମୁହଁଗୁଞ୍ଜି ପୁଣି ସେ କାନ୍ଦି ଉଠିଲା । ସେ କାନ୍ଦ ଯେମିତି କେବେ ବନ୍ଦ ହେବନି !

ସ୍ୱପ୍ନ ଭାଙ୍ଗିଛି ।

ସବୁଦିନ ପରି ମାଳା ଛିଡ଼ା ହୋଇଛି ଅମଳ ପଲଙ୍କ ନିକଟରେ ଶାନ୍ତ ସରଳ ଜୀବନ୍ତ ପ୍ରତିମାଟି ପରି । ଭୁଣ୍ଡରେ କଞ୍ଚା

ନାହିଁ । ଓଠରେ ସ୍ପନ୍ଦନ ନାହିଁ । ନୀରବରେ କିଛି ସମୟ ଅମଳ ଚାହିଁଲା ମାଳାକୁ ।

ମାଳା ବି ଚାହିଁଛି । ଲଜ୍ଜା କରୁନି । ସେ ବୋଧେ ଅମଳ ମୁହଁରୁ କିଛି ଶୁଣିବାକୁ ଚାହୁଁଛି ।

ଅମଳ ଉଠି ମୁହଁ ହାତ ଧୋଇ ଜଳଖିଆ କଲା । ତା'ପରେ ପୋଷାକ ବଦଳାଇ ସେ ଚାଲିଲା ସହରଠାରୁ ଦୂରରେ ଥିବା ସେଇ ପୁରୁଣା କୋଠିକୁ ।

ମାଳି ଦ୍ୱାର ଖୋଲି ଦେଲା । ସନ୍ଧ୍ୟାର ଶବପଟ୍ଟ ଆଗରେ ଛିଡ଼ା ହେଲା ଆସି ଅମଳ । ଛଳ ଛଳ ହୋଇ ଆସିଲା ତା'ର ଆଖି ଦିଓଟି । ପୋଛି ପାରିଲା ନାହିଁ ସେ ଲୁହଧାର । ପିଲାଙ୍କ ପରି କାନ୍ଦି ଉଠିଲା ସେ ସନ୍ଧ୍ୟାର ଶବପଟ୍ଟ ଉପରେ ମଥା ଥାପି । ମୋହ ଭାଙ୍ଗି ଗଲା ଯେତେବେଳେ ସେ ମୁଣ୍ଡ ଟେକି ସନ୍ଧ୍ୟା ଶବକୁ ଚାହିଁଲା । ସନ୍ଧ୍ୟା ତା'କୁ ବିଦ୍ରୂପ କରୁଛି । ଅମଳ ଲଜ୍ଜିତ ହେଲା ନାହିଁ ସେଥିରେ । ସନ୍ଧ୍ୟା ତା'କୁ ସବୁବେଳେ ସେମିତି ବିଦ୍ରୂପ କରୁଥିବ । ସେ ବିଦ୍ରୂପର ଯେମିତି ଶେଷ ନାହିଁ । ଅମଳ ଫେରି ଆସିଲା ସେଠାରୁ ।

ମାଳା ଅପେକ୍ଷା କରିଛି । ସନ୍ଧ୍ୟା ଯେମିତି ତା'ପାଇଁ ଅପେକ୍ଷା କରୁଥିଲା ।

—ଶାନ୍ତନୁ କହୁଥିଲେ କିଏ ଜଣେ ବାବୁ ଆସିଥିଲେ । ଆପଣଙ୍କୁ ନପାଇ ଫେରିଗଲେ ।···ଅମଳକୁ ଆଗରେ ଦେଖି କହିଲା ମାଳା । ତାପରେ ଖଣ୍ଡେ କାଗଜ ଅମଳ ହାତକୁ ଦେଇ ମାଳା କହିଲା—ଏ' ଚିଠି ଟି ଦେଇ ଯାଇଛନ୍ତି । ଅମଳ ଚିଠିଟି ପଢ଼ିଲା ।

ସୁଜିତ ଲେଖିଛି, କଲିକତାରୁ ସେ ଆସିଛି କିଛି ଦିନ ପାଇଁ । ତା' ସାଙ୍ଗରେ ଦୀପ୍ତି ଦେବୀ ମଧ୍ୟ ଆସିଛନ୍ତି । ତାଙ୍କୁ ସଙ୍ଗରେ ନେଇ ସେ ସନ୍ଧ୍ୟାବେଳେ ଆସିବ । ସେ ଯେମିତି ବୁଝାଇଦେଇ ନ ଯାଏ ।

ହସି ଉଠିଲା ଅମଳ । ଦୀର୍ଘ ଛଅ ବର୍ଷପରେ ଦୀପ୍ତି ଦେବୀଙ୍କ ସାଙ୍ଗେ ଦେଖା ହେବ । କିନ୍ତୁ···ମିସେସ୍ ମୁଖାର୍ଜୀ ଆସିଛନ୍ତି ସୁଜିତ ସାଙ୍ଗରେ ! ଏବେ କି ସୁଜିତ ଆଉ ମିସେସ୍ ମୁଖାର୍ଜୀଙ୍କର ସେଇ ପୂର୍ବ ସମ୍ବନ୍ଧ ରହିଛି ! ତେବେ ମିସେସ୍ ମୁଖାର୍ଜୀ ତା'କୁ ଭୁଲି ପାରି ନାହାନ୍ତି !

ମିସେସ୍ ଦୀପ୍ତି ମୁଖାର୍ଜୀ କଲିକତାର ଜଣେ ଖ୍ୟାତନାମା ଚିତ୍ର ଅଭିନେତ୍ରୀ । ତାଙ୍କ ସ୍ୱାମୀ ବିଶ୍ୱରୂପ ମୁଖାର୍ଜୀ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର । ଚଳଚ୍ଚିତ୍ର ଜଗତରେ ରହି ମିସେସ୍ ମୁଖାର୍ଜୀ ତାଙ୍କର ସ୍ୱାମୀ ଏବଂ ଆପଣାର ଲୋକଙ୍କୁ ଯେତିକି ପର କରି ପାରିଛନ୍ତି ସେତିକି ନିଜର କରି ପାରିଛନ୍ତି ବାହାର ଲୋକଙ୍କୁ । ଅଭିନୟ କରି ସେ ସଂସାରକୁ ଦେଖାନ୍ତି, ସ୍ତ୍ରୀର ସର୍ବସ୍ୱ ତା'ର ସ୍ୱାମୀ । କିନ୍ତୁ ପ୍ରକୃତ ନିତିଦିନିଆ ଅଭିନୟରେ ସେ କରନ୍ତି ତା'ର ଠିକ୍ ଓଲଟା । ସେ ଆଜି ଆସିଛନ୍ତି ଜମିଦାର ସୁଜିତ ମହାନ୍ତି ସାଙ୍ଗରେ ।

ମାଳା ବୁଝି ପାରିଲା ନାହିଁ ଅମଳ ଚିଠିଟି ପଢ଼ି ହସିଲା କାହିଁକି ?

—ଆଜି ମୋର ଦୁଇଜଣ ବନ୍ଧୁ ସନ୍ଧ୍ୟାବେଳେ ଆସିବେ ମାଳା ! ଟିକେ ଭଲ ଜଳଖିଆର ବନ୍ଦୋବସ୍ତ କରିବ । କହିଲା ଅମଳ ।

—ଆପଣ ଚିଠିଟି ପଢ଼ି ହସିଲେ କାହିଁକି ?···ସାହସ କରି ପଚାରିଲା ମାଳା ।

—ଆଁ···ହଁ, ହସ ମାଡ଼ିଲା ଚିଠିଟି ପଢ଼ି । ଜଣେ ଭଦ୍ର ମହିଳା ତାଙ୍କର ସ୍ୱାମୀଙ୍କୁ ଘରେ ଛାଡ଼ି ଆଉ ଜଣେ ଅବିବାହିତ ଭଦ୍ରବ୍ୟକ୍ତିଙ୍କ ସାଙ୍ଗେ ଏଇ ସହରକୁ ବୁଲି ଆସିଛନ୍ତି କଲିକତାରୁ । ଏଇ ସ୍ତ୍ରୀ ସ୍ୱାଧୀନତାକୁ ଦେଖି ହସ ମାଡ଼ିଲା ମାଳା । କେମିତି ଏଇ

ସ୍ତ୍ରୀମାନେ ମୁକ୍ତ ଆକାଶରେ ବିହଙ୍ଗୀପରି ଉଡ଼ି ପାରୁଛନ୍ତି । ବାଧା ନାହିଁ, ବନ୍ଧନ ନାହିଁ ସେମାନଙ୍କ ଜୀବନରେ । ଲଜ୍ଜା ସଙ୍କୋଚ କିଛି ନାହିଁ, ମଣିଷ କେତେ ଆଗେଇ ପାରିଛି ମାଳା ? କିଏ କହେ, ଏଇ ମାଟିର ସନ୍ତାନ ଦିନେ ଅସଭ୍ୟ ହୋଇ ରହିଥିଲା ? ଆଜି ଦେଖ, ସେ ସଭ୍ୟତାର କେତେ ଆଗରେ ଅଛି !

ମାଳା କିଛି ଉତ୍ତର ଦେଲା ନାହିଁ, ମନେ ମନେ ବିରକ୍ତ ହେଲା ଏଇ ସଭ୍ୟ ବୋଲାଉଥିବା ସ୍ତ୍ରୀ ସ୍ୱାଧୀନତାକୁ ଦେଖି ।

ତଳ ମହଲା ଡ୍ରଇଂ ରୁମ୍‌ରେ ବସି ଅନୀଲ ଅପେକ୍ଷା କରିଥିଲା ସୁଜିତ ଏବଂ ମିସେସ୍ ଦୀପ୍ତି ମୁଖାର୍ଜୀଙ୍କୁ । ଠିକ୍ ଛଅଟା ବେଳେ ସେମାନେ ଆସିଲେ । ଦୀର୍ଘ ଦିନର ବିଚ୍ଛେଦପରେ ଦୁଇ ବନ୍ଧୁଙ୍କର ମିଳନ ହେଲା । ବିଭୋର ହୋଇ ସୁଜିତ ଏବଂ ଅମଳ ପରସ୍ପରକୁ କୁଣ୍ଢାଇ ଧରିଲେ । ବିଚ୍ଛେଦର ମିଳନ ପରେ ଅମଳ ଦୀପ୍ତି ଦେବୀଙ୍କୁ ନମସ୍କାର କରି କହିଲା—ଆସନ୍ତୁ ମିସେସ୍···

—ବର୍ତ୍ତମାନ ସେ ମିସେସ୍ ମୁଖାର୍ଜୀ ନୁହନ୍ତି ଅମଳ ! ସେ ଏବେ ମିସ୍ ବାନାର୍ଜୀ, ମିସ୍ ଦୀପ୍ତି ବାନାର୍ଜୀ ।···କହିଲା ସୁଜିତ ଅନୀଲକୁ କହିବାକୁ ନଦେଇ ।

—ମାନେ···?···ବିସ୍ମୟରେ ପଚାରିଲା ଅନୀଲ ।

ଦୀପ୍ତିଦେବୀ ଅମଳର ପ୍ରଶ୍ନରେ ମୁରୁକି ହସୁଥିଲେ ।

—ମାନେ ବେଶ୍ ସରଳ । ଗତବର୍ଷ ମିସେସ୍ ମୁଖାର୍ଜୀ ମିସ୍ ବାନାର୍ଜୀ ପାଲଟି ଗଲେ ମିଷ୍ଟର ମୁଖାର୍ଜୀଙ୍କୁ ଛାଡ଼ପତ୍ର ଦେଇ । ମିସ୍ ଦୀପ୍ତି ବାନାର୍ଜୀ ହୋଇ ରହିବେ ସବୁବେଳେ । ଏଇଆ ତାଙ୍କର ଇଚ୍ଛା । ଅବଶ୍ୟ ଏଇକଥା ତୋତେ କେବେ ଚିଠିରେ ଲେଖି ନଥିଲି

ମିସ୍ ବାନାର୍ଜୀଙ୍କ ଅନୁରୋଧରୁ ।...ସୁଜିତ ବୁଝାଇ ଦେଲା ।
ମିସ୍ ବାନାର୍ଜୀ ସମର୍ଥନ କଲେ ସେ ସବୁକୁ ।

ତାପରେ ତିନହେଁ ଆଳାପ ଆଲୋଚନାରେ ବ୍ୟସ୍ତ ରହିଲେ । ଆଳାପ ଭିତରେ ଅମଳ ମିସ୍ ବାନାର୍ଜୀଙ୍କୁ ଜଣେଇ ଦେଖୁଥିଲା । ସେ ଲକ୍ଷ୍ୟ କରୁଥିଲା ମିସ୍ ବାନାର୍ଜୀ ଯେମିତି ଏଇ ନୂଆ ରୂପରେ ଅସୀମ ଆନନ୍ଦ ଉପଭୋଗ କରୁଛନ୍ତି । ମିଷ୍ଟର ମୁଖାର୍ଜୀଙ୍କୁ ଛାଡ଼ପତ୍ର ଦେଇ ସେ କିଛି ଭୁଲ କରି ନାହାନ୍ତି । ବରଂ ଏହାଦ୍ୱାରା ତାଙ୍କ ଜୀବନର ଏକ ବଡ଼ ଅଭିଳାଷ ପୂର୍ଣ୍ଣ ହୋଇଛି ।

ସ୍ୱଚ୍ଛନ୍ଦ ଆଳାପ, ମନଖୋଲା ହସ, ସଭ୍ୟତାର ସାଜ, ସବୁ ଯେମିତି ରହିଛି । ମନେ ମନେ ପ୍ରଶଂସା କଲା ଅମଳ ପ୍ରୀତି ଦେବୀଙ୍କ ପାରଙ୍ଗମପଣିଆକୁ । ଏତିକିବେଳେ ମାଳା ଜଳଖିଆ ଆଣି ସେମାନଙ୍କ ସାମନା ଟେବୁଲରେ ଥୋଇଦେଇ ଚାଲିଗଲା ।

—ଏଇ ଝିଅଟି କିଏ ଅମଳ ?...ମାଳାକୁ ଦେଖି ସୁଜିତ ସାମାନ୍ୟ ଚମକି ଉଠି ପଚାରିଲା ।

—ଜଣେ ସବୁହରା...।...କହିଲା ଅମଳ ।

—କିନ୍ତୁ ଏ ଝିଅଟିକୁ କେଉଁଠି ଦେଖିଲା ଭଳି ମନେ ହେଉଛି ।...କହିଲା ପୁଣି ସୁଜିତ ।

ହସିଲା ଅମଳ, କହିଲା ଏଇ ଅନାଥମାନଙ୍କୁ ହୁଏତ ଦେଖିଥିବୁ କେଉଁ ରାସ୍ତା ଘାଟରେ । ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ସୁଜିତ ?

ସୁଜିତ ଆଉ କିଛି ନକହି ନୀରବ ରହିଲା । ସେ ମନେ ମନେ ଯେପରି କୌଣସି ସିଦ୍ଧାନ୍ତରେ ପହଞ୍ଚି ସାରିଥିଲା । ରାତି ନଅଟାରେ ବିଦାୟ ନେଲେ ସୁଜିତ ଆଉ ପ୍ରୀତି ଦେବୀ ।

ଶୋଇବା କୋଠରୀକୁ ଫେରି ଆସିଲା ଅମଳ ।

—ଭାତ ଖାଇବେ ଚାଲନ୍ତୁ ।···ମାଳା ଆସି ଡାକିଲା କିଛି ସମୟ ପରେ ।

—ଉଁ···!···ମୁହଁ ଉଠାଇ ଅମଳ ଦେଖିଲା ମାଳାକୁ ।—ମୁଁ ଆଜି କିଛି ଖାଇବି ନାହିଁ ମାଳା । ଭୋକ ନାହିଁ ।

—ଆସନ୍ତୁ, ଅଳ୍ପ କିଛି ଖାଇ ଆସିବେ ।

—ନାହିଁ ମାଳା ! ମୁଁ କିଛି ଖାଇ ପାରିବି ନାହିଁ । ଯାଅ, ତୁମେ ଖାଇ ଶୋଇବ ।

ଆଜି କିଛି ନକହି ମାଳା ଫେରି ଆସିଲା । କିଛି ସମୟ ପରେ ଗୋଟିଏ ଗ୍ଲାସରେ ଦୁଧନେଇ ପୁଣି ଆସିଲା ସେ ।

—ଏଇ ଦୁଧତକ ପିଇ ଦିଅନ୍ତୁ ।···ପଲଙ୍କ ନିକଟରେ ଛିଡ଼ାହୋଇ କହିଲା ମାଳା ।

ସେମିତି ଶୋଇରହି ଅମଳ ତା'କୁ ଚାହିଁଲା । ଠିକ୍ ସତୀ ପରି ତା'ର ବ୍ୟବହାର, ଆଚରଣ । ସତୀର ରୂପନେଇ ଯେମିତି ସେ ଛିଡ଼ା ହୋଇଛି ତା' ସାମନାରେ ! ଭାବନା ଗୋଳମାଳ ହୋଇ ଆସିଲାବେଳେ ଅମଳ ତା' ହାତରୁ ଗ୍ଲାସ ନେଇ ଦୁଧତକ ପିଇଦେଲା । ଖାଲି ଗ୍ଲାସନେଇ ମାଳା ଫେରି ଆସିଲା ।

ଶୋଇବାକୁ ଚେଷ୍ଟା କଲା ଅମଳ ।

ବିଗତ କଥା ଓଲଟ ପାଲଟ ହେଲା ନିଦ୍ରାକ୍ରାନ୍ତ ମନରେ ତାର ।

ସୁମନ୍ତଠୁଁ ବିଦାୟ ନେଇ ସେ ଫେରି ଆସିଛି 'ସ୍ୱର୍ଗପୁରୀ'କୁ ଆନ୍ଦୋଳିତ ମନରେ । ସୁମନ୍ତ ମନରେ କଷ୍ଟ ହୋଇଥିବ । ସେ ତାକୁ ସେମିତି କହିବା ଉଚିତ ନ ଥିଲା । ତାର ସେ ଅଧିକାର ବି ନାହିଁ ।

—ତୁମର କଣ ହୋଇଛି ଭାଇ ? ···ଅମଳର ବ୍ୟସ୍ତତା ଦେଖି ପଚାରିଲା ଅନନ୍ତା ।

—କିଛି ନାହିଁ ଅପା । ମୋର ବା ହୋଇବ କଣ ହେବ ?

—ସୁମନ୍ତ ଦେବୀଙ୍କ ଘରକୁ ଯାଇଥିଲ ଭାଇ ?

—ହଁ କିନ୍ତୁ ସେଠାକୁ ଯାଇ ମୁଁ ଭୁଲ କଲି ଅପା ! ଅନୀଲ ସବୁ କଥା କହିବାରୁ ଅନନ୍ତା ଆଶ୍ଚର୍ଯ୍ୟ ହୋଇଗଲା ।

ନିରୂପା ଦେବୀ ଆସିବାରୁ ଦୁହେଁ ନୀରବ ହୋଇଗଲେ ।

—ଅମଳ, ତୋତେ ଗୋଟେ କଥା ପଚାରିବାକୁ ଆସିଚି । ଆଚ୍ଛା, ସୁମନ୍ତଙ୍କୁ ଆମେ ବୋହୂ କରି ଆଣିବାକୁ ଭାବୁଛୁ, ତୋର ମତ କଣ ? କହି ନିରୂପାଦେବୀ ଆଗ୍ରହରେ ଚାହିଁ ରହିଲେ ଅନୀଲକୁ ।

—ମୁଁ ଏତେ ଶୀଘ୍ର ମତ ଦେଇ ପାରିବିନି ମା ! ଧୀର ସ୍ୱରରେ କହିଲା ଅନୀଲ ।

—ଅନୀଲ !···

—ଭାଇ ! ଅନନ୍ତା ମଧ୍ୟ ଚିତ୍କାର କରି ଉଠିଲା । ମା ଏବଂ ଝିଅ ଏକା ସଙ୍ଗେ ବିସ୍ମୟରେ ଅଭିଭୂତ ହୋଇଗଲେ ।

—ସୁମନ୍ତ ପରି ଶିକ୍ଷିତା ଓ ଶାନ୍ତ ଝିଅକୁ ଯେ କେହି ବୋହୂ କରିବାକୁ ଚାହିଁବେ । ଶହେ ଭିତରେ ଗୋଟିଏ ସେ । ମୁଁ ଘନେଶ-ବାବୁଙ୍କୁ କହି ସାରିଛି ବାପା, ସୁମନ୍ତ ଆମରି ବୋହୂ ହେବ । ଏବେ ତାଙ୍କୁ ମୁଁ କଣ କହିବି ଅନୀଲ ? ···ବ୍ୟସ୍ତ ହୋଇ ଉଠିଲେ ନିରୂପାଦେବୀ ।

—ତୁ ଘନେଶବାବୁଙ୍କୁ କଥା ଦେଇ ଭୁଲ କଲୁ ମା ! ଘନେଶବାବୁଙ୍କୁ କହିବା ଆଗରୁ ତୁ ମୋତେ ଆଉ ସୁମନ୍ତଙ୍କୁ ପଚାରିଥିଲେ ଭଲ ହୋଇ ଥାଆନ୍ତା । ···କହିଲା ଅନୀଲ ।

—ସୁମନ୍ତକୁ ମୁଁ ପଚାରିଛି । ତା ମନରେ କିଛି ଯାଏ ଆସେ ନା । କିନ୍ତୁ···ନିରୂପାଦେବୀ ଅଟକିଲେ ।

—କିନ୍ତୁ ଆଉ କଣ ମା ? ···ଅନୀଲ ପଚାରିବା ପୂର୍ବରୁ ଅନନ୍ତା ପଚାରିଲା ସାଙ୍ଗେ ସାଙ୍ଗେ ।

—ସେ ତୋର ମତକୁ ଅପେକ୍ଷା କରିଛି । ···କହିଲେ ନିରୂପାଦେବୀ । ତାପରେ ଅନୀଲ କିଛି ଉତ୍ତର ଦେଲା ନାହିଁ । ପ୍ରକୋଷ୍ଠ ମଧ୍ୟରେ ଏକ ନିର୍ଜୀବ ବାତାବରଣ ସୃଷ୍ଟି ହେଲା ।

କେଇଟି ଦିନର ବ୍ୟବଧାନ ପରେ ପ୍ରାଣେଶବାବୁ ଅନୀଲକୁ ଡକାଇଲେ 'ସାଗର-ମୁଖୀ'କୁ ଆସିବାକୁ ।

ଅନୀଲର ଯିବାପାଇଁ ଇଚ୍ଛା ନ ଥିଲେ ମଧ୍ୟ ସେ ବାପାଙ୍କ ଆଦେଶକ୍ରମେ ଯିବାକୁ ବାଧ୍ୟ ହେଲା । ପ୍ରାଣେଶବାବୁ ଡ୍ରଇଂରୁମ୍‌ରେ ଥାନ୍ତି । ସୁମନ୍ତ ବି ପାଖରେ ବସିଥାଏ । ଅନୀଲକୁ ଦେଖି ସେ ଆନନ୍ଦରେ ଆତ୍ମହରା ହୋଇ ତାକୁ ତାଙ୍କ ପାଖରେ ବସାଇଲେ । ଅନୀଲ ସୁମନ୍ତକୁ ଚାହିଁଲା । ସୁମନ୍ତ ବି ତାକୁ ଚାହିଁଛି । କିନ୍ତୁ ପରସ୍ପରର ଦୃଷ୍ଟି ମିଳିଯିବା ପରେ ଦୁହିଁଙ୍କ ଦୃଷ୍ଟି ଆନତ ହେଲା । ଅଭିମାନ କରିଛି ସୁମନ୍ତ ।

—ଯା ମା' ଅନୀଲ ପାଇଁ କିଛି ଜଳଖିଆ ଆଣ ।····· ପ୍ରାଣେଶବାବୁ କହିଲେ ସୁମନ୍ତକୁ । ବୋଧେ ତାଙ୍କର ଉଦ୍ଦେଶ୍ୟ-ସୁମନ୍ତକୁ ସେଠାରୁ ପଠାଇଦେବା । ଅନୀଲ କୌଣସି ଆପତ୍ତି କଲା ନାହିଁ । ସୁମନ୍ତ ନୀରବରେ ଚାଲିଗଲା ପରେ ବାତାବରଣ କିଛି ସମୟ ପାଇଁ ଶାନ୍ତ ହୋଇଗଲା ।

—ଚାଲ ଅନୀଲ, ଉପର ମହଲାକୁ ଯିବା । କହି ଧନେଶବାବୁ ଉଠିଲେ । ଅନୀଲ ତାଙ୍କୁ ଅନୁସରଣ କଲା ।

ଉପର ମହଲାକୁ ଆସି ଖୋଲା ଛାତ ଉପରେ ଦୁଇଟି ଚୌକିରେ ଦୁହେଁ ବସିଲେ । ସୂର୍ଯ୍ୟ କେତେବେଳୁ ଅସ୍ତ ହୋଇ ଗଲେଣି । ଆକାଶରେ ଜହ୍ନ ଉଠିଛି ।

ଧନେଶବାବୁ ପ୍ରଥମେ କଥା ଆରମ୍ଭ କଲେ—ତୁମେ ସୁମନ୍ତିକୁ ବିବାହ କରିବାକୁ ଚାହୁଁଛ ଅନୀଲ ? ସିଧାସଳଖ ପଚାରିଲେ ଧନେଶବାବୁ ।

—ଆଜ୍ଞା ?···ଚମକି ଉଠିଲା ଅନୀଲ ।

—ଆଡ଼ଭୋକେଟ୍ ଦାସ ସୁମନ୍ତିକୁ ବୋହୂ କରିବାକୁ ଚାହାନ୍ତି । ଏଥିରେ ତୁମର ମତ କଣ ଅନୀଲ ?

—ମୋ ମତର ଯେ କି ଆବଶ୍ୟକତା ମୁଁ କିଛି ବୁଝିପାରୁନି ।

—ଅନୀଲ ! ତୁମେ ଦୁହେଁ ଶିକ୍ଷିତ, ଆଧୁନିକ । ଏଣୁ ବିବାହ ପୂର୍ବରୁ ଦୁହିଁଙ୍କର ମତ ନେବା ନିତାନ୍ତ ଆବଶ୍ୟକ···। ଅବଶ୍ୟ ସୁମନ୍ତିର ମତ ମୁଁ ଜାଣିଛି । ମୁଁ ଯାହା କରିବି କିମ୍ବା କହିବି ସେ କଦାପି ତାʼର ବିରୋଧ କରିବନି । କେବଳ ତୁମର ମତହିଁ ମୋର ଲୋଡ଼ା ।···

ହଠାତ୍ ଅନୀଲ କିଛି କହି ପାରିଲା ନାହିଁ ।

—ତୁମେ ନିଃସଙ୍କୋଚରେ ତୁମର ମତ ପ୍ରକାଶ କର ଅନୀଲ !

ଲଜ୍ଜା ଓ ବିସ୍ମୟରେ ଅନୀଲ କିଛି କହି ପାରିଲା ନାହିଁ । ସେମିତି ଅବପର ନୀରବ ରହିଲା ସେ । କିନ୍ତୁ ଅନୀଲର ନୀରବତା ଦେଖି ସାମାନ୍ୟ ହସିଲେ ଧନେଶବାବୁ ।

—ସ୍ତ୍ରୀ ପୁରୁଷକୁ ବା ପୁରୁଷ ସ୍ତ୍ରୀକୁ ପ୍ରଥମ ଦୃଷ୍ଟିରେ ଭଲ ପା'ନ୍ତି । ପୁଣି ଏଇମାନେ ପରେ ପରସ୍ପରକୁ ଭୁଲ ବୁଝନ୍ତି । ତାପରେ ପରେ ପରସ୍ପରକୁ ଘୃଣା ମଧ୍ୟ କରନ୍ତି । କିନ୍ତୁ ମୂଳରୁ ଦୁହେଁ, ପରସ୍ପରର ଭିତର ଓ ବାହାର ସହିତ ପରିଚିତ ହୋଇଗଲେ ଜୀବନ ସୁଖମୟ ହୁଏ । ଧନେଶବାବୁ କହୁସାରି ଅନୀଳକୁ ଚାହିଁଲେ । ଅମାଳ ଚୁପ ହୋଇ ବସିଥାଏ । ଧନେଶବାବୁଙ୍କ ଉଦ୍ଦେଶ୍ୟକୁ ସେ ବୁଝିବାକୁ ଚେଷ୍ଟା କରୁଥାଏ ।

—ଆଚ୍ଛା ଅନୀଲ, ସୁମନ୍ତିକୁ ତୁମେ ଭଲ ପାଅ । ତୁମର ବାପା, ମା, ଭଉଣୀ, ତାକୁ ସ୍ନେହ କରନ୍ତି । ତାର ଗୁଣରେ ତୁମେ ସମସ୍ତେ ଶତମୁଖ ହୋଇ ଉଠିଛ । ସେ ରୂପବତୀ, ଗୁଣବତୀ ମଧ୍ୟ । କିନ୍ତୁ ମୁଁ ଯଦି କୁହେ ସେ······।

—ବାପା···!···ସୁମନ୍ତି ଡାକିଲା ।

ଧନେଶ ବାବୁଙ୍କ ଗଳା ଥରି ଆସୁଥିଲା । ସୁମନ୍ତିର 'ବାପା' ଡାକରେ ସେ ବିହ୍ୱଳ ହୋଇଗଲେ । ସବୁ କଥା ଅପ୍ରକାଶିତ ରହିଗଲା ।

—ଆରେ ତୁ କେତେବେଳୁ ଆସି ଛିଡ଼ା ହୋଇଛୁ ମା ?··· ପଚାରିଲେ ସେ ସ୍ନେହରେ ।

—ଜଳଖିଆ ଏଠାକୁ ନେଇ ଆସିବି ?···ସୁମନ୍ତି ପଚାରିଲା ଧୀର କଣ୍ଠରେ ।

—ହଁ ମା ନେଇଆ, ଏଇଠି ଖାଇବା ।···କହିଦେଲେ ଧନେଶବାବୁ ।

ସୁମନ୍ତି ଚାଲିଗଲା ।

—ଅମାଳ, ଏଇ ସରଳା ଝିଅଟିକୁ ଦେଖି ମୁଁ ମୋର ସବୁ ଦୁଃଖକୁ ପାଶୋରି ଦିଏ । କିନ୍ତୁ ସଂସାର ଏ ଶାନ୍ତ ସରଳ

ଝିଅଟିକୁ ତମା ପାଖରେ ଦେଖି ଦୁଃଖ କରେ । ଜାଣ କାହିଁକ ? ଭଗବାନ ତା'କୁ ସୌଭାଗ୍ୟବତୀ କରି ନାହାନ୍ତି ।···ଆଜ ତୁମକୁ ମୁଁ ସବୁ ଖୋଲି କହିବାକୁ ଚାହେଁ ଅମଳ ! କିନ୍ତୁ ଗୋଟିଏ ନିଷ୍ପତ୍ତି କରିବା ପୂର୍ବରୁ ତୁମକୁ ସବୁ କହିବାକୁ ହେବ ।···ପାନେଶବାବୁଙ୍କ ଆଖି ହଠାତ୍ ଓଦା ହୋଇ ଆସିଲା । ମୁହଁରେ ହସ ଖେଳାଇବାକୁ ଚେଷ୍ଟା କଲେ ସେ । କିନ୍ତୁ ହସ ଫୁଟିଲା ନାହିଁ । ସେ ଥରିଲା ଓଠରେ ଆଖିରୁ ଲୁହ ପୋଛି ନିଜକୁ ସଂଯତ କଲେ । ପୁଣି କହିଲେ, ଅମଳ, ଥରେ ସୁମନ୍ତିର ମଥାରୁ ସିନ୍ଦୂର ଲିଭି ଯାଇଛି । ସେ ବିଧବା !

—ଏଁ ! କଣ କହୁଛନ୍ତି ଆପଣ ?···ଆଶ୍ଚର୍ଯ୍ୟରେ ହତବାକ୍ ହୋଇଗଲା ଅମଳ ପାନେଶବାବୁଙ୍କ ଘୋଷଣାରେ ।

ପାନେଶ ବାବୁ ଅଶ୍ରୁଳ କଣ୍ଠରେ କହିଲେ—ହଁ ଅମଳ, ଦୁନିଆ ଆଖିରେ ସେ ଆଜ ବିଧବା; କିନ୍ତୁ ମୁଁ ତାକୁ ବିଧବା ହେବାକୁ ଦେଇନାହିଁ । ତାର ସ୍ୱାମୀ ମରି ଯାଇଛି ସତ କିନ୍ତୁ ମୁଁ କେବେ ଭାବେନି ସେ ବିବାହ କରିଥିଲା ବୋଲି । ସୁମନ୍ତି ମଧ୍ୟ ଜାଣେନି ତାର ସ୍ୱାମୀର ପରିଚୟ ! ସ୍ୱାମୀ ସହିତ ପରିଚିତ ହେବା ପୂର୍ବରୁ ସମାଜ କହେ ଧର୍ମଶାସ୍ତ୍ର ଅନୁଯାୟୀ ସେ ବିଧବା । କିନ୍ତୁ ମୁଁ ତାହା ମାନିବାକୁ ପ୍ରସ୍ତୁତ ନୁହେ ଅମଳ ।···ବିବାହ ପରଦିନ ଯଦି ସ୍ୱାମୀ ଆତ୍ମହତ୍ୟା କରେ ତେବେ କଣ ସ୍ତ୍ରୀ ସେଥିପାଇଁ ଦାୟୀ ହେବ । ଆତ୍ମହତ୍ୟାର କାରଣ କିଛି ଜଣାଗଲା ନାହିଁ । ଆଜ ସେଇ ଆତ୍ମହତ୍ୟା ପାଇଁ ସୁମନ୍ତିକୁ ଦାୟୀ କରାଗଲା । କିନ୍ତୁ ସୁମନ୍ତି ଏଥିପାଇଁ କାହିଁକ ଦାୟୀ ହେବ କେହି କହି ପାରିଲେ ନାହିଁ । କିନ୍ତୁ ମୋର ସୁମନ୍ତି ବିଧବା ହେଲା ।···ଯେଉଁ ସୁମନ୍ତିର ରୂପଗୁଣ ଦେଖି ଆମ ସମାଜ ବିବାହ ପର୍ଯ୍ୟନ୍ତ ତାରିଫ୍ କରୁଥିଲା, ବିବାହ ପରଦିନଠାରୁ ସୁମନ୍ତିକୁ ଘୃଣା କଲା ।

କିଏ ଉତ୍ତର ଧନେଶବାବୁ ପୁଣି ଆରମ୍ଭକଲେ—ମାତୃସ୍ନେହ ହରା ଝିଅର ଭବିଷ୍ୟତ ନେଇ ମୁଁ ବ୍ୟସ୍ତ ହୋଇ ପଡ଼ିଲି । ଶାଶୁ ଘରକୁ ସେ ଗଲ୍ନାହିଁ । ଏହା ଭିତରେ ତିନିବର୍ଷ ବିତି ଗଲାଣି । ଏଇ ତିନିବର୍ଷରେ ମୁଁ ତାର ସବୁ ଦୁଃଖକୁ ଭୁଲାଇବାକୁ ଚେଷ୍ଟା କରୁଛି । ବାପା ହୋଇ ମୁଁ କେମିତି ଝିଅର ଏଇ ହୀନ ଦଶାକୁ ଦେଖି ସହି ପାରିବି ଅମୀଳ ? ଭାବିଥିଲି ସୁମତିକୁ ପୁଣି ବିବାହ କରାଇବି । ମୁଁ ଜାଣେ ଆମର ହିନ୍ଦୁ ସମାଜ ତା'ର ପୁନର୍ବିବାହକୁ ମାନିବ ନାହିଁ । ସେ ଏହାର ଘୋର ବିରୋଧ କରିବ । ଏ ସବୁ ଜାଣି ସୁଦ୍ଧା ମୁଁ ଠିକ କରିଛି, ସୁମତି ପୁଣି ବିବାହ କରିବ । ସେ ବି ଅନ୍ୟ ଝିଅଙ୍କ ପରି ଘର ସଂସାର କରିବ । କିନ୍ତୁ ତା'କୁ ବିବାହ କିଏ କରିବ ? ଯିଏ ଶୁଣେ ସେ ବିଧବା, ସେ ବିବାହ କରିବାକୁ ପଛଘୁଞ୍ଚା ଦେଉଛି । ଅନେକ ଯୁବକ ମୋ ପାଖକୁ ଆସିଛନ୍ତି । ତା'ର ରୂପ ଗୁଣକୁ ସମସ୍ତେ ପ୍ରଶଂସା କରିଛନ୍ତି । କିନ୍ତୁ ଯେତେବେଳେ ସେମାନେ ଶୁଣନ୍ତି, ମୋ ଝିଅ ବିଧବା, ସେତେବେଳେ ସେମାନେ ମୁହଁକୁ ବିକୃତକରି ଫେରି ଯାଇଛନ୍ତି । ଆଉ ଏବେ ବି ମୁଁ ଜାଣେ, ତୁମେ ମଧ୍ୟ ସେମାନଙ୍କ ପରି ଫେରିଯିବ । ମୋର ସୁମତି ସେମିତି ବିଧବା ହୋଇ ରହିଥିବ, ଯେମିତି ସେ ରହିଛି··· କହି ଦୀର୍ଘନିଶ୍ୱାସ ନେଇ ଚୁପ ହେଲେ ସେ ।

ଅମୀଳର ମୁଣ୍ଡ ଭିତରେ ସବୁ ଗୋଳମାଳ ହୋଇଗଲା । ସେ କିଛି ଠିକ୍‌କରି ପାରିଲା ନାହିଁ । ଏ ପରିସ୍ଥିତିରେ ସେ କଣ କରିବ ! କଣ ତାର କର୍ତ୍ତବ୍ୟ ? କି ଜବାବ ସେ ଦେବ ଧନେଶବାବୁଙ୍କୁ ।

ସେ ସ୍ଥିର କରିନେଲା ସୁମତିକୁ ସେ ନିଜର କରିନେବ ।

—ତେବେ ବି ମୁଁ ସୁମତିକୁ ବିବାହ କରିବାକୁ ଚାହେଁ ।

ଅନେକ ସମୟ ଚିନ୍ତାକରି ଶେଷ ସିଦ୍ଧାନ୍ତରେ ପହଞ୍ଚିଲା ଅମୀଳ ।

—ଅମଳ !···ଆନନ୍ଦରେ ବିହ୍ୱଳ ହୋଇ ଉଠିଲେ ପ୍ରାଣେଶବାବୁ !···କିନ୍ତୁ ଅମଳ, ତୁମର ବାପା ମା କଣ ଏଥିରେ ରାଜି ହେବେ ?

—ସେମାନଙ୍କ ରାଜିରେ କିଛି ଯାଏ ଆସେ ନାହିଁ । ସେମାନେ ଅରାଜି ହେଲେ ବି ମୁଁ ସୁମିତ୍ରାକୁ ବିବାହ କରିବି । ମୋ ନିଜର ମଧ୍ୟ କିଛି ଅଧିକାର ଅଛି । ମୋର ନିଜତ୍ୱକୁ କେହି ଚୁପି ଦେଇ ପାରିବେନି । ମୁଁ ସୁମିତ୍ରାକୁ ଭଲପାଏ । ପ୍ରଥମେ ଯେମିତି ଭଲ ପାଉ-ଥିଲି ଏବେ ବି ସେମିତି ଭଲପାଏ ଆଜ୍ଞା ! ସେ ବିଧବା କି ନା ମୁଁ ଜାଣି ନ ଥିଲି । ଆଉ ଏବେ ଜାଣିବା ପରେ କାହିଁ ସୁମିତ୍ରାର ତ କିଛି ପରିବର୍ତ୍ତନ ଦେଖିବାକୁ ପାଉନି ? ସୁମିତ୍ରାକୁ ଯଦି ଆପଣ ସୌଭାଗ୍ୟବତୀ କରିବାକୁ ଚାହୁଁଛନ୍ତି ଆଉ ସୁମିତ୍ରାର ଯଦି ଏଥିରେ ଆପତ୍ତି ନାହିଁ, ମୁଁ ଏ ବିବାହ ପାଇଁ ପ୍ରସ୍ତୁତ···।

—କିନ୍ତୁ ଅନିଲ, ତୁମ ବାପା ମା'ଙ୍କର ଅରାଜିରେ ତୁମେ ସୁମିତ୍ରାକୁ ବିବାହ କରିବା ଅନ୍ୟାୟ ହେବ ! ମୁଁ ତାହା କଦାପି କରିବାକୁ ଦେବିନି···ପ୍ରାଣେଶବାବୁ କହିଲେ ।

—ଆଜ୍ଞା ! ଆଶ୍ଚର୍ଯ୍ୟ ହୋଇଗଲା ସେ । ···ଆପଣ ତେବେ ସୁମିତ୍ରାର ସୁଖ ଚାହାନ୍ତି ନାହିଁ । ସମାଜ ଉପରେ ସୁମିତ୍ରାର ସୁଖକୁ ବଳି ଦେବାକୁ ଚାହାନ୍ତି ? ମୁଁ ଜାଣେ, ମୋ ବାପା ମା ଏହାର ବିରୋଧ କରିବେ । ଗୋଟିଏ ବିଧବାକୁ ବୋହୂ କରି ନେବାକୁ ସେ ଚାହିଁବେନି । କିନ୍ତୁ ସେ ସବୁର ସମ୍ମୁଖୀନ ହେବାକୁ ମୁଁ ପ୍ରସ୍ତୁତ ଯେତେବେଳେ ଆପଣ କାହିଁକି ବାଧା ଦେଉଛନ୍ତି । ଆମ ଘରର କେହି ଜାଣିବେନି ସୁମିତ୍ରା ବିଧବା ବୋଲି ! ପୁଣି ବାହାହେବ ସେ ଯେମିତି ସବୁ ଝିଅମାନେ ହୁଅନ୍ତି । ···ଅନିଲ କଣ୍ଠରେ ମିନତିମୟ ପ୍ରାର୍ଥନା ।

ଅମଳ… ! …କହି ପାରିଲେ ନାହିଁ ବୃଦ୍ଧ ଧନେଶବାବୁ । ଦୁଇ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ଆସିଲା ତାଙ୍କର । ଏତିକିବେଳେ ସୁମନ୍ତ ଜଳଖିଆ ଆଣି ଥୋଇଦେଲା ଦୁହିଁଙ୍କ ସାମନାରେ । ସୁମନ୍ତକୁ ଦେଖି ଧନେଶବାବୁ ସାଙ୍ଗେ ସାଙ୍ଗେ ଆଖି ପୋଛି ନେଲେ । ହୁଏତ ସେମାନଙ୍କର ଆଲୋଚନା ଅନ୍ତରାଳରେ ଥାଇ ସେ ଶୁଣିଛି । ଅମଳର ଏଥିରେ କୌଣସି ସନ୍ଦେହ ରହିଲାନି ।

ଆଗରେ ଛିଡ଼ା ହୋଇଛି ମାଳା । ମାଳାରୂପରେ ସଞ୍ଜ ଯେମିତି ତା' ପାଖକୁ ପୁଣି ଫେରି ଆସିଛି !

ସଞ୍ଜ ଆଉ ମାଳା ଭିତରେ ସେ କିଛି ହେଲେ ପ୍ରଭେଦ ଦେଖି ପାରୁନି । ଦୁହିଁଙ୍କ ଭିତରେ ଖୁବ୍ ମେଳ ଅଛି । ସଞ୍ଜର ବ୍ୟବହାର ମଧ୍ୟ ଠିକ୍ ମାଳା ପରି । ସଞ୍ଜ ଯେମିତି ତାର ସମସ୍ତ ସୁଖ ଦୁଃଖରେ ଭାଗୀ ହେଉଥିଲା ମାଳାବି ସେମିତି ନିଜକୁ ନିୟୋଜିତ କରିଛି ଅନୀଲର ସେବା ଯତ୍ନରେ ।

ମାଳା !…ଡାକିଲା ଅମଳ ।

—ଆଜ୍ଞା… !…ଫେରି ଚାହିଁଲା ମାଳା ।

ପଲଙ୍କ ଉପରେ ବସିଛି ଅମଳ ତା'ର ଖୁବ୍ ନିକଟରେ ଛିଡ଼ାହୋଇଛି ମାଳା । ସେ ଗୋଟିଏ ଦୃଷ୍ଟିରେ ଚାହିଁ ରହିଲା ମାଳାକୁ ।

ମାଳା ମୁହଁ ତଳକୁ କଲା ।

ଦୁହିଁଙ୍କ ମୁହଁରେ ଭାଷା ନାହିଁ । ଦୁହେଁ ନୀରବ, ନିସ୍ପନ୍ଦ । ଏଇପରି ଦୁଇ ମିନିଟ ବିତିଗଲା । ମାଳା ମୁହଁ ଉଠାଇ ଚାହିଁଲା ଅମଳକୁ ଆଗ୍ରହରେ ତା' ମୁହଁରୁ କଥା ଶୁଣିବାପାଇଁ । ଅମଳ ଚମକି ଉଠିଲା ମାଳାର ଦୃଷ୍ଟି ସାଙ୍ଗେ ତା' ଦୃଷ୍ଟିର ସଂଘର୍ଷ ହେବାକ୍ଷଣି ।

—କିଛି ନାହିଁ ମାଳା, ତୁମେ ଯାଅ । ··ଏତିକ କହିବାକୁ ସେ ଯେପରି ଖୁବ କଷ୍ଟ ଅନୁଭବ କଲା । ମାଳା ଫେରି ଆସିଲା ।

—ନମସ୍କାର ଅନୀଲବାବୁ··· । ଅନୀଲ ଚମକି ପଡ଼ି ଫେରି ଚାହିଁଲା ।

ପାପ୍ରିଦେବୀ ଆସିଛନ୍ତି । ଆଜି ସୁଜିତ ତାଙ୍କ ସାଙ୍ଗରେ ଆସିନି । ଅନୀଲ ଅପ୍ରତିଭ ହୋଇ ଉଠିଲା ହଠାତ୍ ପାପ୍ରିଦେବୀଙ୍କୁ ଏକେଲା ଦେଖି । କିନ୍ତୁ ସାଙ୍ଗେ ସାଙ୍ଗେ ତାର ହାତ ଦୁଇଟି ଯୋଡ଼ି ହୋଇଗଲା ପାପ୍ରିଦେବୀଙ୍କ ନମସ୍କାରର ଉତ୍ତରରେ ।

—ମୋତେ ଏମିତି ହଠାତ୍ ଦେଖିବାକୁ ଆଶା କରି ନଥିଲେ ବୋଧେ ? ···ପାପ୍ରିଦେବୀ ହସି ହସି କହିଲେ ।

ଅନୀଲ କିଛି କହି ପାରିଲା ନାହିଁ । ଉତ୍ତର ଦେଲା ଗୋଟିଏ ଛୋଟ ହସରେ ।

ପାପ୍ରିଦେବୀ ପୁଣି କହିଲେ—ଆସି ଆପଣଙ୍କୁ କଷ୍ଟ ଦେଲି ନାହିଁ ତ ?

—ନା ନା କଷ୍ଟ କଣ ? ବସନ୍ତୁନା !···ଅନୀଲ ପାପ୍ରିଦେବୀଙ୍କୁ ଗୋଟିଏ ବେଞ୍ଚରେ ବସିବାକୁ କହିଲା ।

—ବାଃ, ବେଶ ସୁନ୍ଦର ଗାର୍ଡ଼େନ କରିଛନ୍ତି ତ ଆପଣ । ଏମିତି ମଧୁର ସନ୍ଧ୍ୟାରେ ଏଠି ବସି ପ୍ରକୃତିର ସୌନ୍ଦର୍ଯ୍ୟକୁ ଆପଣ ଉପଭୋଗ କରୁଛନ୍ତି···ପାପ୍ରି ଦେବୀ କହିଲେ ।

—ଆଜି ସୁଜିତ ଆପଣଙ୍କ ସାଙ୍ଗରେ ଆସିନି ?···ପାପ୍ରି-ଦେବୀଙ୍କୁ କହିବାକୁ ନ ଦେଇ ଅନୀଲ ପଚାରିଲା ।

—ସେ ଆଜି କଲିକତା ଚାଲିଗଲେ ହଠାତ ଗୋଟିଏ ଟେଲିଗ୍ରାମ ପାଇ ।···

—ଓଃ !···

—ଆଜ ମୁଁ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛି । ଚାଲନ୍ତୁ··· ।

—ବର୍ତ୍ତମାନ ଯିବାକୁ ହେବ ?···ପଚାରିଲା ଅମୀଳ ।

—ହଁ, କାହିଁକି କିଛି ଆପତ୍ତି ଅଛି କି ?

—ନା, କିଛି ନାହିଁ । ଚାଲନ୍ତୁ··· ।···ଅମୀଳ ଆପତ୍ତି ନକରି ଉଠି ପଡ଼ିଲା । ଶାନ୍ତନୁକୁ ଡାକି ସେ ବାହାରକୁ ଯିବା କଥା ଜଣାଇ ଦେଲା ।

କାର ଚାଲିଲା 'ପୁରୀ ହୋଟେଲ' ଉଦ୍ଦେଶ୍ୟରେ । ସନ୍ଧ୍ୟା ପରେ ପରେ ରାତ୍ରୀ ଆସିଛି ଧୀର ପଦକ୍ଷେପରେ । ଚାରିଆଡ଼େ ଜୋଛନାର ପ୍ଲାବନ । ପୁରୀ ସମୁଦ୍ର କୂଳ ହସି ଉଠୁଛି । ସାତଟା ବାଜିଗଲାଣି ।

କାର୍ ଚାଲିଛି ।

ଅତି ନିକଟରେ ରୂପସମ୍ଭାର ଘେନି ବସିଛନ୍ତି ମିସ୍ ଦୀପ୍ତି-ଦେବୀ । ଇଭିନିଂ-ଇନ୍-ପ୍ୟାରିସର ସୁଗନ୍ଧରେ ମହକି ଉଠୁଛି ବାତାବରଣ ।

ଅମୀଳର ଦେହକୁ ଲାଗି ଦୀପ୍ତି ଦେବୀ ବସିଛନ୍ତି । ବେଳେ ବେଳେ ବିବ୍ରତ ବୋଧ କରୁଛି ଅମୀଳ । ବେଳେବେଳେ ଜ୍ୟୋତ୍ସ୍ନା ଚର୍ଚ୍ଚିତ ମଧୁରାତିର ଏଇ ମୁହୂର୍ତ୍ତିକୁ ଉପଭୋଗ କରିବାକୁ ପ୍ରବଳ ଇଚ୍ଛା ହେଉଛି । 'ପୁରୀ ହୋଟେଲ' ନିକଟରେ କାର୍ ପହଞ୍ଚିବା ଯଣି ସେ ଗୋଟିଏ ଦୀର୍ଘନିଶ୍ୱାସ ଛାଡ଼ିଲା ।

ଦୀପ୍ତି ଦେବୀ କାର୍‌ରୁ ଓହ୍ଲାଇ ଅମୀଳର ହାତକୁ ଧରି ଟାଣି-ନେଲେ ହୋଟେଲ ଭିତରକୁ । ଉପର ମହଲାର ଗୋଟିଏ ରୁମ୍ ଭିତରକୁ ପଶିଗଲେ ଦୁହେଁ । ଅମୀଳକୁ ଗୋଟିଏ କାଉଚରେ ବସିବାକୁ କହି ସେ ବାହାରକୁ ଆସିଲେ ।

ଅମଳ ଘରଆଡ଼େ ଥରେ ଦୃଷ୍ଟି ବୁଲେଇ ନେଲା ।

କୋଠରୀଟିକୁ ସଜେଇଛନ୍ତି ପାପ୍ରି ଦେବୀ । ଅସ୍ଥାୟୀ ଭାବରେ ରହିଲେହେଁ ଏ ଢଙ୍ଗରେ ତାଙ୍କର ଉନ୍ନତ ରୁଚିକୁ ପ୍ରଶଂସା-କଲା ଅମଳ ।

ଫେର ଆସିଲେ ପାପ୍ରି ଦେବୀ । ତାଙ୍କ ପଛେ ପଛେ 'ବୟ୍' ଖାଇବା ଜିନିଷ ଆଣି ଟେବୁଲ ଉପରେ ରଖିଦେଇ ଚାଲିଗଲା । ପାପ୍ରି ଦେବୀ ଉଠିଯାଇ କବାଟ ବନ୍ଦକରି ଦେଲେ ।

ପାପ୍ରିଦେବୀ ବସିବା ପରେ ଅମଳ ଆଗ୍ରହ ସହକାରେ ପଚାରିଲା—ନିମନ୍ତ୍ରଣର ଉଦ୍ଦେଶ୍ୟ ମୁଁ ତ ଜାଣିପାରିଲି ନାହିଁ ?···

—ଉଦ୍ଦେଶ୍ୟ କଣ ? ସବୁଥିରେ ଉଦ୍ଦେଶ୍ୟ ଖୋଜିଲେ କଣ ହୁଏ ? ମଝିରେ ମଝିରେ ଅନ୍ତରଙ୍ଗ ବନ୍ଧୁମାନଙ୍କ ସହ ଟି'ପାର୍ଟିରେ ଯୋଗଦେବା ମତେ ଭାରି ଭଲ ଲାଗେ । ଆପଣ କିଛି ଅସୁବିଧା ଅନୁଭବ କରୁନାହାନ୍ତି ତ ? ପାପ୍ରିଦେବୀ ମୋହମୁଗ୍ଧ ଚାହାଣୀରେ ଅନେଇଲେ ଅମଳକୁ ।

—ନା, ନା—ଆପଣ ସେମିତି କିଛି ଭାବନ୍ତୁ ନାହିଁ···ଅମଳ ସ୍ୱାଭାବିକ ହସ ହସି କହିଲା ।

—ଏଇ ଦେଖନ୍ତୁ, ଆପଣ ସୌଜନ୍ୟ ଦେଖାଇବାରେ ଆଗେଇ ଗଲେଣି—ଖାଆନ୍ତୁ ନା···ଅମଳର କାନ୍ଧରେ ମୃଦୁ ସ୍ପର୍ଶ-ଦେଇ କହିଲେ ସେ ।

ଶିହରି ଉଠିଲା ଅମଳ ପାପ୍ରି ଦେବୀଙ୍କ ସ୍ପର୍ଶରେ । କିନ୍ତୁ କୌଣସି ପ୍ରକାର ଅସ୍ୱାଭାବିକତା ପ୍ରକାଶ କଲାନି ନିଜ ବ୍ୟବହାରରେ । ପାପ୍ରିଦେବୀ ସୁଟ୍‌କେଶରୁ ଗୋଟିଏ ଚେପ୍ଟା ବୋତଲ ବାହାର କଲେ । ତା' ପରେ ଆଲମିରାରୁ ଦୁଇଟି ସୋଡ଼ା ବୋତଲ ବାହାର କରି ଟେବୁଲ ଉପରେ ରଖିଲେ । ଅମଳ ଏ' ସବୁ ଦେଖି ଚମକି

ଉଠିଲା ବସ୍ତ୍ରସ୍ତୁରେ । ସେ ଲକ୍ଷ୍ୟକଲା ଧାତ୍ରିଦେବୀଙ୍କ କାମକୁ । ଏତିକି-ବେଳେ ଗୋଟିଏ ଗ୍ଲାସ ଅମଳ ଆଡ଼େ ବଢ଼ାଇ ଧାତ୍ରି ଦେବୀ ହସହସ ମୁହଁରେ କହିଲେ, ନିଅନ୍ତୁ ।

—କିନ୍ତୁ ମୁଁ ଏ' ସବୁ······

ମୁଁ ଜାଣେ, ଆପଣ ଏ ସବୁ କେବେ ଖାଆନ୍ତି ନାହିଁ । କିନ୍ତୁ ଆଜି ମୋର ଅନୁରୋଧ ଆପଣଙ୍କୁ ରଖିବାକୁ ହେବ ।···ଧାତ୍ରିଦେବୀ ଅମଳ ପାଖକୁ ଲାଗିଯାଇ ତା ଓଠ ପାଖରେ ଟେକି ଧରିଲେ ରଙ୍ଗୀନ ଗ୍ଲାସଟିକୁ ।

—ଧାତ୍ରିଦେବୀ, ମୋତେ କ୍ଷମା କରନ୍ତୁ, ଆପଣଙ୍କ ଅନୁରୋଧ ରକ୍ଷାକରି ନ ପାରି ମୁଁ ଦୁଃଖିତ···ଅମଳ ଧାତ୍ରିଦେବୀଙ୍କ ପାଖରୁ ଘୁଞ୍ଚି ଆସିଲାବେଳେ ଧାତ୍ରିଦେବୀ ଅମଳକୁ ଟାଣି ଧରିଲେ । ଅମଳ ଟାଣିହୋଇ ଯାଇ ତାଙ୍କ ଉପରେ ପଡ଼ିଗଲାବେଳେ ସେ ଆଉଥରେ ଶିହରି ଉଠିଲା ଉନ୍ନତ ବକ୍ଷୋଜର ଉନ୍ମାଦମୟ ସ୍ପର୍ଶରେ । ତା ପରେ ଉଠିବସି ସଂଯତ ହେବାକୁ ଚେଷ୍ଟାକଲା, କିନ୍ତୁ ଧାତ୍ରିଦେବୀ ତାଙ୍କୁ ନିବିଡ଼ ଆଲିଙ୍ଗନ ପାଶରେ ବାନ୍ଧି ରଖିଲେ ଉନ୍ମାଦିନୀ ହୋଇ । ସେ ନିଜର ହିତାହିତ ଜ୍ଞାନ ଭୁଲି କାମନା-ପଙ୍କରେ ନିଜ ଶରୀରକୁ ଆହୂତି ଦେବାକୁ ଅପେକ୍ଷା କରିବାକୁ ଲାଗିଲେ ।

କ୍ଷୋଭ ଏବଂ ଗ୍ଲାନିରେ ଅମଳ ବିପର୍ଯ୍ୟସ୍ତ ହୋଇ ଉଠିଲା । ଘୃଣାରେ ତା'ର ମନ ପ୍ରାଣ ବିଷେଇଗଲା ।

—ଅ-ମ-ଳ-ବା-ବୁ !···ଧାତ୍ରିଦେବୀଙ୍କ କଣ୍ଠରେ କାତର ମିନତି । ଚାହାଣୀରେ କ୍ଷୁଧିତର ଆମନ୍ତ୍ରଣ···ଦେହର ବସ୍ତ୍ର ଅସଂଯତ । ଅମଳ ଅସହ୍ୟ ଯନ୍ତ୍ରଣାରେ ଦୁଇ ହାତରେ ନିଜ ଆଖି ବୁଜିନେଲା । ତାପରେ ଧାତ୍ରିଙ୍କ ବାହୁବନ୍ଧନରୁ ନିଜକୁ ମୁକ୍ତକରି ଝଡ଼ ବେଗରେ ପଦାକୁ ବାହାରିଆସିଲା ।

ହୋଟେଲ୍ ବାହାରେ ଥିବା କାରୁ ଡ୍ରାଇଭରକର କେତେ-ବେଳେ ଯେ ଆସି 'ସାଗର-ମୁଖୀ'ରେ ପହଞ୍ଚିଲା ସେ ଜାଣି ପାରିନି । ମନରେ ଗ୍ଲାନି ଆଉ ଅସନ୍ତୋଷ ଭରି ଅମୀଳ ଘର ଭିତରକୁ ପଶି ଯାଉଁ ଯାଉଁ ସେ ସ୍ତବ୍ଧ ହୋଇ ଠିଆ ହୋଇଗଲା ହଠାତ୍ । ଭିତରେ ସୀତାରର ମୂର୍ଚ୍ଛନା କିଏ ତୋଳି ଧରିଛି । ଠିକ୍ ଏମିତି ତା'ର ସଞ୍ଜ ସୀତାରର ମୂର୍ଚ୍ଛନା ତୋଳୁଥିଲା । ତେବେ କଣ ସଞ୍ଜ ତା' ନିକଟକୁ ଫେରିଆସିଛି !

—ସତ !··ଆନନ୍ଦରେ ଉନ୍ମାଦ ହୋଇ ସେ ଦୌଡ଼ିଗଲା ଭିତରକୁ ।

ମାଳା ସୀତାରକୁ ଥୋଇଦେଲା ଭୂଇଁରେ । ଏମିତି ଅପ୍ରତ୍ୟାଶିତ ଭାବରେ ଅମୀଳ ଆସିଯିବ ବୋଲି ସେ କେବେ ଭାବି ନ ଥିଲା ।

ରାତି ଏଗାରଟା ଟପି ଯାଇଛି । ମାଳା ଅମୀଳପାଇଁ ଅପେକ୍ଷା କରି କରି ଶେଷରେ ହତାଶ ହୋଇ ସୀତାରରେ ମୂର୍ଚ୍ଛନା ତୋଳୁ-ଥିଲା । ଅମୀଳର ଉପସ୍ଥିତିରେ ସେ ଲଜ୍ଜିତ ହୋଇ ଉଠି ଆସୁଥିବା-ବେଳେ ଅନୀଳ ଦୌଡ଼ିଆସି ତାକୁ ଟାଣି ଧରିଲା ଆବେଗରେ । ମାଳା ଅସହାୟ ମନେକଲା ନିଜକୁ । ଆସ୍ତେ ଆସ୍ତେ ଅମୀଳ ହାତକୁ ଆଡ଼େଇ ଦେଇ ଦୂରେଇ ଆସିଲା ଅନୀଳ ପାଖରୁ । ଅନୀଳ ମଧ୍ୟ ବାସ୍ତବତାକୁ ଫେରି ଆସିଲା—ସେ ଯାହାକୁ ସଞ୍ଜ ଭାବିଥିଲା ସେ ତାର ପ୍ରାଣପ୍ରିୟା ସଞ୍ଜ ନୁହେଁ, ସେ ତାର ଆଶ୍ରିତା ମାଳା । ଦୁଃଖ ଏବଂ ଲଜ୍ଜାରେ ସେ ଭାଙ୍ଗିପଡ଼ିଲା ।

—ମାଳା··ତୁମେ !···

ମାଳା କିଛି ନ କହି ତୁନ୍ ରହିଲା ।

—ମୋତେ କ୍ଷମାକର ମାଳା । ଭୁଲରେ ତମ ପ୍ରତି ମୁଁ ଅନ୍ୟାୟ କରିଛି । ଠିକ୍ ତମପରି ସଞ୍ଜ ସୀତାର ବଜାଉଥିଲା । ମୁଁ

ଆନନ୍ଦରେ ଅଧୀର ହୋଇ ସଞ୍ଜୀ କୋଳ ଯେଉଁ ଭୁଲକଲି ମୁଁ ସେଥିପାଇଁ କୁଣ୍ଠିତ !

—ଆପଣଙ୍କୁ କ୍ଷମା କରିବା ଭଳି ଶକ୍ତି ମୋର ନାହିଁ ଆଜ୍ଞା ! ଛାଡ଼ନ୍ତୁ ସେ ସବୁ, ବର୍ତ୍ତମାନ ଖାଇବେ ଚାଲନ୍ତୁ ।···ମୁହଁ ତଳକୁ କରି କହିଲା ମାଳା ।

—ମୁଁ କିଛି ଖାଇବି ନାହିଁ ମାଳା ! ତୁମେ ଯାଅ ଖାଇବ ।···

—କିନ୍ତୁ···

—ମୁଁ ଖାଇ ଆସିଛି । ତୁମେ ଖାଇବ ଯାଅ । ମାଳା ଆଉ କିଛି ନ କହି ସେଠାରୁ ଚାଲିଗଲା ।

ଦୁଇଟି ଦିନ ବିତିଛି । ଏହା ଭିତରେ ସେ ବାହାରକୁ ଯାଇନି । ସବୁବେଳେ ସେ ଭାବୁଛି ସଞ୍ଜୀ ଆଉ ମାଳାର କଥା । ଏଇ ଦୁଇଦିନରେ ମାଳାକୁ ଖୁବ୍ ନିକଟରେ ସେ ପାଇଛି । ମାଳାର ଯତ୍ନ ଓ ସେବାରେ ସେ ବିଭୋର ହୋଇଉଠିଛି । ସେ ସବୁ ଭୁଲି ଯିବାକୁ ଚେଷ୍ଟା କରୁଛି ! ପୁରୁଣା ଦିନର ସ୍ମୃତି ପୁଣି ତା ଆଖି ଆଗରେ ଚଳଚ୍ଚିତ୍ର ଭଳି ଭାସିଉଠେ ।

ସୁମତିକୁ ସେ ବିବାହ କରିଛି । ଯାହା ଫଳରେ ଅନେକ ଝଡ଼ ଝଞ୍ଜା ବହିଗଲା । ସମାଜର ବିରୋଧ, ବାପା ମା'ଙ୍କର ଘୃଣା ଆଉ ଧମକ ତା' ଲକ୍ଷ୍ୟ ପଥରୁ ତାକୁ ଟଳାଇ ପାରିଲାନି । ସେ ବିଧବା ସୁମତିକୁ ସଧବା କଲା । ତାର ଶୂନ୍ୟ ମଥାରେ ସିନ୍ଦୁର ଭରି ସେ ଅସୀମ ସୁଖର ଅଧିକାରୀ ହୋଇଛି । ସେଇଥିପାଇଁ ବିବାହର ପରଦିନରୁ ସେ ଘର ଛାଡ଼ିଲା । ସୁମତିକୁ ଧରି ଆସିଲା କଲିକତା । କିନ୍ତୁ ପରେଶବାବୁ ଏ' ସବୁ ସହ୍ୟକରି ପାରିଲେନି । ସେ ଆଉ

ନିଜକୁ ଏ' ସବୁ ଜଞ୍ଜାଳରୁ ଦୂରରେ ରଖି ପାରିଲେ ନାହିଁ । ମାନସିକ ଯନ୍ତ୍ରଣା, ଶାରୀରିକ ବେଦନାରେ ତାଙ୍କର ସୁସ୍ଥସବଳ ଶରୀର ଦିନକୁ ଦିନ କ୍ଷୀଣ ହୋଇ ଆସିଲା । ସୁମନ୍ତ ନାଆଁରେ ସବୁ ସମ୍ପତ୍ତି ୱିଲ୍ କରିଦେଇ ସେ ଦିନେ ହଠାତ୍ ସଂସାରରୁ ବିଦାୟ ନେଲେ ।

ମନେପଡ଼େ ତା'ର ସେଇ ବିଗତ ସ୍ମୃତି ।

ତାପରେ ଏମିତି ଦିନେ···

ସେ ମାଳାକୁ କହି ଯାଉଛି ତାର ଅତୀତ ଜୀବନର କାହାଣୀ । ବିତି ଯାଇଥିବା ଦିନର ସୁଖଦୁଃଖର ଅନୁଭୂତି ।

ସୁମନ୍ତକୁ ଭଲ ପାଉଥିଲା ସେ । ସୁମନ୍ତ ତାର ପ୍ରେରଣା ଥିଲା । ବଞ୍ଚିବାର ଉପାଦାନ ଥିଲା । ଦୁହେଁ ପ୍ରତିଜ୍ଞା କରିଥିଲେ ଜୀବନର ଶେଷ ନିଶ୍ୱାସ ଯାଏ ପରସ୍ପରକୁ ଏମିତି ଭଲ ପାଇବେ । କିନ୍ତୁ ଦିନେ ସେଇ ପ୍ରତିଜ୍ଞା ଭାଙ୍ଗି ଗଲା ।

ପ୍ରଶ୍ନବାଚୀ ଦୃଷ୍ଟିରେ ମାଳା ଚାହିଁଲା ଅମଳକୁ । ଅମଳର ଆଖିପତା ଓଦା ହୋଇ ଆସିଛି । କିଛି ସମୟ ନୀରବ ରହି କହିଲା ସେ—ହଠାତ୍ ଏମିତି ଗୋଟିଏ ପରିସ୍ଥିତି ସୃଷ୍ଟି ହେବ ବୋଲି ମୁଁ କେବେ ଭାବି ନ ଥିଲି ମାଳା । ସଖୀର ଚରିତ୍ରକୁ ସନ୍ଦେହ କରି ମୁଁ ତାକୁ ମାରି ଦେଲି ! ସେଇ ପାପର ପ୍ରାୟଶ୍ଚିତ ଆଜି ମୁଁ କରୁଛି ।

ଗୋଟିଏ ଦୀର୍ଘନିଃଶ୍ୱାସ ଛାଡ଼ି ଅମଳ ପୁଣି ଆରମ୍ଭ କଲା—ସେ ରାତ୍ରି କଥା ଏବେ ବି ମୋର ସ୍ପଷ୍ଟ ମନେ ଅଛି । ଚାରିଆଡ଼େ ନିଶବ୍ଦ ଅନ୍ଧକାର । ପବନ ଖୁବ ଜୋରରେ ବହୁଥାଏ । ସଖୀ ଆଉ ମୁଁ ଶୋଇଥାଉ । ହଠାତ ସଖୀର ନିଦ ଭାଙ୍ଗି ଗଲା ।

—କିଏ ହେଲା ସଖୀ ? ମୁଁ ପଚାରିଲି ।

—କିଛି ନାହିଁ । ଦ୍ୱାରଟା ବନ୍ଦ କରିନ । ପବନ ହେଉଛି । ଦ୍ୱାରଟା ବନ୍ଦ କରି ଦେଇ ଆସେ ।···

—ମୁଁ ବି ଯାଉଛି, ଚାଲ ।···

ସ୍ଥିର ହୋଇ ରହିଗଲା ସଖି କିଛି ସମୟ । ମୁଁ ପୁଣି କହିଲି—ତୁମେ ବସ ସତ୍ତି, ମୁଁ ଦ୍ୱାରଟା ବନ୍ଦ କରି ଆସୁଚି । ···କହିଦେଇ ମୁଁ ଚାଲିଗଲି । ସଖି ସେମିତି ପଲଙ୍କ ଉପରେ ବସି ରହିଲା । ଫେରି ଆସି କହିଲି—ଶୋଇପଡ଼ । ରାତି ହେଲାଣି । ···ସଖିକୁ ଟାଣି ଆଣିଲି ପାଖକୁ । ଦୁହେଁ ଶୋଇ ପଡ଼ିଲୁ । ବାହାରେ ମେଘର ଗର୍ଜନ ଶୁଭୁଥାଏ । ଥଣ୍ଡା ଲାଗିବାରୁ ଚାଦରଟା ଖୋଜି ଖୋଜୁ ଦେଖିଲି ପାଖରେ ସଖି ନାହିଁ । ଆଶ୍ଚର୍ଯ୍ୟର ମୋର ସୀମା ରହିଲା ନାହିଁ । ଗଲା କୁଆଡ଼େ ସଖି ଏ ତୋଫାନ ଭିତରେ ? ବର୍ଷା ବି ଆରମ୍ଭ ହୋଇଥାଏ ।

କିଛି ସମୟ ଅପେକ୍ଷା କଲି । ସଖି ଫେରିଲା ନାହିଁ । ଅହେତୁକ ଆଶଙ୍କାରେ ମନ ମୋର ଅସ୍ଥିର ହୋଇ ଉଠିଲା । ପଲଙ୍କରୁ ଉଠିଆସି ଦ୍ୱାର ନିକଟରେ ପହଞ୍ଚି ଦେଖିଲି ସଖି ଆସୁଛି । ବର୍ଷାରେ ଭିଜି ଯାଇଛି ସେ ।

ନୀରବରେ ଦ୍ୱାର ପାଖରୁ ଫେରି ଆସି ଶୋଇପଡ଼ିଲି । ସଖିକୁ କିଛି ପଚାରିବାକୁ ସାହସ ହେଉ ନଥାଏ । ସଖି ଆସି ପୂର୍ବପରି ଶୋଇ ପଡ଼ିଲା ମୋ ପାଖରେ । ମନର ସମସ୍ତ ଦୁଃଶ୍ଚିନ୍ତା ଉଭେଇ-ଗଲା । ସଖିକୁ କୌଣସି ମତେ ସନ୍ଦେହ କରିଯାଇ ପାରେନା । ସଖି ସକାଳର କାକର ପରି ପବିତ୍ର, ସ୍ୱଚ୍ଛ । ସେଥିରେ ଆବିଳତା ଆସି ପାରେନା ।

ଅମଳ ଚୁପ୍ ରହିଲା !

ଅନିତା ଡେପୁଟି ମନୋଜକୁ ବିବାହ କରି ସମ୍ବଲପୁର ଚାଲିଗଲା । ବିବାହ ପୂର୍ବରୁ ଅନିତା ଆସି ଭାଇ ଆଉ ଭାଉଜଙ୍କୁ ଅନେକ ଅନୁରୋଧ କରିଥିଲା ବାହାଘରକୁ ଯିବାପାଇଁ । ଅମିଳ କିନ୍ତୁ ତା' ଅନୁରୋଧକୁ ରଖି ପାରିଲା ନାହିଁ । ଯେଉଁ ଘର ତା' ପାଇଁ ବନ୍ଦ ହୋଇ ଯାଇଛି, ସେଠିକି ସେ କେମିତି ଯିବ ? ସୁମତି ଅନେକ ବୁଝେଇଲା ତାକୁ । ତେବେବି ତା'ର ମନ ଚହଲିଲା ନାହିଁ । ସେଇ ଏକା ଜିଦ୍ । ଯେତେଦିନ ଯାଏଁ ତା'ର ବାପ ମା ଆସି ସୁମତିକୁ ତାଙ୍କର ବୋହୂ ଭାବରେ ଗ୍ରହଣ ନ କରିଛନ୍ତି ସେତେଦିନ ଯାଏଁ ସେ ଆଉ 'ସ୍ୱର୍ଗପୁରୀ' ହତା ମାଡ଼ିବ ନାହିଁ । କେହି ଆସିଲେ ନାହିଁ । ସେ ବି ଗଲା ନାହିଁ ।

ବିବାହ ଦିନ ଅମିଳର ମନ କାନ୍ଦି ଉଠିଲା । ଗୋଟିଏ ବୋଲି ଭଉଣୀ ଅନିତା । ସେ କେତେ ଭଲ ପାଉଥିଲା ତାକୁ ! ସେ ବିଦା ହୋଇ ଯିବ ଅଥଚ ସେ କିଛିହେଲେ କରି ପାରିବନି । ଅମିଳ ବିବେକକୁ ଏହା ବାରମ୍ବାର ଆଘାତ କଲେହେଁ ସେ ଅଟଳ ରହିଲା ନିଜ କଥା ଉପରେ ।

ଆଉଥରେ ପୁଣି ଅମିଳ ନିଜ ବିବେକକୁ ବଳି ଦେଇଥିଲା ନିଜ ପ୍ରତିଜ୍ଞା ପାଖରେ । ତା ମା' ସାଂଘାତିକ ବେମାରରେ ପଡ଼ିଥିବା ଖବର ପାଇଲା ସେ କିନ୍ତୁ ଗଲାନି । ସୁମତିକୁ ମଧ୍ୟ ଅନୁମତି ଦେଲାନାହିଁ ଯିବାକୁ । ଶେଷରେ ମା' ମରିଗଲେ ।

ଛଅ ମାସ ବିତିଗଲା ଏହା ଭିତରେ ।

ଦିନେ...

ସଖି ଏକେଲାଁ ଯାଇଥାଏ ବାହାଘରେ ନିମନ୍ତ୍ରଣ ରକ୍ଷା କରିବାକୁ । ଅମିଳ କେତେକ ଅସୁବିଧାବଶତଃ ଯାଇ ନଥାଏ ।

ଗୃହକର ହାତ ମଳି ମଳି ଆସି ଛିଡ଼ାହେଲା ଅମଳ ପାଖରେ ।

—କଣ ଗୋପାଳ ?···ସେ ପଚାରିଲା ସେମିତି ବହି ଉପରେ ଦୃଷ୍ଟିଦେଇ ।

—ଆଜ୍ଞା···!···

—କଣ କହ !···ଅମଳ ବହି ଉପରୁ ମୁହଁ ଉଠାଇ ଗୋପାଳକୁ ପଚାରିଲା ।

—ଆଜ୍ଞା···ଦୋଷ କ୍ଷମା କରିବେ । ଅନେକ ଦିନହେଲା ଆପଣଙ୍କୁ କହିବି ବୋଲି ଭାବୁଥିଲି । କିନ୍ତୁ ଭୟ୍ଁ ଯୋଗୁ—

—ଏତେ ବ୍ୟାଖ୍ୟା କରିବା ଦରକାର ନାହିଁ, ଚଞ୍ଚଳ କହ ତୁ କଣ କହିବାକୁ ଚାହୁଁ । ଅମଳ ବହିରଖି ତାକୁ ଅନେଇଲା ।

—ଆଜ୍ଞା, ମା'ଙ୍କର ହାବ ଭାବ ଦେଖି ମୋର···

—ଗୋପାଳ !···ଅମଳ ଚିତ୍କାର କରି ଉଠିଲା ରାଗରେ ।

—ମୋତେ କହିବାକୁ ଦିଅନ୍ତୁ ଆଜ୍ଞା । ଆଜି ଯେମିତି ହେଉ ଆପଣଙ୍କୁ ସବୁ କହିବି । ଆପଣଙ୍କର ଅଇଁଠା ଖାଇ ମୁଁ ନିମକ ହାରାମ ହେବିନି ଆଜ୍ଞା । ଗଲା ଦଶମାସ ହେଲା ମୁଁ ଯାହା ଆଖିରେ ଦେଖିଛି ତାହାହିଁ କହିବାକୁ ଆସିଛି ।···ଗୋପାଳ ଦମ୍ଭଧରି କହିଗଲା ଗୋଟିଏ ନିଶ୍ୱାସରେ ।

—ତୁ କଣ କହିବାକୁ ଚାହୁଁ ?

—ପ୍ରତିଦିନ ରାତି ଅଧରେ ମୁଁ ଦେଖେ ମା ବଗିଚାର ସେଇ ବଡ଼ ଆମ୍ବଗଛ ମୂଳକୁ ଯାଆନ୍ତି । ଆଉ ସେ ଯିବା ସମୟ ପରେ ଜଣେ ଯୁବକ ଆସେ । ଦିହେଁ ଅନେକ ସମୟ ଧରି କଥାବାର୍ତ୍ତା ହୁଅନ୍ତି । ତା'ପରେ ଯୁବକଟି ଫେରିଯାଏ ।···ଗୋପାଳ ଗୋଟିଏ ନିଶ୍ୱାସରେ କହି ହଠାତ୍ ଅଟକିଗଲା ।

ଏଇ ଭିତରେ ଅମଳ ରାଗରେ ଲାଲ ହୋଇ ଯାଇଥିଲା । କିନ୍ତୁ ତା' ପାଟିରୁ କିଛି କଥା ବାହାରିଲା ନାହିଁ । ସେ ପର ମୁହୂର୍ତ୍ତରେ ନିଜକୁ ସଂଯତ କରି ନେଇ କହିଲା—ତୁ ସତ କହୁଛୁ ଗୋପାଳ ? ଏହାର ପ୍ରମାଣ ତୁ ଦେଇପାରିବୁ ?

—ପ୍ରମାଣ ମୁଁ କଣ ଦେବ ଆଜ୍ଞା ? ଆପଣ ଇଚ୍ଛାକଲେ ନିଜେ ଏହାର ପ୍ରମାଣ ପାଇ ପାରିବେ । ଆଜି ରାତି ଆପଣ ବଗିଚାକୁ ଆସି ଦେଖନ୍ତୁ । ମୋ କଥା ଯଦି ସତ ନହୁଏ ତେବେ ଆପଣ ଯାହା ଇଚ୍ଛା ତାହା ଶାସ୍ତି ଦେବେ—

କିଛି ସମୟ ଅମଳ ଗୋପାଳକୁ ନିରେଖି ଚାହିଁଲା । ତା' ପରେ କହିଲା—ଆଚ୍ଛା ତୁ ଯା । ଏ କଥା ଆଉ କାହାକୁ କହିବୁନି । ଆଜି ରାତିରେ ମୁଁ ଦେଖିବାକୁ ଯିବି ।

ଗୋପାଳ ସେଠାରୁ ଚାଲିଗଲା ମୁହଁ ତଳକୁ କରି । ଅମଳ ମୁଣ୍ଡରେ ଚିନ୍ତାର ଝଡ଼ ଛୁଟିଲା । ତେବେ କଣ ସଷ୍ଟା ଆଉ କାହାକୁ ଭଲ ପାଉଛି ? ଆଜିଯାଏଁ ସେ ସଷ୍ଟାଠାରୁ ଯେଉଁ ପ୍ରେମ ଆଉ ସମ୍ମାନ ପାଇ ଆସୁଥିଲା ସେ ସବୁ ମିଥ୍ୟା ଆଉ ଛଳନାପୂର୍ଣ୍ଣ ? ସେ କଣ ଏତେ ବିଶ୍ୱାସଘାତକତା କାମ କରିପାରେ ! ସେ ଦୁଇ ହାତରେ ମୁଣ୍ଡକୁ ଚାପିଧରି ବସିଗଲା ସୋଫା ଉପରେ ।

ସୁମଷ୍ଟା ଫେରିଲା ।

—ଏମିତି କଣ ବସିଛ ? କଣ ଭାବୁଛ ?···ସୁମଷ୍ଟା ଅମଳର ଭାବାନ୍ତର ଦେଖି ପଚାରିଲା ।

—ଓଃ, ତମେ ଆସିଗଲ ?···ଅମଳର କଥାରେ ଆଗ୍ରହ ନଥିଲା ପରି ଜଣାଗଲା ।

—ଆଜି ତମର କଣ ହେଇଛି ?···ସୁମନ୍ତର ଗଳା କରୁଣ ହୋଇ ଆସିଲା । ସେ ବୁଝି ପାରୁନଥିଲା ଅମଳର ବ୍ୟସ୍ତତାର କାରଣ ।

ଅମଲ ସୁମନ୍ତକୁ ଚାହିଁଲା । ତା'ର ବ୍ୟସ୍ତତାକୁ ପରୀକ୍ଷା କଲା । ସବୁଥିରେ ସେ ଯେମିତି ପାଇଲା କୃତ୍ରିମତା । ସୁମନ୍ତ ତା ଆଗରେ ଅଭିନୟ କରୁ ନାହିଁତ ?

—କହିବନି ମୋତେ ?···ସୁମନ୍ତ ମିନତି କଲା ।

—କିଛି ନାହିଁ ସନ୍ତି, ମୋର କିଛି ହୋଇନି । ତୁମେ ଯାଅ, ଲୁଗାପଟା ବଦଳ । ରାତି ହେଲାଣି ।···ବିରକ୍ତି ମିଶା କଣ୍ଠରେ କହିଲା ଅମଲ ।

—ନାହିଁ, ତୁମେ କୁହ କ'ଣ ହୋଇଛି ତୁମର ! ଅଭିମାନ କରିଛ ?

ଅମଲ ନୀରବ ରହିଲା ।

—କହିବନି···?···ସୁମନ୍ତ ପୁଣି ଅନୁନୟ କଲା ।

ଅମଲର କିନ୍ତୁ ମନ ବଦଳିଲା ନାହିଁ । ସେ ଚେଷ୍ଟା କରୁଥିଲା ନିଜକୁ ସଂଯତ କରିବା ପାଇଁ । ସୁମନ୍ତ ପ୍ରତି ଏପରି କଠୋର ବ୍ୟବହାର ସେ କେବେ କରିନି । ଏଣୁ ଏପରି ଅଭିନୟ କରିବା ତା ପକ୍ଷେ ଯେ କେତେ କଷ୍ଟକର ହେଉଥିଲା, ତାହା ଅନୁଭୂତି ସାପେକ୍ଷ । ସେ ନିଜ ଦୁର୍ବଳତା ପ୍ରତି ସଜାଗ ରହି କହିଲା—ମୋର କିଛି ହୋଇନି ସତି । ହଠାତ୍ କାହିଁକି ମୁଣ୍ଡଟା ବିନ୍ଧିଲା, ସେଥିପାଇଁ କିଛି ଭଲ ଲାଗୁନି !

ବେଳେବେଳେ ଅମଲର ମୁଣ୍ଡ ବିନ୍ଧିବା କଥା ସୁମନ୍ତ ଜାଣେ । ଏଣୁ ଏ ପରିସ୍ଥିତିରେ ମୁଣ୍ଡବିନ୍ଧା ଛଳନା ସୁମନ୍ତ ସନ୍ଦେହ କଲାନି । ସୁମନ୍ତ ସାଙ୍ଗେ ସାଙ୍ଗେ ଅମଲ ପାଖକୁ ଆସି କହିଲା--ଚାଲ ଶୋଇବ, ଟିକିଏ ଅଞ୍ଜନ ଘଷି ଦେବି ।

ଅମଲର ହାତ ଧରି ସେ ଟାଣି ଆଣିଲା ଶୋଇବା କୋଠରୀକୁ । ଅମଲର ମଥାକୁ କୋଳ ଉପରେ ରଖି ସୁମନ୍ତ ଅଞ୍ଜନ ଘଷିବାକୁ ଲାଗିଲା । •

ଅମଳ ଚୁହିଁଲା ସୁମନ୍ତକୁ । ସ୍ନେହ ଆଦରର ପ୍ରତିମୂର୍ତ୍ତୀ ସୁମନ୍ତ । ସେମିତି ସୁନ୍ଦର ହସ ହସ ମୁହଁ । ସବୁଦିନକାର ସେଇ ପ୍ରେମବୋଳା ଆଳାପ । କେଉଁଥିରେ ହେଲେ ପରିବର୍ତ୍ତନ ଦେଖିଲାନି ସେ ।

ଏଇ ପବିତ୍ର ମୂର୍ତ୍ତି କେବେ ତା'କୁ ବିଶ୍ୱାସଘାତକତା କରିପାରେ ?

ପୁଣି ଭାବାନ୍ତର ସୃଷ୍ଟି ହେଲା ଅମଳର । ତେବେ ଗୋପାଳ ଯାହା କହିଲା ସବୁ କଣ ମିଛ ? ସତୀ ଚରିତ୍ର ବିରୁଦ୍ଧରେ ଅଭିଯୋଗ ଆଣିବାର କାରଣ କଣ ! ସୁମନ୍ତ, ଘରର ପ୍ରତ୍ୟେକଙ୍କୁ ନିଜର ଆତ୍ମୀୟ ପରି ବ୍ୟବହାର କରେ । ଗୋଟିଏ ପରିବାରର ସନ୍ତାନ ପରି ସେ ସମସ୍ତଙ୍କୁ ଦେଖେ । ଗୋପାଳକୁ ମଧ ସେ ତା'ର ସାନଭାଇ ପରି ବ୍ୟବହାର କରେ ! ସେ ସବୁବେଳେ ବିରାଦ ଦିଏ ହସ ହସ ମୁହଁରେ, କୋମଳ ଗଳାରେ କହେ, ଆଦେଶ ଦିଏନି କେବେ । ଏଣୁ ସତୀ ପ୍ରତି ଏପରି ଅନ୍ୟାୟ କରିବା କେତେଦୂର ଯୁକ୍ତିଯୁକ୍ତ ଅମଳ ଭାବି ପାରିଲା ନାହିଁ । ସେ ସୁମନ୍ତର ଗାଲୁଳିଟିରେ ମୃଦୁ ଚାପ ଦେଇ ଡାକିଲା—ସତି !

ସୁମନ୍ତ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଅନେଇଲା ଅମଳକୁ । ଅମଳ କିନ୍ତୁ ଆଉ କିଛି କହିପାରିଲା ନାହିଁ । ତାର କଣ୍ଠରୋଧ ହୋଇ ଆସିଲା । ସୁମନ୍ତର ହସ ହସ ମୁହଁରେ କୁଆଡ଼ି ହେଲେ କୃତ୍ରିମତା ସେ ଦେଖି ପାରିଲାନି । ଏପରି ପବିତ୍ର ଜିନିଷକୁ ଆବିଳତା ସ୍ପର୍ଶ କରିପାରେନା ।

—କଣ ଦେଖୁଛ ଏତେ ?···ଲାଜେଇ ଗଲା ସୁମନ୍ତ ।

ସୁମନ୍ତର ଲାଜ ଦେଖି ଅମଳ ହସିଲା । ନବବିବାହିତ ବଧୂପରି ସୁମତିର ସହଜ ମୁହଁଟି ଭଲ ଲାଗିଲା ଅମଳକୁ । ତାର ପୁଞ୍ଜୀଭୂତ ବେଦନା ସବୁ କୁହୁକ ପରି ନିମିଷକେ ମିଳାଇଗଲା ।

ରାତି ଅଧରେ ହଠାତ୍ ଅମଳାର ନିଦ ଭାଙ୍ଗିଗଲା । ଦେଖିଲା ପାଖରେ ସୁମନ୍ତି ନାହିଁ । ମାରବରେ ସେ ପଲଙ୍କ ଉପରୁ ଉଠି ଆସିଲା । ତା'ର ମନେ ପଡ଼ିଲା ଗୋପାଳର କଥା । ଶିହରି ଉଠିଲା ସନ୍ଦେହରେ । ଘନୀଭୂତ ହୋଇ ଆସିଲା ତା'ର ଆଶଙ୍କା । ପାଦ ତା'ର ଆଗେଇଲା ବଗିଚ୍ଚ ଆଡ଼କୁ ।

ନିର୍ମଳ ଆକାଶରେ ତାରାଗୁଡ଼ିକ ଚକ୍ ଚକ୍ କରୁଥାନ୍ତି । ଗୃହଦଗ ଅନ୍ଧାର ଆଉ ନିଃଶବ୍ଦ । ଗୋପାଳ ଯେମିତି କହିଥିଲା ସେ ସେମିତି ଗଲା ବଗିଚ୍ଚର ସେଇ ଆମ୍ବଗଛ ଆଡ଼କୁ । ଆମ୍ବ ଗଛର କିଛି ଦୂରରେ ଥାଇ ସେ ସ୍ପଷ୍ଟ ଦେଖିପାରିଲା ଦୁଇଟି ଛାୟା ମୂର୍ତ୍ତିକୁ । ତା'ର ସନ୍ଦେହ ଦୂର ହେଲା । ସେଇ ଦୁଇଟି ଛାୟା ମୂର୍ତ୍ତିରୁ ସେ ଅନୁମାନ କରିନେଲା, ସେଥିରୁ ଜଣେ ସୁମନ୍ତି । କିନ୍ତୁ ଆଉ ଜଣେ କିଏ ସେ ଜାଣି ପାରିଲା ନାହିଁ । ତେବେ ସେ ଯେ ଜଣେ ଯୁବକ ଏଥିରେ ତାର ସନ୍ଦେହ ରହିଲା ନାହିଁ ।

ସେ ଏମିତି ଗୋଟିଏ ସ୍ଥାନରେ ଆସି ଛିଡ଼ାହେଲା, ଯେଉଁଠି ସେ ସବୁ କିଛି ଦେଖି ପାରିବ ଆଉ ଶୁଣି ପାରିବ କିନ୍ତୁ ତାକୁ କେହି ଦେଖି ପାରିବ ନାହିଁ ।

—ଏମିତି କେତେଦିନ ତୁମ ସାଙ୍ଗେ ଦେଖା କରୁଥିବି ? ସୁମନ୍ତି କହିଲା ।

ମୁଁ ଆଉ କଣ କରି ପାରିବି ସୁମ ? ତୁମ୍ଭ ଜାଣୁ ତୋତେ ଦିନେ ନ ଦେଖିଲେ ମୁଁ ଶାନ୍ତିରେ ରହି ପାରିବିନି । ତୁ ସୁଖରେ ଅଛୁ ଏତିକି ଜାଣିଲେ ମୋର ଆନନ୍ଦ । ଉତ୍ତର ଦେଲା ଯୁବକଟି ସୁମନ୍ତିର ମଥା ଉପରେ ହାତ ଥୋଇ ।

—ଥରେ ଆସି ତାଙ୍କ ସାଙ୍ଗେ ଦେଖା କରୁନ କାହିଁକି ? ତୁମେ ବୋଧେ ଜାଣିନ, ସେ କେତେ ଭଲ ଆଉ କେଡ଼େ ଉଦାର ।

ତୁମକୁ ଦେଖିଲେ ସେ ନିଶ୍ଚୟ ଖୁସି ହେବେ ଭାଇ !···କହିଲା ସୁମନ୍ତ । କିନ୍ତୁ ସୁମନ୍ତ ଏହା କହିବା ପୂର୍ବରୁ ଅମଳ ସେଠାରୁ ଅପସରି ଯାଇଛି । ତା'ର ଆଉ ଧୈର୍ଯ୍ୟ ନ ଥିଲା ଏମାନଙ୍କର ଆଳାପ ଶୁଣିବାକୁ । କ୍ରୋଧ ଏବଂ ଗ୍ଲାନିରେ ତା'ର ମନ ଅସ୍ଥିର ହୋଇ ଉଠିଥିଲା । ତାକୁ ଜଣାଗଲା, ସେ ଆଉ କିଛି ସମୟ ଯଦି ସେଠି ଛିଡ଼ା ହୋଇଥାନ୍ତା, ସେ. ପାଗଳ ହୋଇ ଯାଇଥାଆନ୍ତା ।

ଯେଉଁ ସୁମନ୍ତକୁ ସେ ବିଧବାରୁ ପୁଣି ସଧବା କରିଛି, ଆଉ ଯେଉଁ ସୁମନ୍ତକୁ ସେ ତା'ର ଜୀବନଠୁଁ ଅଧିକ ଭଲ ପାଉଥିଲା ସେଇ ସୁମନ୍ତ ଯେ ତା' ଆଖିରେ ଧୂଳି ଦେଇ ଏମିତି ବିଶ୍ୱାସ-ଘାତକତା କରିବ ସେତ କେବେ ଏହା କଳ୍ପନା କରି ନ ଥିଲା ।

ଭଗ୍ନକ୍ଳାନ୍ତ ମନରେ ସେ ଶୋଇବା ଘରକୁ ଫେରି ଆସି ଅପେକ୍ଷା କଲା ସୁମନ୍ତକୁ । ପନ୍ଦର ମିନିଟ ପରେ ସୁମନ୍ତ ଫେରି ଆସିଲା ।

ଅନୀଲ ଲକ୍ଷ୍ୟକଲା, ସୁମନ୍ତ ବିବ୍ରତ ହୋଇ ପଡ଼ିଛି ତାକୁ ଏମିତି ପଲଙ୍କ ଉପରେ ବସିଥିବା ଦେଖି ।

ସୁମନ୍ତର ପ୍ରବେଶ ସାଙ୍ଗେ ସାଙ୍ଗେ ଅମଳ କହିଲା—ଅଭିସାର ଶେଷ ହୋଇଗଲା ସୁମନ୍ତ ଦେବୀ ? କିନ୍ତୁ ଏତେ ତରବର ହେବା କଣ ଆବଶ୍ୟକ ଥିଲା, ଆଉ କିଛି ସମୟ ପ୍ରେମାଳାପ କରିଥିଲେ ହୋଇଥାନ୍ତା ବରଂ ସେଥିରେ ଅଧିକ ଆନନ୍ଦ ଆଉ ସୁଖ ମିଳିଥାନ୍ତା ।···ବ୍ୟଙ୍ଗଭରା ସ୍ୱରରେ କହିଲା ଅମଳ ।

ବସ୍ତୁତଃରେ ହତବାକ୍ ହୋଇଗଲା ସୁମନ୍ତ ଅମଳର ଏ ପ୍ରକାର ମନ୍ତବ୍ୟରେ ।

—ଆହା···ହା···ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଏଥିରେ । ମୁଁ ସବୁ ଦେଖିଛି···

ବିବାହ ପରେ ପ୍ରଥମଥର ସେ ଅମୀଲ ମୁହଁରୁ 'ସୁମନ୍ତି' ସମ୍ବୋଧନ ଶୁଣିଲା । ବିବାହର ପ୍ରଥମ ମିଳନ ବାସର ରାତିରେ ସେ ତା'ର ପ୍ରିୟତମଠାରୁ ଆଖ୍ୟା ପାଇଥିଲା 'ସଖି' । ଅମୀଲର ଏଇ ଡାକଟିରେ ସେ ବିବାହିତ ଜୀବନର ପରମ ସୁଖ ଉପଭୋଗ କରେ ।

—ଆଉ ଆତ୍ମଗୋପନ କରିବାର ଆବଶ୍ୟକତା ନାହିଁ । ପ୍ରେମିକଟି କିଏ ଜାଣି ପାରେ କି ?

—ତେବେ ତମେ ସବୁ ଦେଖିଛ !···ନମ୍ର ଅଥଚ ଦୃଢ଼ କଣ୍ଠରେ କହିଲା ସୁମନ୍ତି ।

—ହୁଁ ! ଅନେକ ଦିନପରେ ଆଜ ସେ ସୁଯୋଗ ପାଇଲି ।

—ଆଜଯାଏଁ ତମେ ମୋତେ ସନ୍ଦେହକରି ଆସୁଥିଲ ନା ? ମୋର ଚରିତ୍ରପ୍ରତି ତୁମର ତେବେ ବିଶ୍ବାସ ନଥିଲା । ମୁଁ ଚରିତ୍ରହୀନା, ଏଇଆ ତୁମେ ପ୍ରମାଣ କରିବାକୁ ଚାହୁଁଛ ?···ପଚାରିଲା ସୁମନ୍ତି ।

—ତାହା ଆଜ ପ୍ରମାଣିତ ହୋଇ ଯାଇଛି । ଆଜଯାଏ ମୋ ଆଖିରେ ଧୂଳିଦେଇ ଯେଉଁ ଅଭିନୟ କରୁଥିଲ ତା'ର ଶେଷ ହୋଇଛି । ଯାହାକୁ ମୁଁ ମୋର ଜୀବନର ସର୍ବସ୍ବ ବୋଲି ଭାବି ବାପା, ମା' ଜ୍ଞାତି କୁଟୁମ୍ବକୁ ଛାଡ଼ିଛି ସେ ଯେ ମୋ ସହିତ ଏଭଳି ପ୍ରତାରଣା କରିବ, ତାହା ମୁଁ ସ୍ବପ୍ନରେ ସୁଦ୍ଧା ଭାବି ନ ଥିଲି ସୁମନ୍ତି । କିନ୍ତୁ ତାହା ଆଜ ସତ୍ୟରେ ପରିଣତ ହୋଇଛି ।

—ଏ ତୁମେ ସବୁ କଣ କହି ଯାଉଛ ? ଅମୀଲର ଖୁବ୍ ନିକଟକୁ ଆସି ସୁମନ୍ତି ବ୍ୟଥାଭରା କଣ୍ଠରେ ତା'ର ପ୍ରତିବାଦ କଲା ।

—ଯାହା ଦେଖିଛି ତାକୁ କେମିତି ମୁଁ ଅବିଶ୍ବାସ କରିବି ସୁମନ୍ତି ?···ଅମୀଲ କହିଲା । କିଛି ସମୟ ପରେ ସେ ପୁଣି କହିଲା—

ତୁମର ଯଦି ଏ ଉଦ୍ଦେଶ୍ୟ ଥିଲା ମୋତେ ବିବାହ ନ କରିଥିଲେ ତ ହୋଇଥାନ୍ତା ।

—ଅମଳବାବୁ !···ଚିତ୍କାର କରି ଉଠିଲା ହଠାତ୍ ସୁମିତ୍ରା । ଅନ୍ତର ଭିତରୁ ଉଠି ଆସୁଥିବା କୋହକୁ ସେ ଆଉ ଚାପି ରଖି ପାରିଲା ନାହିଁ । ପିଲାଙ୍କ ପରି କାନ୍ଦି ଉଠିଲା ଦୁଇ ପାପୁଲିରେ ମୁହଁ ଢାଙ୍କି ।

—ମୋର ଆଉ କିଛି କହିବାକୁ ନାହିଁ । ତୁମେ ଯଦି ମୋ ପାଖରେ ସୁଖୀ ନୁହଁ ତେବେ ତୁମେ ଯାହା କରିବାକୁ ଚାହିଲେ ବି ମୁଁ କିଛି ଆପତ୍ତି କରିବି ନାହିଁ । ତୁମଠାରୁ ମୁଁ କୌଣସି କୈଫିୟତ ଦାବୀ କରୁନି । ତୁମେ ଶିକ୍ଷିତା, ବୁଦ୍ଧିମତୀ । ତୁମର ସ୍ୱାଧୀନ ମତ ଅନୁଯାୟୀ ତୁମେ ତୁମର ଗନ୍ତବ୍ୟପଥ ଠିକ୍ କରିପାର । ମୁଁ ବାଧା ଦେବିନି ସୁମିତ୍ରା । କିନ୍ତୁ ଏତିକି ଦୁଃଖ ରହିଗଲା, ମୁଁ ତୁମକୁ ସୁଖୀ କରି ପାରିଲି ନାହିଁ ।··· ଶେଷ କେଇପଦ କହିଲାବେଳେ ଅମଳର ଗଳା ଥରି ଉଠିଲା ।

ସୁମିତ୍ରା ଆଉ ସମ୍ଭାଳି ପାରିଲା ନାହିଁ । ଅମଳର ପାଦ ତଳେ ଲୋଟି ପଡ଼ି କାନ୍ଦି କାନ୍ଦି କହିଲା, ମୋତେ ଭୁଲ ବୁଝନି । ମୋତେ ତୁମଠାରୁ ଦୂର କରନି ।···

—ସୁମିତ୍ରା !···ପାଟି କରି ଉଠିଲା ଅମଳ ।

—ବିଶ୍ୱାସ କରୁନା ? ମୁଁ ଦୁଶ୍ଚରିତ୍ରା, କୁଳଟା···ଏୟା ତମର ଦୃଢ଼ ଧାରଣା ?

ଆଉ କିଛି ଶୁଣିଲା ନାହିଁ ଅମଳ । ଶୋଇବାକୁ ଚେଷ୍ଟାକଲା । ସେ ଯାହା ନିଷ୍ପତ୍ତି କରିଛି, ସେଥିରୁ ଆଉ ତିଳେହେଲେ ଟଳିବ ନାହିଁ । ସୁମିତ୍ରା କାନ୍ଦି କାନ୍ଦି କେତେବେଳେ ଚୁପ୍ ହୋଇଗଲା ଅମଳ ଜାଣି ପାରିନି ।

କିନ୍ତୁ ସକାଳେ ଆସି ଚାକର ଯେତେବେଳେ କହିଲା—ମା ଘରେ ନାହାନ୍ତି—ତା ଅନ୍ତର ଥରାଇ ଗୋଟାଏ ଦୀର୍ଘ ନିଶ୍ୱାସ ବାହାରି ଆସିଲା । ମୁହୂର୍ତ୍ତେ କାଳ ସେ ମୁହ୍ୟମାନ ହୋଇଗଲା । ସତେ କ'ଣ ସଞ୍ଜୁ ଚାଲିଗଲା ? ସେ ଯେପରି ବିଶ୍ୱାସ କରି ପାରୁ ନ ଥିଲା, ସଞ୍ଜୁ ଏପରି ନିଷ୍ଠୁର ହୋଇପାରେ ବୋଲି ।

ନିତ୍ୟକର୍ମ ସାରି ସେ ଯେତେବେଳେ ଟେବୁଲ ପାଖକୁ ଯାଇଁ ଦେଖିଲା ଟେବୁଲ ଉପରେ ତା' ନାଆଁରେ ଖଣ୍ଡିଏ ବନ୍ଦ ଲଫାପା ରଖାହୋଇଛି । ଚିଠି ଖୋଲି ପଢ଼ିଲା ଅମଳ ବ୍ୟଗ୍ରତା ସହକାରେ ।

ଆରାଧ୍ୟ ଦେବତା !

ମୁଁ ଯାଉଛି । ଯେଉଁଠି ମୋର ରହିବାର ଆଉ ଅଧିକାର ନାହିଁ ସେଠି ମୁଁ ଆଉ କାହିଁକି ରହିବି ? ତୁମେ ହୁଏତ ମୋତେ ଭୁଲିଯିବ କିନ୍ତୁ ମୁଁ ତ ତୁମକୁ କେବେ ଭୁଲି ପାରିବି ନାହିଁ । ଯାହାଠୁ ଏତେ ସ୍ନେହ, ଶ୍ରଦ୍ଧା, ପ୍ରେମ, ଅନୁରାଗ ପାଇଛି ତାଙ୍କୁ ମୁଁ କେମିତି ଭୁଲି ପାରିବି ? ତୁମରି ସ୍ମୃତିକୁ ପାଥେୟ କରି ବିଦାୟ ନେଉଛି ।

ତୁମରି ରକ୍ତର ସନ୍ତାନ ଗର୍ଭରେ ଧରି ଆଜି ତୁମଠାରୁ ଚାଲି ଯିବାକୁ ହେଲା । ତାର ଭବିଷ୍ୟତ କଣ ହେବ କହି ପାରୁନି । ମା' ହୋଇ ସନ୍ତାନର ହତ୍ୟା କରିବାକୁ ସାହସ ହେଉନି । କିନ୍ତୁ ମୁଁ ନାଚାର । ମୋପରି ବ୍ୟଭିଚାରିଣୀ ଦୁନିଆରେ ବଞ୍ଚି ରହିଲେ ଦୁନିଆ କଳଙ୍କିତ ହୋଇଯିବ । ଏଣୁ ମରଣହିଁ ମୋର ଶ୍ରେୟସ୍କର ।

କିନ୍ତୁ ଏଇ ଦୁନିଆରୁ ବିଦାୟ ନେବା ପୂର୍ବରୁ ମୁଁ ତୁମକୁ ସବୁ କଥା ଖୋଲି କହି ଦେବାକୁ ଚାହେଁ ! ମୋ କଥା ସତ କି ନା, ତା'ର ପ୍ରମାଣ ଦେବାକୁ ମୋ ପାଖରେ କିଛି ନାହିଁ । ହଁ ଏତିକି ମୁଁ କହିପାରେ, ଯାହା ମୁଁ କହିବାକୁ ଯାଉଛି ତା'ର ସତ୍ୟତା

ପାଇଁ ମୁଁ ଜୋର ନଦେଲେ ମଧ୍ୟ ମୋର ଦେବଭୁଲ୍ୟ ଭାଇ ତା'ର ପ୍ରମାଣ ହୁଏତ ଦିନେ ଦେଇ ପାରିବେ ।

ମୁଁ ନିଶ୍ଚୟ ଭୁଲ କରିଛି । ତମର ଅନୁମତି ନ ନେଇ ରାତି ଅଧରେ ଅନ୍ୟ ପୁରୁଷ ସହିତ ଦେଖା କରିବା କେବଳ ଭୁଲ ନୁହେଁ, ପାପ ମଧ୍ୟ, ସେ ଯିଏ ହଉନ୍ତୁ ନା କାହିଁକି । କିନ୍ତୁ ମୋର କୌଣସି ଉପାୟ ନଥିଲା । ଅନେକଥର ଭାବିଛି ମୁଁ ତୁମକୁ ସବୁ କହିଦେବି । କିନ୍ତୁ ମୋର ଶପଥ ମୁଁ ଭାଙ୍ଗି ପାରୁନଥିଲି । ଶପଥ କରିଥିଲି, ଏଇ ଦୁନିଆ ତାଙ୍କର ପରିଚୟ 'ଜାଣିବା ପୂର୍ବରୁ ମୁଁ ଏଇ ସଂସାରରୁ ବିଦାୟ ନେଇ ସାରିଥିବି । ଆଜି ଆଜି ମୋର ଶପଥ ମୁଁ ରଖିବାକୁ ଚେଷ୍ଟା କରୁଛି ।

ଆମେ ଦିହେଁ ଗୋଟିଏ ରକ୍ତର ଭାଇ ଭଉଣୀ । କିନ୍ତୁ ତଫାତ୍ ଏତିକି, ସେ ଜନ୍ମ ହୋଇଥିଲେ ମା ବାପାଙ୍କ ବିବାହ ପୂର୍ବରୁ ଆଉ ମୁଁ ଜନ୍ମ ହୋଇଥିଲି ବିବାହ ପରେ । ଷୋଳ ବର୍ଷର ବିଚ୍ଛେଦ ପରେ ଆମ ଭାଇ ଭଉଣୀର ପରିଚୟ ହୋଇଥିଲା । ମୃତ୍ୟୁ ପୂର୍ବରୁ ମା ଦିନେ ଭାଇଙ୍କ ସାଙ୍ଗେ ମୋର ପରିଚୟ କରାଇ ଦେଇଥିଲା । ସେତେବେଳେ ସେ କହିଥିଲା ତା'ର ଜୀବନ ବୃତ୍ତାନ୍ତ । ଯୌବନର କ୍ଷଣିକ ଉନ୍ମାଦନା ଯୋଗୁ ସେ ଜନ୍ମ ହେଇଥିଲା । ବାପା ମା' ବିବାହପୂର୍ବରୁ ପ୍ରଣୟାସକ୍ତ ଥିଲେ । ଭାଇଙ୍କର ଜନ୍ମ ପରେ ବାପା ବିବାହ କଲେ ମା'ଙ୍କୁ । ସେତେବେଳେ ସମାଜ ଜାଣି ପାରିନଥିଲା । କିନ୍ତୁ ବିବାହ ପରେ ସମାଜରେ ବାପା ମା ଭାଇଙ୍କୁ ଅପତ୍ୟ ସ୍ନେହରୁ ବଞ୍ଚିତ କଲେ ପାଖରୁ ଦୂରେଇ ରଖି । ସେ ଗୋଟିଏ ବୋଡ଼ିଂରେ ରହି ପଢ଼ାପଢ଼ି କଲେ । ମା ମରିବା ପୂର୍ବରୁ ଆମର ପରିଚୟ କରି ଦେଇଥିଲା । ସେତେବେଳେ ମୋତେ ଶପଥ କରିବାକୁ ହୋଇଥିଲା ଯେ ମୁଁ ଭାଇଙ୍କର ପରିଚୟ କେବେ

ପ୍ରକାଶ କରିବନି ବୋଲି । ବାପାଙ୍କର ମାନ ମହତ୍, ଗୃହକଥାର ଇଜତ ଖାତିରରେ ଭାଇଙ୍କର ପରିଚୟ ଗୋପନ ରଖିବାକୁ ହେଲା । ଆଜିମଧ୍ୟ ମୋର ବାପା ମାଙ୍କର ଆଶଙ୍କା ହେଉଥିଲା ଯଦି ଭାଇଙ୍କର ପରିଚୟ ପ୍ରକାଶ ହୋଇଯାଏ ତେବେ ମୋର ବିବାହ ହୋଇ ପାରିବ ନାହିଁ । ଭାଇ ମଧ୍ୟ ନିଜ ମନକୁ କଠୋର କରି ନିଜକୁ ଦୂରରେ ରଖୁଥିଲେ । କିନ୍ତୁ ମୋର ବିବାହ ପରେ···

ଦେବତା ମୋର, ଯେଉଁଦିନ ତମେ ମୋତେ ବିଧବାରୁ ସଧବା କରିଥିଲ ସେଦିନ ମୋର ଯେତିକି ଆନନ୍ଦ ହୋଇଥିଲା ତାଠୁଁ ବେଶୀ ସୁଖ ପାଉଥିଲେ ମୋର ଭାଇ । ଆନନ୍ଦରେ ଉନ୍ମାଦ ହୋଇ ସେ ଦୌଡ଼ି ଆସିଥିଲେ ତୁମର ପାଦକୁଇଁ ପୂଜା କରିବାକୁ । କିନ୍ତୁ ପର ମୁହୂର୍ତ୍ତରେ ନିଜର ଦୁର୍ବଳତା ପ୍ରକାଶ ପାଇବା ଆଶଙ୍କାରେ ଦୂରେଇ ଗଲେ । ବିବାହ ପରେ ତାଙ୍କ ସଙ୍ଗେ ମୋର ଦେଖା ହେବା ସମ୍ଭବ ହେଲା ନାହିଁ । ଅନେକ ଦିନ ଯାଏଁ ମୋତେ ନଦେଖି ସେ ବ୍ୟସ୍ତ ହୋଇ ଉଠିଲେ । ଅନେକଥର ତାଙ୍କୁ ଚିଠି ଲେଖି ଜଣାଇଛି ଘରକୁ ଆସି ମୋତେ ଦେଖି ଯିବାକୁ । ମୁଁ ଅନୁରୋଧ କଲି । ପ୍ରାର୍ଥନା କଲି । କିନ୍ତୁ ତୁମ ଭୟରେ ସେ ଆସିବାକୁ ସାହସ କଲେ ନାହିଁ । ତାଙ୍କର ଭୟ ହେଉଥିଲା, ତୁମେ ଯଦି ତାଙ୍କର ପରିଚୟ ଜାଣିଯାଅ ତେବେ ମୋର ଜୀବନ ଅଶାନ୍ତ ହୋଇ ଉଠିବ । ତୁମେ ହୁଏତ ମୋତେ ଘୃଣା କରିବ । ବାପା ମାଙ୍କ ନାଆଁ କଳଙ୍କିତ ହେବ । ସେଥିପାଇଁ ରାତିରେ ସମସ୍ତଙ୍କ ଅଜଣାତରେ ସେ ମୋ ସହିତ ଦେଖା କରିବାକୁ ଆସନ୍ତି ।

ରକ୍ତର ସମ୍ପର୍କ ତୁଟାଇ ପାରୁ ନଥିଲି, ଦେବତା ମୋର ! ଭଉଣୀ ହୋଇ ଭାଇଙ୍କୁ କେମିତି ଭୁଲିଯିବି ? ଯେତେଦିନ ଯାଏଁ ଭାଇଙ୍କର ମୋର ପରିଚୟ ହୋଇ ନଥିଲା, ମୁଁ କିଛି ଅନୁଭବ

କରି ନଥିଲି । କିନ୍ତୁ ଯେଉଁଦିନ ଆମ ଦୁହିଁଙ୍କର ମିଳନ ହେଲା ସେଇ ଦିନଠୁ ସେ ମୋର ସହସ୍ର ଅନୁରାଗ, ମମତା, ଭକ୍ତି ଛଡ଼ାଇ ନେଲେ । ତାଙ୍କଠୁ ଦୂରରେ ରହିବା ଭଳି ଶକ୍ତି ମୋର ଆଉ ରହିଲା ନାହିଁ । ବର୍ତ୍ତମାନ ତୁମେ ବିଚାର କରିବ, ଭାଇଙ୍କ ସଙ୍ଗେ ଦେଖାକରି ମୁଁ କି ଅପରାଧ କରିଛି ।

ପରିବାରର ଗୁପ୍ତକାହାଣୀ ତୁମକୁ ନ କହି ବିଶ୍ୱାସଘାତକତା କରିଛି । ଆଜି ତୁମକୁ ସବୁ କହି ମୋର ଦୋଷୀ ମନକୁ ହାଲୁକା କରି ଦେଉଛି । ଏହା ଭିତରେ ତୁମ ମନରେ ମୋ ପ୍ରତି ଘୃଣା ଦ୍ୱିଗୁଣ ହୋଇଥିବ । ତୁମ ପ୍ରେମରୁ ବଞ୍ଚିତ ହେବା ମୋର ଦୁର୍ଭାଗ୍ୟ । ଯେତିକି ସୁଖ ତୁମପରି ଦେବତୁଲ୍ୟ ସ୍ୱାମୀଙ୍କଠାରୁ ମୁଁ ପାଇଛି ସେତିକହିଁ ମୋର ଏଇ କଳଙ୍କିତ ଜୀବନ ମୋ ପାଇଁ ତୁମେ ସବୁ ତ୍ୟାଗ କରିଛ । ମୋର ସୁଖ ପାଇଁ ତୁମେ ସମାଜରେ ଏକ ନୂଆ ଆଦର୍ଶ ଦେଖାଇଛ । ଏହାଠୁଁ ଅଧିକ ସୁଖ ମୁଁ ଆଉ କାହାଠୁଁ ପାଇବି ? ଏ ଆଶା କେବେ ମୋର ନଥିଲା !

ଶେଷରେ ମନେ ମନେ ତୁମ ପାଦଧୂଳି ମଥାରେ ମାରି ବିଦାୟ ନେଉଛି ଚିରଦିନ ପାଇଁ ତୁମଠାରୁ । ମୋର ସବୁ ଦୋଷ କ୍ଷମା କରିବ ।

ତୁମର ଅସତୀ 'ସତୀ'

—ସତି !···ଅସ୍ପଷ୍ଟ ସ୍ୱରରେ ଚିତ୍କାର କରି ଉଠିଲା ଅମାଳ । ମନ ତା'ର ବ୍ୟାକୁଳ ହୋଇ ଉଠିଲା ସୁମତି ପାଇଁ ।

ସୁମତି ଅସତୀ ନୁହେଁ···ସୁମତି କୁଳଟା ନୁହେଁ···ଏହା ହୃଦୟଙ୍ଗମ କରିବାକୁ କିଛି ବାକି ରହିଲା ନାହିଁ ତାର । ତାକୁ ସନ୍ଦେହ କରି ମହା ଅପରାଧ କରିଛି ସେ । ସୁମତି ଯଦି ଆତ୍ମହତ୍ୟା କରେ, ଗୋଟିଏ

ଦୋଷରେ ନୁହେଁ, ଦୁଇ ଦୁଇଟି ପ୍ରାଣୀର ହତ୍ୟା ଦୋଷରେ ଅଭିଯୁକ୍ତ ହେବ ସେ । ସଖି ବିନା ଦୁନିଆ ତାକୁ ବିଷମୟ ବୋଧହେଲା ।

ପରେ ଯେତେବେଳେ ଅମଳ ପ୍ରକୃତିସ୍ଥ ହେଲା ସେ ପୋଲିସ ଷ୍ଟେସନରେ ଖବର ଦେଲା ସୁମନ୍ତିର ଅନ୍ତର୍ଦ୍ଧାନ କଥା।

ଦୁଇଦିନ ଧରି ମାନସିକ ଅଶାନ୍ତି ଅମଳ ଜୀବନକୁ ବିପର୍ଯ୍ୟସ୍ତ କରି ତୋଳିଛି । ଏ ଝଞ୍ଜା ହୁଏ ତ ତା ଜୀବନରେ ଅନେକ କିଛି ଓଲଟ ପାଲଟ କରିଦେବ ।

ପୋଲିସ ଖବର ଦେଇଛି । ଗୋଟିଏ ଗର୍ଭିଣୀ ସ୍ତ୍ରୀର ଲାସ୍ ମାଲଖିପାଟପୁର ରେଲଷ୍ଟେସନର କିଛି ଦୂରରେ ମିଳିଛି । ସ୍ତ୍ରୀ ଲୋକଟି ଗାଡ଼ି ତଳେ ପଡ଼ି ଆତ୍ମହତ୍ୟା କରିଛି । ଲାସ୍‌ଟି ଏମିତି ବିକୃତ ହୋଇ ଯାଇଛି ଯେ ପୋଲିସ ତା'ର ପରିଚୟ ପାଇ ପାରୁନି । ଅମଳ ଏ ସମ୍ବାଦ ପାଇ ସଙ୍ଗେ ସଙ୍ଗେ ପୋଲିସ ଷ୍ଟେସନକୁ ଦୌଡ଼ିଲା ।

ଲାସ୍‌କୁ ଚିହ୍ନି ହେଉନି । କିନ୍ତୁ ସେ ଲାସ୍‌କୁ ଦେଖି ଚମକି ଉଠିଲା ସେ । ଠିକ୍ ସୁମନ୍ତି ପରି ତା'ର ଶରୀରର ଗଠନ । ସୁମନ୍ତି ଛଡ଼ା କିଏ ଆଉ ଏ ହୋଇପାରେ ?

ସୁମନ୍ତି ତେବେ ଶେଷରେ ଆତ୍ମହତ୍ୟା କଲା ! ସେ ଆଉ ଲାସ୍‌କୁ ଅନେଇ ପାରିଲା ନାହିଁ । ମୁହଁ ତଳକୁ କରି ବିଷଣ୍ଣ ମନରେ ଲେଉଟି ଆସିଲା ଥାନାରୁ । ସୁମନ୍ତି ଏତେ ସୁନ୍ଦର, ଏତେ ପ୍ରେମଶୀଳା ହୋଇ ଏତେ କଠୋର ହୋଇପାରେ ବୋଲି କଳ୍ପନା କରି ପାରୁ ନ ଥିଲା ସେ । ଆଜି ନାରୀ ହୃଦୟର ବାସ୍ତବ ପରିଚୟ ସେ ପାଇଲା ।

—ସତି ଏ ସଂସାରରୁ ବିଦାୟ ନେବାର ଆଜିକୁ ଦେଢ଼ବର୍ଷ ହୋଇଗଲା ମାଳା !......

ଅମଳ ମାଳାକୁ ତା ଅତୀତ ଜୀବନର କାହାଣୀ କହୁଥିଲା । ମାଳା ତନ୍ମୟ ହୋଇ ସବୁ ଶୁଣୁଥିଲା । ବାବୁଲ ତା କୋଳରେ ଶୋଇ ଯାଇଛି । ବାବୁଲକୁ ସେ ଚାହିଁଲା । ବାବୁଲଠୁଁ ଦୃଷ୍ଟି ଫେରାଇ ଚାହିଁଲା ଅମଳକୁ ।

ଅମଳ କାନ୍ଥରେ ଝୁଲା ହୋଇଥିବା ସୁମିତ୍ରର ଫଟୋକୁ ଚାହିଁ କଣ ଭାବୁଛି । ଆଖି ଓଦା ହୋଇ ଆସୁଛି ସୁମିତ୍ରର ସ୍ମୃତିରେ ।

ମାଉବତୀ ଜଳି ଯାଇଛି ବଖରାରେ । ରାତି ଦଶଟାରୁ ଅଧିକ ହେଲାଣି । ସମୟ ନେଇ କେହିହେଲେ ସଚେତ ନ ଥିଲେ । ଶାନ୍ତନୁ ଯେତେବେଳେ ଖାଇବାକୁ ଡାକିଲା, ଦୁହେଁ ସଚେତ ହେଲେ । ମାଳା ବାବୁଲକୁ ଧରି ତଳ ମହଲାକୁ ଚାଲି ଆସିଲା ।

ଦୁଇଦିନ ପରେ……

ସନ୍ଧ୍ୟାବେଳେ ସମୁଦ୍ର କୂଳରୁ ଫେରି ସେ ମାଳା କୋଠରୀ-ଆଡ଼େ ପାଦ ବଢ଼ାଇଲା । ତଳ ମହଲାର ଗେଷ୍ଟେଇ ଘରଠୁଁ କିଛି ଦୂରରେ ଦୁଇଟି ବଖରା । ଗୋଟିଏ ବଖରାରେ ରହେ ମାଳା, ଆଉ ଗୋଟିଏ ବଖରାରେ ରହେ ଶାନ୍ତନୁ । ମାଳା ଏଠାରେ ଅନେକ ଦିନ ହେବ ରହିଲେହେଁ ସେ ତା କୋଠରୀକୁ କେବେ ଆସିନି । ଆଜି ତାର ପ୍ରବଳ ଇଚ୍ଛା ହେଲା ମାଳା ପାଖକୁ ଯାଇ ଆଳାପ କରିବାକୁ । କିନ୍ତୁ ମାଳାର ବଖରା ନିକଟରେ ତା'ର ପାଦ ଅଟକିଗଲା ଭିତରୁ ପୁରୁଷର କଣ୍ଠସ୍ୱର ଶୁଣି । ହତବାକ୍ ହୋଇ ଠିଆହେଲା ସେ । ସୁଜିତ ଏଠାକୁ କେମିତି ଆଉ କେତେ-ବେଳେ ଆସିଲା ସେ ଧାରଣା କରି ପାରିଲା ନାହିଁ ।

ମାଳା ଦୃଢ଼ ଆଜ କଠୋର ସ୍ୱରରେ କହୁଛି, ତୁମର ଏଇ କଥାକୁ ମୁଁ ଭୟ କରୁନ ସୁଜିତ ! ମୋର ପରିଚୟ ତୁମେ ଅମାଳ-ବାବୁଙ୍କୁ ଜଣାଇ ଦେଇ ପାର । ମୁଁ ଜାଣେ ଅମାଳବାବୁ ମୋର କିଛି ଅନିଷ୍ଟ କରିବେ ନାହିଁ । ତୁମ ପରି ସେ ଏତେ ହୀନ ଆଉ ମାତ ନୁହନ୍ତି ।

—ମାଳା !···ଚିତ୍କାର କରି ଉଠିଲା ସୁଜିତ । —ଜାଣ ମୁଁ ବର୍ତ୍ତମାନ ତୁମକୁ କଣ କରିପାରେ ? ଏଠି ତୁମର ଚିତ୍କାର ଶୁଣିବାକୁ କେହି ନାହାନ୍ତି । ମୋ କଥା ମାନିଯାଅ ମାଳା । ମୁଁ ତୁମକୁ ବିବାହ କରିବାକୁ ପ୍ରସ୍ତୁତ । ···ଶେଷ କେଇପଦ କଥା ସୁଜିତ ଅନୁନୟ ସ୍ୱରରେ କହିଲା ।

—ବିବାହ ! ଖୁବ ସହଜରେ କହି ପାରୁଚ ଏ କଥା ? ଯେତେବେଳେ ଏଇ ବିବାହ ନେଇ ବାପା ତୁମକୁ କେତେ ଅନୁନୟ କରିଥିଲେ, ସେତେବେଳେ ତୁମେ ଘରୁ ତଡ଼ି ଦେଇ-ନ ଥିଲ, ସେତେବେଳେ ତୁମେ ତୁମ ବାପାଙ୍କ ଅନୁରୋଧ ମଧ୍ୟ ରଖି ଥିଲ । ମାଳା ସେତେବେଳେ ଗୋଟିଏ ଗରିବ କିରାଣୀ ଝିଅ ଥିଲା । ମାଳାର ରୂପ ନ ଥିଲା । ତା'ର ସଭ୍ୟ ସମାଜ ଭିତରେ ଚଳିବା ଭଳି ଶକ୍ତି ନ ଥିଲା । ସେତେବେଳେ ପ୍ରିୟଦେବୀଙ୍କ ରୂପ ତୁମକୁ ପାଗଳ କରିଥିଲା । ···ସୁଜିତ, ତୁମେ ଦିନେ ଶପଥ କରିଥିଲ ବାପା ଯେଉଁଦିନ ମୋର ବିବାହ ପ୍ରସ୍ତାବ ନେଇ ତୁମ ପାଖକୁ ଯିବେ, ସେତେବେଳେ ତୁମେ ସମ୍ମତ ହେବ ବୋଲି, କୁଆଡ଼େ ଗଲା ସେଇ ଶପଥ ? ତୁମକୁ ବିଶ୍ୱାସ କରି ତୁମକୁ ଭଲ ପାଇଥିଲି । ତୁମର ଭୁଲାଣିଆ କଥାରେ ଭାସି ଯାଇ ତୁମ ପାଦତଳେ ମୋର ଜୀବନକୁ ଅଜାଡ଼ି ଦେଇଥିଲି । ଶେଷରେ ମୋର ସବୁ ଦୁର୍ବଳତାର ସୁଯୋଗ ନେଇ ମୋତେ ତୁମେ ବାସି ଫୁଲପରି ପାଦରେ

ଦଳି ଦେଲ । ଆଜି ବର୍ତ୍ତମାନ ଆସୁଛ ମାଳାକୁ ବିବାହ କରିବାକୁ ? ପ୍ରିୟଦେବୀଙ୍କ ପ୍ରତି ତୁମର ମୋହ ଭାଙ୍ଗି ଗଲା ବୋଧେ ? ସୁଶିକ୍ଷିତା ସଭ୍ୟା ନାରୀ ପରି ସେ ଏ ଆଧୁନିକ ଯୁଗର ? ତାଙ୍କୁ ତୁମେ ବିବାହ କଲେ ଜୀବନରେ କେବଳ ସୁଖୀ ହେବନି ରୂପ ସାଙ୍ଗେ ଅଜସ୍ର ଐଶ୍ୱର୍ଯ୍ୟର ବି ଅଧିକାରୀ ହେବ···ବ୍ୟଙ୍ଗଭରା ଗଳାରେ କହିଲା ମାଳା ।

—ଆଜି କୁହନି ମାଳା, ମୁଁ ଖୁବ୍ ଶିକ୍ଷା ପାଇଲିଣି । ସେଥି-ପାଇଁ ଅନୁତାପ କରୁଛି···ସେ ସବୁ କହି ମୋତେ କହି ଆଉ କଷ୍ଟ ଦିଅନି ।

—ଅନୁତାପ ! କିନ୍ତୁ ସୁଜିତ, ମାଳା ବର୍ତ୍ତମାନ ଆଉ ତୁମର ହୋଇ ରହି ନାହିଁ । ସେ ଅନ୍ୟର ହୋଇ ସାରିଛି ।···

—ମାଳା ! ବିସ୍ମୟରେ କିଛିକ୍ଷଣ ସୁଜିତ ଚାହିଁ ରହିଲା ମାଳାକୁ ।—ତାହା କଦାପି ହୋଇ ପାରିବ ନାହିଁ । ତୁମେ ମୋର ।···ସେ ଉତ୍କ୍ଷିପ୍ତ ପ୍ରାୟ ମାଳା ଆଡ଼କୁ ଆଗେଇଲା । ଭୟରେ ଶିହରି ଉଠିଲା ମାଳା । ସୁଦୃଢ଼ ହୋଇ ଠିଆ ହୋଇ କହିଲା—ମୋ ପାଖକୁ ଆସନା ସୁଜିତ ! ମୋତେ ତୁମେ ଛୁଇଁ ପାରିବନି । ସୁଜିତ···

—ସୁଜିତ !···ଅମିଳ କୋଠରୀ ଭିତରେ ହଠାତ ପ୍ରବେଶ କରି କଠୋର କଣ୍ଠରେ ଡାକିଲା ।

ସୁଜିତ ଆଉ ମାଳା ଚମକି ଉଠିଲେ ଅମିଳର ଆଦେଶରେ । ସୁଜିତର ପାଦ ଅଟକି ଗଲା । ମାଳା ମୁହଁରେ ହସ ଉକୁଟି ଉଠିଲା । ସ୍ୱସ୍ତିରେ ନିଶ୍ୱାସ ମାରି ସେ ଭଗବାନଙ୍କୁ ମନେ ମନେ ପ୍ରଣାମ କଲା ।

ଅମଳ ସୁଜିତ୍ ଆଗକୁ ଆସି ଘୃଣିତ ଦୃଷ୍ଟିରେ ତାର ସର୍ବାଙ୍ଗ ଦେଖି ନେଇ କହିଲା—ସୁଜିତ, ତୋତେ ମୁଁ ମୋ ଜୀବନର ଶ୍ରେଷ୍ଠ ବନ୍ଧୁ ବୋଲି ଭାବିଥିଲି । ଯେଉଁଦିନ ତୋର ହୀନ ଚକ୍ରାନ୍ତ ଧାତ୍ରିଦେବୀଙ୍କ ଚରିତ୍ରକୁ ଛୁଇଁ ପାରିଲା ସେଇ ଦିନଠୁ ମୋର ତୋ ପ୍ରତି ସବୁ ବିଶ୍ୱାସ ତୁଟି ଯାଇଥିଲା । ତେବେ ବି ମୁଁ ତୋତେ କ୍ଷମା ଦେଇଥିଲି । କିନ୍ତୁ ଆଜି ପୁଣି ତୋର ମାଳା ପ୍ରତି ଏ ଧରଣର ବ୍ୟବହାର ଦେଖି ମୋର ତୋ ପ୍ରତି ଯେଉଁ ସହାନୁଭୂତି ଟିକିକ ଥିଲା ତାହାବି ଲୋପ ପାଇଲା । ତୁ ଭୁଲି ଯାଉଛୁ ସୁଜିତ, ନାରୀ ହୃଦୟକୁ ଜୋର ଜବର-ଦସ୍ତି ଜୟ କରାଯାଏନା । ବଜାରର ପଣ୍ୟଦ୍ରବ୍ୟ ପରି ଟଙ୍କାରେ କିଣା ଯାଏନା ତାର ପ୍ରେମ ଓ ହୃଦୟ । ଭଲ ପାଇବା ଆଉ ତ୍ୟାଗ ବିନିମୟରେ ନାରୀକୁ ଜୟ କରାଯାଇ ପାରେ···ତୁ ଏବେ ଯାଇପାରୁ । ଆଉ କେବେ ଯେପରି ଏ ଘରେ ତୋର ପାଦ ନ ପଡ଼େ ।

ପ୍ରତିବାଦ କଲାନି ସୁଜିତ । ଅମଳର ଆଦେଶରେ ନୀରବରେ ସେ କୋଠରୀରୁ ବାହାରିଗଲା ।

କିଛି ସମୟ ବାତାବରଣ ନୀରବ ହୋଇଗଲା । କାହା ମୁହଁରୁ କିଛି କଥା ସ୍ଫୁରିଲା ନାହିଁ । ମାଳା ତଳକୁ ମୁହଁ କରି ଠିଆ ହୋଇ-ଥାଏ ଆଉ ଅମଳ ଶୋଇଥିବା ବାବୁଲିକୁ ଚାହିଁ କଣ ଭାବୁଥାଏ । ହଠାତ୍ ବାବୁଲିଠୁ ମୁହଁ ଫେରାଇ ମାଳାର ନିରୀହ ମୁହଁକୁ ଚାହିଁ ସେ ଡାକିଲା— ମାଳା !

ମାଳା ପ୍ରକୃତିସ୍ଥ ହୋଇ ଅନାଇଲା ଅମଳକୁ ।

—ସୁଜିତକୁ ତୁମେ ଆଗରୁ ଜାଣିଥିଲ ମାଳା ?···ପଚାରିଲା ଅମଳ ।

ମୁଣ୍ଡ ହଲାଇ ହଁ ଭରିଲା ମାଳା ।

—ତୁମର ତା ସାଙ୍ଗେ ବିବାହ ହେବାର ପ୍ରସ୍ତାବ ଥିଲା ? ତୁମେ ତାକୁ ଭଲ ପାଉଥିଲ ?

ନୀରବରେ ହଁ କଲା ମାଳା ଆଖି ଛଳଛଳ କରି ।

ମାଳାର ଦୁଃଖ ବୁଝି ପାରିଲା ସେ । କିନ୍ତୁ ସମୟ ତୁନି ରହି ପୁଣି ପଚାରିଲା—ପୁଣି ଗୋଟିଏ ପ୍ରଶ୍ନର ଉତ୍ତର ଚାହେଁ । କହିବ ?

—ପ-ଚା-ରି-ନ୍ତୁ । ମାଳା ଚାହିଁଲା ଅମଳକୁ ।

—ତୁମର ସ୍ୱାମୀ କିଏ ?

ମାଳା ଏ ପ୍ରଶ୍ନରେ ଟିକିଏ ବିବ୍ରତ ହୋଇ ପଡ଼ିଲା । ତାପରେ ଧୀରେ କହିଲା—ମୁଁ ଅବିବାହିତା ।

ଚମକି ଉଠିଲା ଅମଳ ।—ଅବିବାହିତା ? ତେବେ ବାବୁଲି କିʼଣ···?

—ବାବୁଲି ମୋର ସନ୍ତାନ ନୁହେଁ । ଆଜଯାଏଁ ଆପଣଙ୍କ ପାଖରେ ଯାହା ଗୋପନ ରଖିଛି ତାହା ଆଜି ପ୍ରକାଶ ନକରି ଉପାୟ ନାହିଁ । ମୋତେ କ୍ଷମା କରନ୍ତୁ, ମୁଁ ଆପଣଙ୍କୁ ମିଛ ପରିଚୟ ଦେଇ ଏ ଘରେ ରହିଛି । ମୋର ଉଦ୍ଦେଶ୍ୟ ନଥିଲା କାହା ସହିତ ବିଶ୍ୱାସଘାତକତା କରିବା ଅମଳ ବାବୁ ! ପରିସ୍ଥିତି ମୋତେ ଏଠାକୁ ଟାଣି ଆଣିଛି !···କହି ଅନ୍ତର ତଳୁ ଉଠି ଆସୁଥିବା କୋହକୁ ଥରେ ଚାପି ନେଲା ମାଳା ।

ଅମଳ ମାଳା ପାଖକୁ ଯାଇ ତାʼର ମୁଣ୍ଡ ଉପରେ ହାତ ବୁଲାଇ ସାନ୍ତ୍ୱନା ଦେଇ କହିଲା—ମୋଠୁ କ୍ଷମା ଚାହିଁବା କିଛି ଆବଶ୍ୟକ ନାହିଁ ମାଳା । ତୁମେତ ସେମିତି କିଛି ଗୁରୁତର ଅପରାଧ କରିନା, ଯେଉଁଥିପାଇଁ ମୁଁ କ୍ଷମା ଦେବି । କୁହ ମାଳା, ବାବୁଲି କିଏ, ସେ କାହାର ?

ମାଳା ଅନେଇଲା ଅମଳକୁ । ଅମଳର ଦୃଷ୍ଟି ସଂଶୟାଚ୍ଛନ୍ନ । ସେ ଦୃଷ୍ଟି ଆନତ କଲା । ତାପରେ ଧୀରେ ଧୀରେ କହିଲା— ବାବୁଲି ଆପଣଙ୍କର ଅମଳବାବୁ !

—ମାଳା !···ସେ ବିଶ୍ୱାସ କରି ପାରିଲା ନାହିଁ ମାଳାର କଥାକୁ । ବାବୁଲି ତାର ? ଅସମ୍ଭବ ! ସୁମତି ଆତ୍ମହତ୍ୟା କଲାଣି ଅନେକ ଦିନୁ । ତା ଗର୍ଭର ସନ୍ତାନ ଆସିଲା କୁଆଡ଼ୁ ?

ଅମଳର ଭାବାନ୍ତର ଦେଖି ମାଳା ପୁଣି କହିଲା—ବାବୁଲି ଆପଣଙ୍କର । ସୁମତିର ସନ୍ତାନ ବାବୁଲି । ବିଶ୍ୱାସ କରନ୍ତୁ ମୋତେ ! ···ଦୃଢ଼ ଅଥଚ କୋମଳ ସ୍ୱରରେ କହିଲା ମାଳା ।

—ଓଃ ମାଳା, ମୁଁ କେମିତି ବିଶ୍ୱାସ କରିବି ? ସିଏ ସନ୍ତାନକୁ ଗର୍ଭରେ ଧରି ଆତ୍ମହତ୍ୟା କଲାଣି କେବେଠୁ । ମୁଁ ନିଜେ ଦେଖିଛି ତାର ଶବକୁ । ମୋ ଆଖିକୁ ମୁଁ କେମିତି ଅବିଶ୍ୱାସ କରିବି ମାଳା ?

—ସୁମତି ମରିନି ଅମଳ ବାବୁ ···

—ମାଳା !···ଆଶ୍ଚର୍ଯ୍ୟରେ ଚିତ୍କାର କରି ଉଠିଲା ଅମଳ ।

—ମୁଁ ମିଛ କହୁନି । ସୁମତି ବଞ୍ଚିଛି ଅମଳ ବାବୁ, । ଏଇ ଦେଖନ୍ତୁ, ସେ ଆଜି ମୋତେ ଚିଠି ଦେଇଛି ।···ଟ୍ରଙ୍କରୁ ଖଣ୍ଡିଏ କାଗଜ ଆଣି ବଢ଼ାଇ ଦେଲା ମାଳା ।

ଅମଳ ଉଦ୍‌ଭ୍ରାନ୍ତ ହୋଇ ଚିଠିଟି ଗୋଟିଏ ନିଃଶ୍ୱାସରେ ପଢ଼ିଗଲା···

ଆଦରର ମାଳା,

ବାବୁଲିକୁ ଅନେକ ଦିନ ହେଲା ନଦେଖି ମନଟା ଭାରି ଗୋଳେଇ ଘାଣ୍ଟି ହେଉଛି । ସେ କେମିତି ଅଛି, କଣ କରୁଛି ଜାଣିବାକୁ ମୁଁ ଯେତେ ବ୍ୟଗ୍ରଥିଲେ ବି ତୁ ମୋତେ କିଛି ଜଣାଉନୁ । ସତରେ

କଣ ବାବୁଲକୁ ମୋଠୁଁ ଛଡ଼ାଇ ନେବାକୁ ଚାହୁଁଛୁ ? ଅବଶ୍ୟ ତୋର ଅଧିକାର କରିବା ଅନ୍ୟାୟ ନୁହେଁ । କିନ୍ତୁ ମା ହୋଇ ମୁଁ କେମିତି ଥୟ ଧରିବି ? ଦିହେଁ ମିଶି ଯମ ଦ୍ୱାରକୁ ଯାଉଥିଲୁଁ । ତୁ ଆମ ଦିହିଁଙ୍କୁ ଯମଠୁଁ ଟାଣି ଆଣି ରଖିଛୁ ଏଇ ସଂସାରରେ ଆହୁରି ତିଳ ତିଳକରି କ'ଣ ମାରିବା ପାଇଁ ! ଏୟା କଣ ତୋର ଉଦ୍ଦେଶ୍ୟ ? ଭଉଣୀଟି ମୋର, ତୁ ଆଉ କାହିଁକି ନିଜକୁ କଷ୍ଟ ଦେଉଛୁ ଏଇ ଅଭାଗିନୀଟି ପାଇଁ ? ମୁଁ ଜାଣେ, ତାଙ୍କର ମନ କେବେ ବଦଳିବ ନାହିଁ । ସେ ମୋର ମୁହଁ ଚାହିଁବେନି ବୋଲି ଶପଥ କରିଛନ୍ତି । ମୋ ପରି ଜଣେ ଦୁଶ୍ଚରିତା, ଅସତୀକୁ ସେ ମନରୁ ପୋଛି ଦେଇ-ଥିବେ । ତୁ ଯେତେ ଚେଷ୍ଟା କଲେବି କିଛି ଲାଭ ହେବନି ମାଳା । ହଁ, ତୁ ଯଦି ତାଙ୍କୁ ଭଲ ପାଇଥିବୁ ଏ ଭିତରେ ଆଉ ସେ ଯଦି···; ଭୁଲ ବୁଝିବୁନି ମୋତେ, ମୋ ରାଣଟି । ତୁମ ଦିହିଁଙ୍କର ସୁଖ ଦେଖିଲେ ମୁଁ ବି ସୁଖୀ ହେବି । ଆଉ ସମସ୍ତଙ୍କଠୁ ସୁଖୀ ହେବ ମୋ ବାବୁଲ ।

ଗତ ଦଶଦିନ ହେଲା ମୋ ଦେହ ଭଲ ନାହିଁ । କେମିତି ଖରାପ ଲାଗୁଛି ସବୁବେଳେ । ହୁଏତ ମୁଁ ଆଉ ବଞ୍ଚିବି ନାହିଁ । ଏ ଯାତ୍ରାରୁ ମୋତେ ଆଉ କେହି ରଖି ପାରିବେ ନାହିଁ । ଶେଷ ମୁହୂର୍ତ୍ତରେ ତାଙ୍କର ପାଦ ଧୂଳି ଟିକିଏ ମଥାରେ ମାରି ପାରିଲେ ଶାନ୍ତି ପାଆନ୍ତି···ଛାଡ଼ ସେ କଥା, ମୋଭଳି ହତଭାଗିନୀର ସେ ଭାଗ୍ୟ କାହିଁ ? ତେବେ ବାବୁଲକୁ ମଧ୍ୟ କଣ ଶେଷ ମୁହୂର୍ତ୍ତରେ କୋଳରେ ଟିକିଏ ଧରି ପାରିବି ନାହିଁ ? ସେ ଆଶା କଣ ମୋର ପୂରଣ କରିବୁନି ମାଳା ? ଏ ଚିଠି ପାଇ ତୁ ବାବୁଲକୁ ଧରି ଶୀଘ୍ର ଆ । କେବଳ ଗୋଟିଏ ଦିନପାଇଁ । ତା'ପରେ ତୁ ସବୁଦିନ ପାଇଁ ତାକୁ ନେଇ ତାଙ୍କ ପାଖରେ ସୁଖରେ ରହ, ଏତିକି ମୋର ମିନତି ।

ତୋ ବାପା ମଧ୍ୟ ତୋତେ ଅନେକ ଦିନ ହେଲା ନ ଦେଖି ବ୍ୟସ୍ତ ହେଉଛନ୍ତି । ତାଙ୍କ ଦେହ ଭଲଅଛି । ଭାଇ ସମୟ ସମୟରେ ଆସି ମୋତେ ଦେଖି ଯାଉଛନ୍ତି ।

ଆଉ କଣ ଲେଖିବି ମାଲା ? ଚିଠି ପାଇ ତୁ ଯେମିତି ହେଉ ବାବୁଲିକୁ ଧରି ଚାଲିଆ । ବାବୁଲିକୁ ମୋର ସହସ୍ର ଚୁମା ଦେଇ ବିଦାୟ ନେଉଛି । ମୋର ସ୍ନେହାଶିଷ ତୁ ନେବୁ । ତାଙ୍କୁ ମୋ ପାଇଁ ତୁ ପାଦତଳେ ମଥା ଥୋଇ ମୋର ପ୍ରଣାମ ଜଣାଇ ଦେବୁ ମାଲା, ଏତିକି ମୋର ଅନୁରୋଧ ।

ତୋର ହତଭାଗିନୀ
ଭଉଣୀ ସୁମ

ଅମଲର ହାତ ଥରି ଉଠିଲା । ଚିଠିଟି ତଳେ ପଡ଼ିଗଲା-ବେଳେ ସେ ନିଜକୁ ସଂଯତକରି ଦୌଡ଼ିଗଲା ବାବୁଲି ପାଖକୁ । ବାବୁଲିକୁ ଉଠାଇ ଚାପି ଧରିଲା ଛାତିରେ । ତା' ପରେ ତା'ର ଦୁଇ ଗାଲରେ ଅଜାଡ଼ି ଦେଲା ଅଜସ୍ର ସ୍ନେହ ଚୁମ୍ବନ ।

—ସଖି ମୋତେ ଯାହା ଦଣ୍ଡ ଦେଇଛି ତା'କୁ କମ୍ ବୋଲି ଭାବି ତୁମେ ମୋତେ ଆହୁରି କଷ୍ଟ ଦେବାକୁ ଚାହୁଁଛ ନା ? ଏତେ ଦିନ ଯାଏଁ ତୁମେ ମୋତେ ପରୀକ୍ଷା କରୁଥିଲ ମାଲା ?···ଅମଲର ସ୍ୱର ଥରି ଉଠିଲା ।

—ମୋତେ ବିଶ୍ୱାସ କରନ୍ତୁ, ଆପଣଙ୍କର ଦୁଃଖ ଦେଖି ମୁଁ କେବେ ଖୁସି ହୋଇ ନଥିଲି । ସୁମତିକୁ ମୁଁ କଥା ଦେଇ ଆସିଥିଲି ଅମଲବାବୁ, ତା' ଖବର କେବେ ଆପଣଙ୍କୁ ଦେବିନି । ବାବୁଲି ଆପଣଙ୍କର, ଆପଣଙ୍କର ହୋଇ ତା'କୁ ରଖିବାକୁ ମୁଁ ଚେଷ୍ଟା କରିଛି । ମୋର ଉଦ୍ଦେଶ୍ୟ ବି ସଫଳ ହୋଇଛି । ବାବୁଲିକୁ ଆପଣ ନିଜର କରିଛନ୍ତି । ସେତିକି ମୋର ସାନ୍ତ୍ୱନା । କିନ୍ତୁ ଆଜି

ସୁମନ୍ତର ଚିଠି ପାଇ ମୁଁ ପାଗଳ ହୋଇଗଲି । ସୁମନ୍ତ ମୋତେ ଭୁଲ ବୁଝିଛି । ମୋର କଦାପି ସେପ୍ରକାର ଉଦ୍ଦେଶ୍ୟ ନଥିଲା ଆଉ ଏବେବି ନାହିଁ ଅମଳ ବାବୁ । ସୁମନ୍ତକୁ ମୁଁ ଭକ୍ତି କରି ଆସିଛି ପିଲାଟି ଦିନରୁ । ତା'ର ଅମଙ୍ଗଳ ମନାସିବି କିପରି ? ଚିଠିଟି ପାଇବା ପରେ ଆଜି ଆପଣଙ୍କୁ ତା'ର ବଞ୍ଚିଥିବା କଥା କହିବାକୁ ଠିକ୍ କରିଥିଲି । ମୁଁ ଆପଣଙ୍କ ପାଖକୁ ଯିବା ପୂର୍ବରୁ ସବୁ ରହସ୍ୟ ଜଣାପଡ଼ି ଗଲା ।···କହୁ କହୁ ମାଲାର ଆଖିରୁ ଗଡ଼ିଯାଇଥିଲା ଲୁହର ଗୋଟିଏ ଛୋଟିଆ ସ୍ରୋତ । ସେ ଅନେକ ଚେଷ୍ଟା କରୁଥିଲା ଦୁଃଖକୁ ଚପି ରଖିବା ପାଇଁ, ମନର କୋହ ଆଖିରୁ ପାଣି ହୋଇ ବହି ଯାଉଥିଲା ଗୋଟିଏ ସରୁ ଧାରରେ ।

ଅମଳ ଶୁଣୁଥିଲା ମାଲାର ପ୍ରତ୍ୟେକଟି କଥା । ତା'ର ଦୃଷ୍ଟି ମାଲା ଉପରେ ନଥିଲା, ସେ ଦେଖୁଥିଲା ବାବୁଲକୁ । ସୁମନ୍ତ ଆଉ ତା ରକ୍ତର ପ୍ରତୀକ ବାବୁଲ ।

—ସୁମନ୍ତ ଆତ୍ମହତ୍ୟା କରିବାକୁ ଅନେକ ଚେଷ୍ଟା କରିଥିଲା । ଆପଣଙ୍କ ପାଖରୁ ଯାଇ ସେ ମୋ ସଙ୍ଗେ ଦେଖା କଲା ଖାଲି ଏତିକି କହିବାକୁ ଯେ ସେ ଆପଣଙ୍କର ହୋଇ ଆଉ ରହିନାହିଁ । ମୁଁ ତାକୁ ଅଟକାଇ ରଖିଲି । ସନ୍ତାନର ଆଶା ଆଉ ମୋହ ତାକୁ କ୍ଷାନ୍ତ କଲା ଆତ୍ମହତ୍ୟାରୁ । କେଇଟି ମାସ ପରେ ବାବୁଲ ଜନ୍ମ ହେଲା···ମାଲା ଆଉ କହି ପାରିଲା ନାହିଁ ।

ସେଇରାତି ବାରଟାବେଳେ ପ୍ଲାଇମାଉଥ୍ କାର୍ ଛୁଟିଲା ଖୋର୍ଦ୍ଧାରୋଡ଼ ଉଦ୍ଦେଶ୍ୟରେ । ଡ୍ରାଇଭର ଡ୍ରାଇଭ କରୁଛି । ପଛ ସିଟ୍‌ରେ ମାଲା ବାବୁଲକୁ ଧରି ବସିଛି ଅମଳ ପାଖରେ । ଦୁହିଁଙ୍କ ମୁହଁରେ ଭାଷା ନ ଥିଲା । ସେ ଉଦ୍‌ବିଗ୍ନ ହୋଇ ଉଠିଥିଲା ସୁମନ୍ତକୁ ଦେଖିବାକୁ । ସୁମନ୍ତ ବଞ୍ଚିଛି ! ଅମଳ ଉପରେ ଅଭିମାନ କରି ସେ

ଆତ୍ମହତ୍ୟା କରିଥାନ୍ତା ! ଓଃ କି କଠୋର ତୁମେ ସତ ! ଏ ଟିକିକ ଭୁଲଲାଗି ଏତେବଡ଼ ଶାସ୍ତି ମତେ ଦେବାକୁ ବସିଥିଲ ।

ଏତିକିବେଳେ ମାଳା ଅନେଇଲା ଅମଳକୁ । ପଚାରିଲା—କଣ ଭାବୁଛନ୍ତି ?

—ନା, କିଛି ନାହିଁ ।

ଦିନ ପ୍ରାୟ ଗୋଟାଏ ବେଳେ ମେଲ୍ ହାଓଡ଼ା ଷ୍ଟେସନରେ ପହଞ୍ଚିଲା । ଦିହେଁ ମେଲରୁ ଓହ୍ଲାଇ ଟ୍ୟାକ୍ସିକରି ଚାଲିଲେ । ଟ୍ୟାକ୍ସି ଆସି ଅଟକିଲା ଶ୍ୟାମବଜାର ଷ୍ଟ୍ରିଟ୍‌ରେ ଗୋଟିଏ ଚ୍ଛୋଟଘର ସାମନାରେ । ଅମଳ ଏବଂ ମାଳା ଓହ୍ଲାଇ ଟ୍ୟାକ୍ସିକୁ ଆସି ବିଦାକରି ଦେଲେ ।

ଘର ବାରଣ୍ଡା ଉପରକୁ ଉଠିଲାବେଳେ ଅମଳ ଦେଖିଲା ଜଣେ ପ୍ରୌଢ଼ ସାଙ୍ଗରେ ଜଣେ ଡାକ୍ତର ଘରୁ ବାହାରି ଆସୁଛନ୍ତି ।

ପ୍ରୌଢ଼ଙ୍କୁ ଦେଖି ମାଳା ଦୌଡ଼ିଯାଇ ତାଙ୍କ ଛାତିରେ ଲାଗିଗଲା ।

—ବାପା, ଅମଳବାବୁ ଆସିଛନ୍ତି । ସୁମ କେଉଁଠି ଅଛି ବାପା ?

—ତୁ ଖୁବ୍ ଡେରିରେ ଆସିଲୁ ମା !···ଥରିଲା ଗଳାରେ କହିଲେ ପ୍ରୌଢ଼ ।

—ବାପା !···ଭୟ ଓ ଆଶଙ୍କାରେ ମାଳା ଥରି ଉଠିଲା । ଅସ୍ଥିର ହୋଇ ଉଠିଲା ଅମଳ । ତା ନିଃଶ୍ୱାସ ଯେପରି ବନ୍ଦହୋଇ ଆସିଲା । ସତ୍ତ ତେବେ କଣ······

—ଯା ଦେଖ୍ ସୁମକୁ, କଣ ହୋଇଛି ତାର ଅବସ୍ଥା । ସେ ଆଉ ବଞ୍ଚିବନି ମାଳା, ସେ ଆଉ ବଞ୍ଚିବନି···ପୌଢ଼ କହିଲେ ।

ମାଳା ସାଙ୍ଗେ ସାଙ୍ଗେ ଭିତରକୁ ଦୌଡ଼ିଗଲା ବାବୁଲିକୁ ବାପାଙ୍କ ପାଖରେ ଛାଡ଼ିଦେଇ । ଅମଳ ତାକୁ ଅନୁସରଣ କଲା ବ୍ୟଗ୍ରତା ସହିତ ।

ସୁମନ୍ତ ଶୋଇଛି ଗୋଟିଏ ଖଟରେ । ତା' ମୁଣ୍ଡ ପାଖରେ ବସିଛି ଜଣେ ଯୁବକ । ଅମଳ ଦୌଡ଼ିଯାଇ ସୁମନ୍ତର ଛାତିରେ ଲେଟିଗଲା ।

—ସନ୍ତ !···ଚିତ୍କାର କରି ଉଠିଲା ସେ । ସୁମନ୍ତ ଆଖି ଖୋଲି ଚାହିଁଲା ଅମଳକୁ । ଅଭିମାନ ଭାଙ୍ଗିନି ତା'ର । ମୁହଁ ଫେରାଇ ସେ ମାଳାକୁ ଚାହିଁ ଧୀରେ ପଚାରିଲା—ମୋ ବାବୁଲି କାହିଁ ମାଳା ?

—ସନ୍ତ !···ଡାକିଲା ଅମଳ ।

ଆଖିରୁ ଲୁହ ବିନ୍ଦୁ ଖସି ପଡ଼ିଲା ସୁମନ୍ତର । ଏହା ଭିତରେ ଯୁବକଟି ବାହାରକୁ ଚାଲି ଯାଇଛି ।

ସେଠାରୁ ଚାଲି ଯାଉଥିଲାବେଳେ ସୁମନ୍ତ ଅତି କଷ୍ଟରେ ଡାକିଲା—ମା···ଳା !

ମାଳା ଅଟକିଲା ନାହିଁ । ସେ ବି ଚାଲିଗଲା ।

—ମୋତେ କ୍ଷମା କରିବନି ସନ୍ତ ? ମୋତେ ଥରେ ଦେଖ । ତମକୁ ଛାଡ଼ି ଯେ ଦଣ୍ଡେ ବଞ୍ଚିବା କଷ୍ଟକର ।

ସୁମନ୍ତ ଅମଳର ପାଟିରେ ହାତଦେଇ ତାକୁ କହିବାକୁ ଦେଲାନି କିଛି । କେବଳ ନିର୍ନିମେଷ ନୟନରେ ଚାହିଁ ରହିଲା ତାକୁ ।

ଅମଳ ସୁମନ୍ତକୁ ଭିଡ଼ି ଧରିଲା ଛାତିରେ । ତାପରେ ସ୍ନେହ କଣ୍ଠରେ ଡାକିଲା—ସ···ନ୍ତ ! ଦୁହିଁଙ୍କ ଆଖି ଛଳ ଛଳ । କାହାରି ମୁହଁରେ କଥା ନାହିଁ । ଆଖିର ଲୁହରେ ଦୁହେଁ ଅତୀତର ଘଟଣାକୁ ଧୋଇ ଦେଉଥିଲେ ।

କଲିକତାର ବିଖ୍ୟାତ ଡାକ୍ତର ସୁମନ୍ତ ଚିକିତ୍ସା ଦାୟିତ୍ୱ ନେଲେ । କେଇଟି ଦିନ ପରେ ସେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା । ତା ଓଠରେ ପୁଣି ସେଇ ମନମତାଣିଆ ହସ ଫୁଟିଉଠିଲା । ଅମଳ ଆତ୍ମହରା ହୋଇଗଲା ସେ ହସରେ ।

ମାଳା ବାବୁଲକୁ ଧରି ଆସିଲା । କହିଲା—ସୁମ ଦେଖିଲ, ବାବୁଲ କେମିତି ଦୁଷ୍ଟ ହେଲାଣି ? ଏଠିକି ଆସିବା ଦିନରୁ ମୋ ପାଖକୁ ଆଉ ଜମା ଆସୁନି ।

ସୁମନ୍ତ ଆଉ ଅମଳ ଦେଖିଲେ ବାବୁଲକୁ । ମାଳା କାଖରୁ ଆସିବା ପାଇଁ ବ୍ୟାକୁଳ ହୋଇ ଉଠିଛି ସେ ।

ଅମଳ ଆଉ ସୁମନ୍ତ ପରସ୍ପରକୁ ଚାହିଁ ହସିଲେ । ବାବୁଲ ବୁଝିଲାଣି ମାଳା ଯେମିତି ତା'ର କେହି ନୁହେଁ ।

—ମାଳାହିଁ ବାବୁଲର ଏଇ ଦୁଷ୍ଟାମି ପାଇଁ ଦାୟୀ, ନୁହେଁ ସତ ?···ହସି ହସି କହିଲା ଅମଳ ।

—ମାଳା ଏଥିପାଇଁ ଦାୟୀ ହେବନି ତ ଆଉ ହେବ କିଏ ? କହି ମାଳା କୃତ୍ରିମ ରାଗ କରି ବାବୁଲକୁ ଧରି ଚାଲି ଯାଉଥିଲା ।

—ମାଳା ! ···ଡାକିଲା ଅମଳ ।

ମାଳା ଛିଡ଼ା ହେଲା ।

—ଶୁଣ !···

ମାଳା ଅମଳ ପାଖକୁ ଆସିଲା ମୁହଁ ତଳକୁ କରି ।

—ମାଳା ତୁମର ଭଉଣୀ ନୁହେଁ ସଖି, ସେ ମୋର ଭଉଣୀ । ମୋ ପାଇଁ ସେ ଯାହା କଷ୍ଟ ସହିଛି କିଣ ଦେଇ ସେ ଉପକାରର ପରିଶୋଧ କରିବି ମୁଁ କିଛି ଠିକ୍ କରି ପାରୁନି ସଖି । ତମେ କୁହ, ତମର ନଣନ୍ଦକୁ କଣ ଦେବ ?···

—ଅମଳ ଭା···ଇ !···ଆନନ୍ଦରେ ମାଳା ଅମଳର ଛାତି ଉପରେ ମଥା ଥୋଇ ଲାଜରେ ଆଉ ଭକ୍ତିରେ ସଂକୁଚିତ ହୋଇଗଲା ।

ପାଖରେ ବସିଥିଲା ତୁଷାରକାନ୍ତ, ସୁମନ୍ତର ବଡ଼ଭାଇ । ତା'ଙ୍କୁ ଦେଖି ସୁମନ୍ତ କହିଲା—ମୋର ତ ଭଉଣୀ ନାହାନ୍ତି । ଯଦି ତମ ଭଉଣୀଟିକ ଦିଅନ୍ତ···

—ଧେତ୍ ! ଦୌଡ଼ି ଚାଲିଗଲା ମାଳା ଲାଜରେ ଝାଉଁଳି ପଡ଼ି ।

ଅମଳ ଆଉ ସୁମନ୍ତ ଜୋରରେ ହସି ଉଠିଲେ । ତୁଷାର-କାନ୍ତ ଟିକେ ମୁରୁକି ହସିଲେ ।

ତା ପରଦିନ ମେଲରେ ଅମଳ ସୁମନ୍ତ ଓ ବାବୁଲିକୁ ଧରି ଫେରି ଆସିଲେ ପୁରୀ । ମାଳା, ତୁଷାରକାନ୍ତ ମଧ୍ୟ ତାଙ୍କର ସହଯାତ୍ରୀ ହେଲେ ।

---

ଜନ-ସାହିତ୍ୟ ପ୍ରକାଶନ ତରଫରୁ କୃଷକ ପ୍ରେସ, କଟକରେ
ବଂଶୀଧର ଭୂୟାଁଙ୍କ ଦ୍ୱାରା ସମ୍ପାଦିତ, ମୁଦ୍ରିତ ଓ ପ୍ରକାଶିତ—୧୯୫–